# ଜ ନ ର ବ

# ଜନରବ

ଯତୀନ୍ଦ୍ର କୁମାର ଦାସ

ପ୍ରକାଶକ :

**ସାହିତ୍ୟ ସଂସାର**

**ବାଙ୍କାବଜାର**

କଟକ—୨

ସଙ୍କଳକ :

**ଗୋପାଳ କାନୁନଗୋ**

ମୁଦ୍ରକ :

ପ୍ରଶାନ୍ତ କିଶୋର ଦାଶ

**କୃଷକ ପ୍ରେସ**

କଟକ—୧

ନୂତନ ସଂସ୍କରଣ

ନଭେମ୍ବର—୧୯୫୭

**ଦେଢ଼ ଟଙ୍କା**

ସୁଦୃଶ୍ୟ ବନ୍ଧାଇ : **ଦୁଇ ଟଙ୍କା**

ଏତେଥର ଡାକିବା ପରେ ବି ଉତ୍ତର ମିଳିଲା ନାହିଁ । କବାଟର କଡ଼ାକୁ ଖୁବ୍ ଜୋରରେ ହଲାଇଲା, ତଥାପି ଉତ୍ତର ନାହିଁ । ଆଉ ଥରେ ଖୁବ ଜୋରରେ କାହ୍ନୁ ଡାକିଲା, ନକୁଳ, ନକୁଳ, ସୁରବାବୁ ସୁରବାବୁ !

ଠନ୍ ଠନ୍ ହୋଇ ଏଗାର ବାଜିଲା । ସହରର ଜନ ବହୁଳ ରାସ୍ତା ନିର୍ଜନ ହୋଇ ଆସିଛି । ରାଜପଥରେ ବିଦ୍ୟୁତ୍ ଆଲୋକମାଳା ଜଳି ଚାଲିଛନ୍ତି ନୀରବ ଓ ନିଷ୍ପନ୍ଦ ଭାବରେ । ଏ ଦେହକୁ ଯଦି ବିଦ୍ୟୁତ୍ ଆଲୋକ ପରି କରାଯାଇ ପାରନ୍ତା ! ଜୀବନରେ ସବୁ ଦୁଃଖ, ସବୁ ଆନନ୍ଦ, ସବୁ ଅଶ୍ରୁ ଦେହ ଉପରେ ଚିହ୍ନ ରଖି ପାରନ୍ତା ନାହିଁ । ଦେହ ଜଳୁଥାନ୍ତା ସବୁ ଅତ୍ୟାଚାରକୁ ନୀରବରେ ସହି ସହି । କିନ୍ତୁ ଶରୀର ଏଇ ସମୟରେ ଏହିପରି ଭାବରେ କାନ୍ଦିବାକୁ ଚାହେଁ । କାହ୍ନୁ ବାରଣ୍ଡାରେ ବସି ପଡ଼ିଲା । ଭଗବାନ ଏପରି ଦୁଃଖ ଆଉ କାହାକୁ ନ ଦିଅନ୍ତୁ । ହେ ଭଗବାନ, ଏ ଦେହକୁ ଠିକ୍ କରିଦିଅ ସେଇ ଇଲେକଟ୍ରିକ୍ ବଲ୍ବ ପରି । ଏ ଦୁଃଖ ପାଇଁ ସେ କାହାକୁ ଯେପରି ଅଭିଶାପ ନ ଦିଏ ସେଥିପାଇଁ ମନରେ ଶକ୍ତି ଦିଅ ।

କାହ୍ନୁର ଆଖିରୁ ଝରି ପଡ଼ିଲା କେତେ ବିନ୍ଦୁ ଅଶ୍ରୁ । ଘୋଡ଼ାଇ ହୋଇଥିବା ଚଦରରେ ଆଖିରୁ ଲୁହ ପୋଛି ନେଲା । ନା, ଆଉ ଥରେ ଡାକିଲେ କ୍ଷତି କଣ ?

ଡାକିବାର ପ୍ରାୟ ପନ୍ଦର ମିନିଟ ପରେ ଦ୍ୱାର ଖୋଲିଲା । ସୁରବାବୁ କମ୍ବଳେଇ ଶୋଇ ପଡ଼ିଥିଲେ । ତମେ ଏତେବେଳଯାଏ

କେଉଁଠି ଥିଲ ? କାହ୍ନୁ ଘର ଭିତରକୁ ପଶି ଯାଉ ଯାଉ କହିଲା, ଖାଇସାରି ଆସୁ ଆସୁ ଡେରି ହେଲା ।

କାନ୍ଥ ସେଲ୍ଫରୁ ବିଛଣା ଆଣି ଘରର ଗୋଟାଏ କଣକୁ ପକାଇଲା । ଖଣ୍ଡେ ସପ, ମଇଳା କନ୍ଥା ଗୋଟାଏ, ଆଉ ତକିଆଟିଏ ! ସବୁ ଗୁଡ଼ାକ ଖରା । ତକିଆ ଭିତରେ ପଶିଛି ଛିଣ୍ଡା ଲୁଗା, ଗୋଟିଏ ଛିରା ମଶାରି, ସେଥିପାଇଁ ଖରା । ଆଉ କନ୍ଥାଟା ତ ଖରା ହେବା କଥା । ସୁରବାବୁ ଖଣ୍ଡେ ବାଡ଼ରେ ନିଆଁ ଲଗାଇଲେ । କାହ୍ନୁ ଆଡ଼କୁ ବାଡ଼ି ଉଠାଇଲ ଫିଙ୍ଗି ଦେଲେ । ଖରା ରାଗ ହେଉଥିଲା । କହିଦେବାକୁ ଇଚ୍ଛା ହେଉଥିଲା, ନା, ଦରକାର ନାହିଁ । ତଥାପି ଅନ୍ଧାରରେ ଅଣ୍ଡାଳି ଅଣ୍ଡାଳି କାହ୍ନୁ ବାଡ଼ି ବଢ଼ାଇଲ ଗୋଟାଇ ନେଲା ।

କେତେଦିନ ଆଉ ଏପରି ଭାବରେ କଟିବ ? ସବୁଦିନ ଖାଇ ସାରିବା ପରେ ସୁରବାବୁଙ୍କ ଦୁଆରେ ଆସି ଡାକିବା ? ସେମାନେ ହୁଏତ ଉପରେ କିଛି କହୁ ନାହାନ୍ତି । ମନେ ମନେ କ'ଣ ଭାବୁଥିବେ ସେମାନେ ? ରାତି ଅଧରେ ଏପରି ଭାବରେ ଡାକିବା କେଉଁ ଭଦ୍ରତା ଭିତରେ ଯାଏ ?

ଆଜି ମାଂସ ଝୋଲଟା କିନ୍ତୁ ବେଶ୍ ଭଲ ହୋଇଥିଲା । ଦୁଇଟା ବେଳେ କଲେଜରୁ ଫେରି ପାଣି ଏକ ଗ୍ଲାସ ପିଆ ହୋଇ-ଥିଲା । ପଇସା ସରିଗଲାଣି, ଏଣିକି ଆଉ ଜଳଖିଆ ଖାଇବାକୁ ପଇସା ନାହିଁ । କାଲି ଠାରୁ ଟାଉନ୍ ବସରେ କଲେଜ ଯିବା ବନ୍ଦ ହୋଇଯିବ । ପଇସା ନାହିଁ, ଚାଲିକରି ଗଲେ କ୍ଷତି ବା କ'ଣ ? ଉପର ପଡ଼ାରୁ କଲେଜ—ଦୀର୍ଘ ତିନି ମାଇଲ । ଖାଇସାରି ଦଉଡ଼ିବା, ବେଶ ମଜା ଲାଗିବ ଏକା ! ଖୁବ୍ ଭୋକ ହେଉଥିଲା, ମାଂସ ଝୋଲ ଆଉ ଭାତ ବେଟ୍ ତୃପ୍ତି କରି ହେଲା । ସବୁଦିନ କ'ଣ ଏପରି ମିଳି ପାରିବ ? ସେ ଦିନ ସେ କହିଥିଲା ମାଉଁକୁ, ଯଦି ଏମିତି ଗୋଟାଏ

ଶଶୁର ଘର ମିଳନ୍ତା ଯିଏ ପ୍ରତିଦିନ ମାଂସ ଖାଇବାକୁ ଦେଇପାରିବ ତାହାହେଲେ କନ୍ୟା ଅସୁନ୍ଦରୀ ହେଉ—କିଛି ବାଧା ହୁଅନ୍ତା ! ମାଂସ ଝୋଳ ବେଶ ଲାଗେ ।

ମାଂସ ଝୋଳ ପାଇଁ ଅସୁନ୍ଦରୀ କନ୍ୟାକୁ ବାହା ହୋଇ ନିଶ୍ଚିନ୍ତ ହୋଇ ପାରିବ ? ବିବାହର ଆନନ୍ଦ ରହିଛି ଖାଦ୍ୟରେ, ଐଶ୍ୱର୍ଯ୍ୟରେ ନା ଦେହରେ, ଯୌବନରେ ? ସେଦିନ ଦେବେନ୍ଦ୍ର ଆଗେ ପ୍ରତିଜ୍ଞା କରିଥିଲା, ନା ଏ ଜୀବନକୁ ଉପଭୋଗ କରିବା ଲାଗି ବିବାହର ବନ୍ଧନକୁ ସ୍ୱୀକାର କରିନେବା ଅସମ୍ଭବ । ଏ ବିବାହରେ ଜୀବନର ଉପଭୋଗ ହୋଇପାରେନା, ହେବ ଅପଭୋଗ । ତେଣୁ ଚିର ଜୀବନ କୁମାର ରହିବାକୁ ପଡ଼ିବ । ଜୀବନର ଉପଭୋଗ ପାଇଁ ନାରୀର ଆବଶ୍ୟକତା ଥାଇପାରେ, କିନ୍ତୁ ଅନେକ ସ୍ଥାନରେ ଅନାବଶ୍ୟକତା ବି ରହିଛି । କୁମାର ଜୀବନରେ କୁମାରୀର ସାହଚର୍ଯ୍ୟ ମିଳିପାରେ, କିନ୍ତୁ ଉପଭୋଗ କରିବା ପାଇଁ ଜୀବନକୁ ଚିରଦିନ ପାଇଁ ବନ୍ଧନ ଦେବାର ସାର୍ଥକତା ରହିଛି କେଉଁଠି ?

ସୁରବାବୁ ନିଦରେ ଅଚେତ ହୋଇ ପଡ଼ିଲେଣି । ଘନ ଓ ଦୀର୍ଘ ନିଶ୍ୱାସ ଛୋଟ ରୁମ୍‌ର ଅବହାଓ୍ୟାରେ ଭରି ଉଠିଛି ।

ଅନେକ କହୁଛନ୍ତି ସୁରବାବୁ କୁଆଡ଼େ ରାଧାକୁ ବିବାହ କରିବେ । ରାଧା···ରାଧା···ରାଧା ଦୁଇଟି ଅକ୍ଷର, ଅତି ସାଧାରଣ ଅକ୍ଷର ଦୁଇଟି । କିନ୍ତୁ ପ୍ରଥମେ ଧାକୁ ରଖି ଦ୍ୱିତୀୟରେ ରା କୁ ରଖିଲେ କଣ ହେବ ? ଧା-ରା-

ଏଇଟି କଣ ଆଗ ଶବ୍ଦ ପରି ପ୍ରୀତିକର ? ନା-ନା-ନା, ହୋଇ ପାରେନା । ରା-ଧା ଆଉ ଧା-ରା, ତଫାତ୍ କେଉଁଠି ?

ରାଧା ଉଚ୍ଚାରଣ କଲାବେଳେ ମାନସ ପଟରେ ଭାସି ଉଠେ ଜଣକର କମନୀୟ ରୂପ, ଦୁଇଟି ନମ୍ର ଆନତ ଆଖି, ନିଟୋଳ

ଭବିଷ୍ୟ···। ସେଇ ରାଧା ସହିତ ସୁରବାବୁଙ୍କର ବିବାହ ହେବ। ବିବାହକୁ ଉଲଟାଇଲେ ହେବ ହବାବି। ପ୍ରଥମରୁ ଯଦି ଏହି ଶବ୍ଦକୁ ବିବାହ ପରିବର୍ତ୍ତେ ବ୍ୟବହାର କରାଯାଇ ଥାଆନ୍ତା, ତେବେ ହୁଅନ୍ତା ସୁରବାବୁଙ୍କ ସହ ରାଧାର ହବାବି।

ସେ ଦିନ ଗଉରୀ କହୁଥିଲା କୁଆଡ଼େ ସୁରବାବୁ ଆଉ ରାଧା କଟକ ଚଣ୍ଡୀଙ୍କ ଆଗେ ପ୍ରତିଜ୍ଞା କରିଚନ୍ତି, ଯଦି ଜଣେ ଅନ୍ୟ ଜଣକୁ ବିବାହ କରି ନ ପାରେ ତେବେ ନିଶ୍ଚୟ ସେ ଅବିବାହିତ ରହିବ। ଗଉରୀ ଚୁପ୍ ଚୁପ୍ କରି କହୁଥିଲା, ଅନେକ ଦିନ ହେଲା କୁଆଡ଼େ ଉଭୟେ ଉଭୟଙ୍କୁ ଭଲ ପାଉଚନ୍ତି।

ସେ ଦିନ ଆସିଥିଲା ରାଧା। ଟେବୁଲ ଉପରେ ବହିଗୁଡ଼ାକ ବିକ୍ଷିପ୍ତ ଭାବରେ ପଡ଼ିଥିଲା। ଡେଟ୍ ପ୍ୟାଡ୍‌ଟା ବଦଳା ହୋଇ ନଥିଲା ଅନେକ ଦିନ ଧରି। ରାଧା ବହିଗୁଡ଼ାକ ସଜାଡ଼ି ଦେଇଥିଲା। ଡେଟ୍ ପ୍ୟାଡ୍‌ଟା ଠିକ୍ କରି ଦେଇଥିଲା। ଆଜିଯାଏ ଆଉ କାଗିଜଟି ବଦଳାଇ ନାହିଁ ସେଇ ତାରିଖ। ସେଇ ୧୨ ଫେବୃଆରୀ ମଙ୍ଗଳ-ବାର ଅପରିବର୍ତ୍ତିତ ହୋଇ ରହିଚି ଆଜିଯାଏ। ପୂର୍ଣ୍ଣ ଏକମାସ ବିତି ଗଲାଣି। ଆଉ ତାର ଜୀବନ? ତା ଜୀବନରେ କଣ ପରିବର୍ତ୍ତନ-ହୋଇଚି? ସେବି ସେପରି ପୂର୍ଣ୍ଣ କେତେ ବର୍ଷ ଧରି ଅପରିବର୍ତ୍ତିତ ଭାବରେ ରହିଯାଇଚି।

ଦୁଇ ବର୍ଷ ତଳେ। ଫଗୁଣର ଗୋଟିଏ ରକ୍ତିମ ମାଉଳ ଗୋଧୂଳି। ସେ ଦିନ ରାଧା ଥିଲା ଏକାକୀ। ରାଧାର ଦୁଇ ହାତ ଟାଣି ତାକୁ ସମ୍ମୁଖରେ ଧରି ବସିଥିଲା। ପ୍ରାଣର ଆବେଗ, ହୃଦୟର ଅକୁଣ୍ଠ ଆଶା ସେଇ ହାତ ଦୁଇଟିରେ କଂପନ ଭିତରେ ଥରି ଉଠୁଥିଲା ଯେପରି। ହସଇଦେଇ ସେଇ ମୁହୂର୍ତ୍ତରେ ଦୁଇଟି ଦେହ ମିଶି ନଥିଲେ ଅବଶ୍ୟ, ହୁଏତ ମିଶିଥିଲା ଦୁଇଟି ହୃଦୟ, ମିଶିଥିଲା ଦୁଇଟି ତରୁଣ ସତ୍ତା

ପ୍ରାଣର ଆହ୍ବାନ, ସୃଷ୍ଟିର ଚିରନ୍ତନ ଆଦେଶ, ପ୍ରକୃତିର ଇଙ୍ଗିତକୁ ପାଳନ କର ।

ସେଦିନର ଭବିଷ୍ୟତ ଆଜି ବର୍ତ୍ତମାନ ହୋଇଯାଇଛି । ଆଜି ପ୍ରାଣର ଗଭୀର ପ୍ରଦେଶରୁ ଭାସି ଆସୁଛି ଆଦେଶ । ଦେହର ପ୍ରତି ରକ୍ତକୋଷରୁ, ଦେହର ପ୍ରତି ଅଣୁ ପରମାଣୁ ମଧ୍ୟରୁ, ଅନ୍ତରରୁ କିଏ ଯେପରି କହି ଉଠୁଛି, ମୁଁ ବାପ ହେବାକୁ ଚାହେଁ, ମୁଁ ଚାହେଁ ଆଉ ଗୋଟିଏ ତରୁଣ ସବୁଜ କୋମଳ ଦେହର ନିବିଡ଼ ଉଷ୍ମ ପରଶ । ଯୌବନର ଦାବୀ, ପ୍ରାଣର ଆକାଂକ୍ଷା, ପ୍ରକୃତିର ଆଦେଶ, ଆଉ କାହା—କିଏ ବଡ଼ ? ଏମାନଙ୍କଠାରୁ କାହାକୁ କଣ ବିଚ୍ଛିନ୍ନ କରାଯାଇ ନ ପାରେ ? ଏମାନଙ୍କୁ ବାଦ ଦେଲେ କାହାରି ଅସ୍ତିତ୍ୱ କଣ ନାହିଁ ?

ଚତୁର୍ଦ୍ଦିଗ ନୀରବ । କେବଳ ସୁରବାବୁଙ୍କର ନିଶ୍ୱାସ ନେବାର ଶବ୍ଦ ଶୁଣା ଯାଉଛି । କେଉଁ ଦୂର ଦୁରନ୍ତରୁ ମହା ପ୍ରଳୟ ନାଚି ଆସୁଛି ଯେପରି । ଦୂରରୁ ତାର ପ୍ରଚଣ୍ଡ ଖର ନିଶ୍ୱାସ ଭାସି ଆସୁଛି । ପ୍ରଳୟ ଆସୁଛି, ଧ୍ୱଂସ ଆସୁଛି, ମୃତ୍ୟୁ ଆସୁଛି । ଆସୁ, କ୍ଷତି କଣ ?

ଦାନ୍ତମୂଳ କଟ କଟ ହେଉଛି । ଖାଇ ସାରିବା ପରେ ପାନ ଖଣ୍ଡେ ନିତାନ୍ତ ଦରକାର । ପାନ ଆଣିବାକୁ ସମୟ ନ ଥିଲା । ଚାଲିଆସିଲି ଶୀଘ୍ର—ଦୁଆର ବନ୍ଦ ହୋଇ ଯାଇ ପାରେ, ଏହି ଆଶଙ୍କାରେ । ଉଃ—କି ତୀବ୍ର, କି ଭୀଷଣ ଏ ବ୍ୟଥା !

କାଲି ରାତିରେ ହୁଏତ ଏହିପରି ଏତେ ଥର ଡାକ୍ତର ଦରକାର ହୋଇପାରେ । ହୁଏତ ବାରଣ୍ଡାରେ ରାତିସାରା କାଟିବାକୁ ପଡ଼ିପାରେ । ନା, ଏ ଦୁଃଖ ଅସହ୍ୟ । ଏହାର ପ୍ରତିବାଦ କରିବାକୁ ହେବ । କାହା ଆଗରେ ? ମାମୁଁଙ୍କ ଆଗରେ ନା ବାପା ମାଙ୍କ ଆଗରେ ?

ମଙ୍ଗଳବାର ୧୨, ଫେବୃଆରୀ । ଟେବୁଲ ଉପରେ ନିସ୍ତବ୍ଧ ଭାବରେ ଜଳି ଚାଲିଥିଲା ଲଣ୍ଠନ । ଟେବୁଲ ଉପରେ ଥିଲା ସଦ୍ୟ ପ୍ରକାଶିତ 'ମନେ ନାହିଁ' ଉପନ୍ୟାସ । ରାଧା ଘର ଭିତରକୁ ପଶି ଆସିଲା । ତରତରରେ ବନ୍ଦ କରିଦେଲା ଉପନ୍ୟାସଟି । ରାଧା କହିଲା, କି ବହି କି ? ଛିଃ ଉପନ୍ୟାସ, ନଭେଲ ପଢ଼ା ଚାଲିଛି । ପରୀକ୍ଷା ପରା ଆଉ ମାସେ ରହିଲା ? ଦି'ଥର ତ ଫେଲ ହେଲଣି, ଆଉ କେତେ ଥର ଫେଲ ହେଲେ ଯାଇଁ ପଢ଼ା ବନ୍ଦ ପଡ଼ିବ ? ରାଧାର ଘନକୃଷ୍ଣ କେଶଦାମରୁ ଭାସି ଆସୁଥିଲା ଏକ ସୁବାସିତ ତୈଳର ଗନ୍ଧ । ଯୌବନର ଆବେଶ ପରି ଦେହର ପ୍ରତି ଅଙ୍ଗରେ ଆତ୍ମପ୍ରକାଶ କରୁଥିଲା ଯେପରି ବାସ୍ତବିକ ରାଧା ସୁନ୍ଦରୀ । ନା, ସୁନ୍ଦରୀ କହିଲେ ଠିକ ହେବ ନାହିଁ, ଅତି ସୁନ୍ଦରୀ । ତଥାପି ଭୁଲ ରହିଲା । ଦେହର ପୂର୍ଣ୍ଣ ଯୌବନ ସ୍ୱାସ୍ଥ୍ୟ ଆଧୁନିକ ବେଶଭୂଷା ରାଧାକୁ ସୁନ୍ଦରୀ କରିଛି ନା ଅନ୍ତରର ନିର୍ମଳ ପ୍ରେମ ଓ ବିମଳ ଗୁଣ ତାକୁ ସୁନ୍ଦରୀ କରି ତୋଳିଛି ? ରାଧା ତାକୁ ଭଲ ପାଏ । ରାଧା ବିବାହ କଲେ ବି ତାର ସେ ନିର୍ମଳ ଭଲ ପାଇବା ଅକ୍ଷୁଣ୍ଣ ରହିବ । ରହିବା କଣ ଉଚିତ ? ଆଧୁନିକ ସଭ୍ୟତାରେ ଏହା ଅକ୍ଷମଣୀୟ । ଏକର ଅନ୍ଧକୂପରେ ଆତ୍ମହତ୍ୟା କରିବାକୁ ହୁଏତ ରାଧା ଚାହେଁନା । ରାଧା ତାକୁ ଭଲ ପାଉ କି ନ ପାଉ କିନ୍ତୁ ତାର ଶୁଭାକାଂକ୍ଷିଣୀ ନିଶ୍ଚୟ ! ନହେଲେ କଣ କହିଥାନ୍ତା—ଦି'ଥର ଫେଲ୍ ହେଲ, ଆଉ କେତେ ଥର ଫେଲ୍ ହେଲେ ଯାଇ ପଢ଼ା ବନ୍ଦ ପଡ଼ିବ ? ସେ ଦିନ କିନ୍ତୁ ରାଧା ଉପରେ ରାଗ ହୋଇଥିଲା । ମନେ ହେଉଥିଲା ରାଧା ଯେପରି ତାକୁ ଅପମାନିତ କରିବାକୁ ଆସିଛି । ଆଉ ଏପରି ଭାବରେ ଅପମାନିତ କରି ସେ ହୁଏତ ଆନନ୍ଦ ପାଉଛି ।

ବାପା ଚିଠି ଲେଖିଛନ୍ତି, ଦଶ ଦଶ ବର୍ଷ କାଳ ତୋ ବୋଉର ଜନ୍ମପଟା ବନ୍ଧକ କରି, ଧାର ଉଧାର କରି ଏତେ ଟଙ୍କା ତୋ ପାଇଁ ଖର୍ଚ୍ଚ କଲି, ଶେଷରେ ଫେଲ୍ ହେଲୁ ? ଥରେ ନୁହେଁ ଦୁ'ଥର ! ତୁ କୁଆଡୁ ଜାଣିବୁ ଟଙ୍କା କପରି ଆସୁଛି ବୋଲି ? ହରି ଭଗବାନ, ତତେ ସୁବୁଦ୍ଧି ଦିଅନ୍ତୁ ।

ବାପାଙ୍କ ଦେହରେ ଚିରା କାମିଜ, ଚିରା ଲୁଗା । ନିରାଭରଣା ବୋଉ ! କାହିଁକି ? ନିଜ ସୁଖ ସ୍ୱାଚ୍ଛନ୍ଦ୍ୟରେ ଜଳାଞ୍ଜଳି ଦେଇଛନ୍ତି ସେମାନେ କେଉଁଥିପାଇଁ ?

ଝରକା ଫାଙ୍କ ଦେଇ ଦେଖାଯାଉଛି ଅସ୍ତଗାମୀ ପଞ୍ଚମୀର ଚନ୍ଦ୍ର । ଚନ୍ଦ୍ର ଅସ୍ତ ଯାଉଛି, ପୃଥିବୀର ଘନୀଭୂତ ଅନ୍ଧକାରରେ, ପୃଥିବୀର ଘନୀଭୂତ ଅନ୍ଧକାର ପ୍ରାସାଦର ପଶ୍ଚାତ୍ପଟରେ । ଗୋଟିଏ ତରୁଶାଖାର ଶିଲହୋଏଟ୍ ଦେଖାଯାଉଛି, କେଉଁ ଏକ ସାଥୀ ହୀନ ପଥିକ ପରି । ଦୂରରୁ ଭାସି ଆସୁଛି ଫଗୁଣର ପ୍ରେମିଳ ମଳୟରେ କେଉଁ ଅଜଣା ଫୁଲର ଗନ୍ଧ । ଆକାଶରେ ଜଳୁଛି ଗୋଟିଏ ତାରକା ବନ୍ଦରର ଦୀପଶିଖା ପରି ଏକାକୀ । କେଉଁ ଦୂରରୁ ଭାସି ଆସୁଛି ବଂଶୀରେ କେଉଁ ଶ୍ରାନ୍ତ ପଥିକର କରୁଣ ସ୍ୱର, ଧୀରେ ଧୀରେ ।

ଜୀବନ ଅସ୍ତଯାଉଛି ବଞ୍ଚିବାର କୋଳାହଳ ଅନ୍ଧକାରରେ । ବାପାଙ୍କର ଚିରାକାମିଜ । ବୋଉ ଧାନ କୁଟୁଛି ! ସାନ ଭାଇ ଭଉଣୀଙ୍କର ଚିରା ମଇଳା ପ୍ୟାଣ୍ଟ ! କେତୋଟି ଛୋଟ ଛୋଟ ରକ୍ତିମ ପାଦ । ନା,ନା, ରକ୍ତହୀନ ପାଦ ଆକାଶର ଚନ୍ଦ୍ର ସଙ୍ଗେ ଲିଭି ଯାଉଛି ଯେପରି ! ଆଲୋକ ଓ ଛାୟାର ସେ ମିଶ୍ରଣରେ ହଜଯାଇଛି ଯେପରି ପୃଥିବୀର ସୌନ୍ଦର୍ଯ୍ୟ, ପୃଥିବୀର ଐଶ୍ବର୍ଯ୍ୟ !

ରାଧାର ବିବାହ ହେବ, ହେଉ । କ୍ଷତି କଣ ? ଅତୀତର ସେ ମୁହୂର୍ତ୍ତ ମରିଯାଇଛି, ମରିଯାଇଛି ସମୟର କୋଳାହଳ ଭିତରେ । ରାଧା, ରୂପସୀ ରାଧା ସୁରବାବୁଙ୍କ ବାହା ହେବ । ସୁରବାବୁ କଣ୍ଟ୍ରାକ୍ଟରୀ କରନ୍ତି, ବେଶ ରୋଜଗାର । ରାଧା ତାଙ୍କୁ ବାହା ହେବନି ଆଉ ଦିବ କାହ୍ନୁକୁ, ଯାହାର ସମ୍ବଳ ଗୋଟାଏ ଅଚଳନ୍ତି ମାଟ୍ରିକ ସାର୍ଟିଫିକେଟ୍ ! ଯୁଦ୍ଧପର ବଜାରରେ ମାଟ୍ରିକ୍ ସାର୍ଟିଫିକେଟ୍‌ର ମୂଲ୍ୟ ବା କଣ ? ଗୋଟାଏ କଣା ପଇସା ପରି ହୋଇଯାଇଛି ମାଟ୍ରିକ ସାର୍ଟିଫିକେଟ୍, ଅତି ସୁଲଭ ! ସୁରବାବୁ ଛ'ଟା ମାଟ୍ରିକଙ୍କୁ ନିଜର ଚପରାଶୀ କରି ରଖି ପାରିବେ । ସୁରବାବୁଙ୍କୁ ବାହା ନ ହୋଇ ସେ କଣ ବାହା ହେବ ଗୋଟାଏ ଚପରାଶୀକୁ ? ଯାହାର ପଶ୍ଚାତ୍‌ରେ ଗୌରବ ନାହିଁ, ଆଉ ଯାହାର ଭବିଷ୍ୟତ ନିଶ୍ଚିତ ଦୁଃଖମୟ, ତାକୁ ବାହା ହୋଇପାରିବ ରାଧା, ରୂପସୀ ଆଧୁନିକା ରାଧା ? ଅସମ୍ଭବ ଅସମ୍ଭବ ! ସେ ଯଦି ନିଜେ ରାଧା ହୋଇଥାନ୍ତା ସେ କ'ଣ କରିଥାନ୍ତା ? ଗୋଟାଏ ଭିକାରୀକୁ କ'ଣ ବାହା ହୋଇଥାନ୍ତା ତାର ସୁଗୁଣ ପାଇଁ ? ନା, ବାହା ହୋଇଥାନ୍ତା ସୁରବାବୁଙ୍କୁ ? ସୁରବାବୁ ଆଉ କାହ୍ନୁ—କିଏ ବଡ଼ ? ସୁରବାବୁ ମୂର୍ଖ, ମାଇନର ପାଶ କରିଛନ୍ତି ! କାହ୍ନୁ ମାଟ୍ରିକ୍ ପାଶ କରି ଆଇ. ଏ. ଯାଏ ପଢ଼ିଛି ! ଏଥିପାଇଁ କ'ଣ ମଣିଷ ବଡ଼ ହୋଇପାରେ ? ବିଂଶ ଶତାବ୍ଦୀ ବଡ଼ କରିଛି ସୁରବାବୁଙ୍କୁ, କାହ୍ନୁକୁ ନୁହେଁ । ସେ ଏ ଶତାବ୍ଦୀରେ ଅଚଳ ହୋଇ ଯାଇଛି ! ଅନ୍ଧକାର । ଘନକୃଷ୍ଣ ଅନ୍ଧକାର । ରାଧାର ଘନକୃଷ୍ଣ କେଶ ଦାମ ପୃଥିବୀର ଘୁମନ୍ତ ମୁଖ ଉପରେ ଖେଳାଇ ହୋଇ ପଡ଼ିଛି ଯେପରି । ଘନ କେଶର ଘନ ଅନ୍ଧକାର ମଧ୍ୟରେ ପୃଥିବୀ ଭୁଲିଯାଇଛି ତାର କର୍ତ୍ତବ୍ୟ, ତାର ଲକ୍ଷ୍ୟ ! ପୃଥିବୀର ଜନତା କେଶର ଅନ୍ଧଗଳି ମଧ୍ୟରେ ଆତ୍ମହତ୍ୟା କରୁଛି ଯେପରି !

ପରୀକ୍ଷା ଆଉ ଅଳ୍ପ ଦିନ ରହିଲା । କିନ୍ତୁ ଆରମ୍ଭ କି ହୋଇ-ନାହିଁ । ଶେଷ ହେବ କେଉଁଦିନ ? ଜୀବନର ଲକ୍ଷ୍ୟରେ ମଣିଷ ବଞ୍ଚିଥିବା ପର୍ଯ୍ୟନ୍ତ ପହଞ୍ଚିପାରେ ନାହିଁ । ମୃତ୍ୟୁ ପରେ କି ନୁହେଁ । ଏହ ବି ଏକ ପରୀକ୍ଷା !

ନା, କାଲିଠାରୁ ପଢ଼ାପଢ଼ି ଆରମ୍ଭ କରିବାକୁ ହେବ । ଯେପରି ହେଲେ ଆଇ. ଏ ପାଶ କରିବାକୁ ପଡ଼ିବ । ତା ପରେ ବି. ଏ । ତା ପରେ ଏମ୍. ଏ । ତା ପରେ ଚାକିରି । ତା ପରେ ବିବାହ । ତା ପରେ କଣ ? ପିଲା ଜନ୍ମ—ତା ପରେ ମୃତ୍ୟୁ । ତା ପରେ, ତା ପରେ କଣ ? ମୃତ୍ୟୁର ପରପାରରେ କ'ଣ ରହିଛି ? ପୁନର୍ଜନ୍ମ । ପୁଣି ସେଇ ପାଠପଢ଼ା, ଚାକିରି, ସନ୍ତାନ ଜନନ, ମୃତ୍ୟୁ। ଏହିପରି କେତେ ଜନ୍ମ ଯେ ଚାଲିବ କିଏ ଜାଣେ ? ହେ ଭଗବାନ ! ଯଦି ପୁନର୍ଜନ୍ମ ଥାଏ, ତେବେ ଆର ଜନ୍ମରେ ମତେ ଗୋଟିଏ ଗଛ ରୂପେ ଜନ୍ମ ଦେବ ! ମୂକ ଗଛ, ତା ଉପରେ ଅତ୍ୟାଚାର ହେଲେ ନୀରବ ପ୍ରତିବାଦ କରିବ ସିନା, କିନ୍ତୁ କାନ୍ଦି ପାରିବ ନାହିଁ, ଦୁଃଖ କରି ପାରିବ ନାହିଁ, ଜାଣିପାରିବ ନାହିଁ ।

କିନ୍ତୁ ଗଛର ତ ଜୀବନ ଅଛି । ଅତ୍ୟାଚାର ହେଲେ ସେ କ'ଣ ଦୁଃଖ କରୁ ନ ଥିବ ? କଷ୍ଟ ସହୁ ନ ଥିବ ? ନା, ନା, କେଉଁ ନିର୍ଜନ ପାହାଡ଼ ଉପରେ ଖଣ୍ଡେ ଅକର୍ମା ଶିଳା ରୂପେ ଜନ୍ମ ଦିଅ ଭଗବାନ ! ଅକର୍ମା ଶିଳା—ହଁ, ହଁ, ଅକର୍ମା ଶିଳା ରୂପେ । ଜନ ସମାଜର ବହୁତ ଦୂରରେ, ଯେଉଁଠାରେ ନାହିଁ ଜୀବନ-ମରଣର ସଂଗ୍ରାମ, ଦୁଃଖ ଅଶ୍ରୁ, ହା-ହା-କାର, ଯେଉଁଠାରେ ନାହିଁ ବଞ୍ଚିବାପାଇଁ ଯନ୍ତ୍ରଣା । ସୂର୍ଯ୍ୟ ଉଦୟ ହେବ ନବୀନ ସୂର୍ଯ୍ୟୋଦୟର ରକ୍ତିମ ପ୍ରକାଶରେ ଭରି ରହିଥିବ ଦୁଃଖ ନୁହେଁ ଆନନ୍ଦ, ଯନ୍ତ୍ରଣା ନୁହେଁ ଆରାମ, ମୃତ୍ୟୁ ନୁହେଁ ଜୀବନ ! ଆକାଶରେ ଉଠିବ ଚନ୍ଦ୍ର ।

ଫାଲଗୁନର ସ୍ନେଗ୍ଧ ମଳୟରେ ଖେଳି ବୁଲିବ ଅଜଣା ଫୁଲର ମନୋହର ଗନ୍ଧ, ଅସ୍ପଷ୍ଟ ଜ୍ୟୋତ୍ସ୍ନାଲୋକରେ ମୂର୍ତ୍ତିମା ହୋଇ ଉଠିବ କମନୀୟ, ଶୁଭ୍ର, ସୁନ୍ଦର ! ଅସଂଖ୍ୟ ବନ୍ୟ ପଶୁପକ୍ଷୀଙ୍କର ସରଳ କଳରବ ପ୍ରତି ରନ୍ଧ୍ରରେ ଭରିଦେବ କି ଏକ ଅନିର୍ବଚନୀୟ ସୁଷମା ! ଆଦ୍ୟ ଆଷାଢ଼ର ପ୍ରଥମ ବର୍ଷାର ମଧୁର ସଙ୍ଗୀତ ନିର୍ଜନ ପର୍ବତ ଅଙ୍କରେ କି ସୁନ୍ଦର ଶୁଣାଯିବ ! ଭଗବାନ ଆରଜନ୍ମରେ ପଥର କର, ପଥର କର ।

କିନ୍ତୁ ଭଗବାନ ଯଦି ନ ଥାନ୍ତି ? କାହାନ୍ତି ସେ ସର୍ବ ଦୁଃଖହରା ପ୍ରତାପୀ ଭଗବାନ ? ଏ ବିଂଶ ଶତାବ୍ଦୀର ଗଣତନ୍ତ୍ର ଯୁଗରେ ତାଙ୍କର ପ୍ରତାପ, ତାଙ୍କର ମହିମା, ତାଙ୍କର କ୍ଷମତା ଲୋପ ପାଇଛି । ଯେଉଁ ଅତୀତରେ ଭଗବାନ ଥିଲେ, ସେ ଅତୀତ ଆଜି ମରିଯାଇଛି, ମରିଯାଇଛି ସମସ୍ତଙ୍କର ଅଜାଣତରେ ଦିନେ, ଗୋଟିଏ ମୁହୂର୍ତ୍ତରେ !

ସୁରବାବୁ ଉଠିଲେ । ଖଣ୍ଡେ ବିଡ଼ି ଲଗାଇଲେ । କାହ୍ନୁବାବୁ ଶୋଇ ପଡ଼ିଲଣି କି?

ନା ନିଦ ହୋଇ ନାହିଁ ।

ଦୁଇଟା ବାଜିବ ବୋଧହୁଏ । ଏତେ ବେଳଯାଏ ଶୋଇ ନାହଁ ନା !

କାହ୍ନୁ ଆଡ଼କୁ ଖଣ୍ଡେ ବିଡ଼ି ଆଉ ଡିଆସିଲଟା ପକାଇ ଦେଲେ । ବିଡ଼ିରେ ନିଆଁ ଲଗାଇଲା । ତିନିଥର ଟାଣିବା ପରେ ବିଡ଼ିଟା ଶେଷ ହୋଇଗଲା । କେତେ ଶୀଘ୍ର ଶେଷ କରିଦେଲା ବିଡ଼ିଟା ! ଜୀବନକୁ ତାର ସେହିପରି ହୁଏତ କିଏ ଶୋଷୁଛି । ଆଉ କେତେଟା ଦମ ଟାଣିବା ପରେ ସେ ହୁଏତ ଶେଷ ହୋଇଯିବ । କେତେଟା ବାଜିଲା ? ଦୁଇଟା ? ନା, ଶୋଇବାକୁ ପଡ଼ିବ ।

ସହରର ରାସ୍ତା ଗୁଡ଼ ମଟରର ଚାଲିଛି ଦ୍ୱିଗୁଣ ବେଗରେ । ଦୂର ପାଖର ଗଛ ଘରଦ୍ୱାର ପଛକୁ ଛୁଟିଛି । କିଏ ଗତି କରୁଛି ? ମଟର ନା ଗଛ ଘର ଦ୍ୱାର ? ହୃଦୟ ଅଜଣା ପୁଲକରେ ନାଚି ଉଠୁଛି ଯେପରି ! ଗତିର ବେଗ ମନରେ ଆନନ୍ଦ ଆଣୁଛି । ବସ୍ତୁତ ରାଜପଥ ଲମ୍ବି ଯାଇଛି କେତେଦୂର । କେଉଁ ଅଲକାପୁରୀକୁ ଯାଇଛି ବୋଧହୁଏ । ମଟର ଚାଲିଛି, ଏଥର ଆହୁରି ବେଗରେ ।

ହେଇ ! ମାଡ଼ିଗଲା ଗୋଟିଏ ଲୋକକୁ । ଚିତ୍କାର କରି ଉଠିଲା ଲୋକଟା । କାହ୍ନୁ ପଛକୁ ଚାହିଁଲା । ମଟର ଲୋକକୁ କେତେ ଦୂରରେ ଛାଡ଼ି ଆସିଲାଣି । ଲୋକଟା ମରିଗଲା ନା କଣ ! ରଖ, ଦେଖିବା ।

ସୁମିତ୍ରା ମଟର ଚଳାଉ ଚଳାଉ ଉତ୍ତର ଦେଲା, ବୋକା ନା କଣମ ? ମଟର ରଖିଲେ କଣ ହେବ ? ଯାହା ହବାର ତ ହୋଇଗଲାଣି ।

କାହ୍ନୁ କହିଲା, ଏତେ ଜୋରରେ ନେଉଛ ଟିକିଏ ଧୀରେ ଧୀରେ ନିଅ !

ସୁମିତ୍ରା ହସି ଉଠିଲା ଜୋରରେ । ଆଉ ତାହାହେଲେ ମଟର ହୋଇଛି କାହିଁକି ? ମଟରରେ ନ ଆସି ଚାଲି ଚାଲି ଆସିଥିଲେ ବରଂ ଭଲ ହୋଇଥାନ୍ତା । ଗୋଟାଏ ଲୋକ ତ ! ମାଡ଼ିଗଲା ଯାଉ, କେତେ ଲୋକ ତ ମରୁଛନ୍ତି, ତା ଭାଗ୍ୟରେ ଥିଲା ମଟର ମାଡ଼ି ମରିବ ବୋଲି, ମଲା । ଆମେ କଣ କରିଥାନ୍ତୁ ? ରାଜପଥ ହୋଇଛି ଯାନମାନଙ୍କ ପାଇଁ, ମଣିଷ ପାଇଁ ନୁହେଁ !

ସୂର୍ଯ୍ୟ ରକ୍ତ ରଙ୍ଗ ଧାରଣ କରିଛି—ଷୋଡ଼ଶୀ ତରୁଣୀର ମୁଖ ଲଜ୍ୟାରେ ଲାଲ ହୋଇ ଗଲାପରି । ନା, ଭୁଲହେଲା, ଦାରୁଣ

ଅତ୍ୟାଚାର ବିରୁଦ୍ଧରେ ସେ ହୁଏତ ପ୍ରତିବାଦ କରୁଛନ୍ତି ।

ଚତୁର୍ଦ୍ଦିଗନ୍ତର ଶୂନ୍ୟ ପ୍ରାନ୍ତରରେ ସୂର୍ଯ୍ୟର କିରଣ ରକ୍ତ ବୃଷ୍ଟି କରୁଚି ସେପରି ! କାହା ସହିତ ସୂର୍ଯ୍ୟର ସଂଗ୍ରାମ ଚାଲିଚି ? ସୂର୍ଯ୍ୟର ଦେହ ରକ୍ତାକ୍ତ । କାହା ବିରୁଦ୍ଧରେ ତାର ଏ ସଂଗ୍ରାମ ? ଆସନ୍ନ ସନ୍ଧ୍ୟା ସଙ୍ଗେ, ନା ନକ୍ଷତ୍ରମାଳା ସଙ୍ଗେ ?

କାହ୍ନୁ କହିଲା, ସୁମି, ସନ୍ଧ୍ୟା ହୋଇଯିବ ଯେ । ଚାଲ ଫେରିଯିବା ।

ସୁମିତ୍ରା ହସିଲା । ସନ୍ଧ୍ୟା ହେଉ । ଭୟ କରୁଚ କି ? କାହାକୁ ତୁମର ଭୟ ? ମତେ, ନା ଅନ୍ଧକାରକୁ, ନା ରାତ୍ରିଚରମାନଙ୍କୁ ?

କାହ୍ନୁ କହିଲା, ଭୟ ତମକୁ, ଭୟ ବିବେକକୁ; ବିବେକ ତ ମନର ନୁହେଁ ଯେ ଅନ୍ଧାର ରାତି ବଣ ଜଙ୍ଗଲ କିଛି ନ ମାନି ଚାଲୁଥିବ !

ମତେ ? ସତେ ! କେଉଁଦିନଠାରୁ ଭୟ କରିବାକୁ ଶିଖିଲ ?

ଭୟ କରିଚି ସେଇଦିନ ଠାରୁ ଯେଉଁଦିନ ତମ ସହିତ ପରିଚୟ ହେଲା ।

ସତେ ନା କଣ ! ବିବେକକୁ କାହିଁକି ଭୟ ଜାଣିପାରେ ନିଶ୍ଚୟ ।

ଚାଲ ଫେରିଯିବା । ସନ୍ତୋଷ ଯେ ଆମକୁ ଅପେକ୍ଷା କରିଥିବ !

ସୁମିତ୍ରା ହସି ଉଠିଲା । ସତରେ ସନ୍ତୋଷଙ୍କୁ ତମର ଭୟ ? ସେ ପରା ତମର ବନ୍ଧୁ ! ବନ୍ଧୁଙ୍କୁ କମିତି ଭୟ ଲାଗେ ?

କାହ୍ନୁ ନୀରବ ରହିଲା । ମନର ସଂକୀର୍ଣ୍ଣ ରାସ୍ତାରେ ଚାଲିଚି । କିନ୍ତୁ ପୂର୍ବ ବେଗ କମି ନାହିଁ ।

ସୁମିତ୍ରା ବେଗ କମାଇ କହିଲା, ଦେଖିଲ କେତେ ବାଟ ଆମେ ଆସିଲୁଣି ।

କାହ୍ନୁ ନୀରବ ରହିଲା । ସୁମିତ୍ରା ! ଷୋଡ଼ଶୀ ସୁନ୍ଦରୀ ସୁମିତ୍ରାର ଅଙ୍ଗେ ଅଙ୍ଗେ ଫୁଟି ଉଠିଛି ଯୌବନର ଅଫୁରନ୍ତ ସୌନ୍ଦର୍ଯ୍ୟ । ଆନନ୍ଦ ଛଳ ଛଳ ଆଖିରେ ଡବୁଡ଼ାଉ ମାଦକତା ଭରି ରହିଛି । ରକ୍ତିମ ଚିବୁକରେ ଯୌବନ ମଦିରା ଛଳ ଛଳ ହେଉଛି ଯେପରି ! ମାଂସଳ ଓ ପେଷୀ ବହୁଳ ଦେହ, ଦେହର ପ୍ରତି ରନ୍ଧ୍ରରେ ଆଦିମ ସ୍ପନ୍ଦନ ଜଗାଉଛି । ଦେହର ସ୍ପର୍ଶ ପାଇଁ ପ୍ରତି ଅଣୁ ପରମାଣୁ ଗୁମରି ଗୁମରି କାନ୍ଦି ଉଠୁଛି !

ମଟର ଛୁଟିଛି । ଦେହରେ ଦେହ ବାଜୁଛି । ବୈଦ୍ୟୁତିକ ସ୍ପର୍ଶରେ ଦେହ ମନ ପ୍ରାଣ ନିଜର ଅସ୍ତିତ୍ୱ ଭୁଲିଯାଉଛି । ଅନ୍ୟାୟ ! ସନ୍ତୋଷ, ବନ୍ଧୁ ସନ୍ତୋଷ, ତାର ସ୍ତ୍ରୀ ସୁମିତ୍ରା । ନା, ଅନ୍ୟାୟ ।

ମଟର ରହିଲା । ସୁମିତ୍ରା ମଟରରୁ ଓହ୍ଲାଇ ପଡ଼ିଲା । ବସି ରହିଲ ଯେ, ବାହାରି ଆସ ।

କାହ୍ନୁ କହିଲା, କେଉଁଆଡ଼େ ?

ହାତଧରି ସୁମିତ୍ରା ମଟର ବାହାରକୁ ନେଇ ଆସିଲା । ଦେଖିଲ, ଆଗରେ କଣ ।

କାହ୍ନୁ ଚାହିଁଲା, ଆଗରେ ବିସ୍ତୀର୍ଣ୍ଣ ବାଲୁକା ରାଶି ପରେ ବିରାଟ ନୀଳ ସମୁଦ୍ର । ସୁମିତ୍ରା ତା ହାତଧରି ଆଗେଇ ନେଲା । ସମୁଦ୍ର କୂଳରେ ଗୋଟିଏ ଶ୍ରେଷ୍ଠ ବାଲିର ପାହାଡ଼ । ତା ପାଖରେ ଯାଇ ବସିଲେ ସେମାନେ । ଆଖି ଯେତେଦୂର ଯାଏ ଖାଲି ସମୁଦ୍ର ଆଉ ସମୁଦ୍ର ! ଆଜି ପୂର୍ଣ୍ଣିମା । ପୂର୍ଣ୍ଣିମାର ଜହ୍ନ ଦିଗବଳୟ ସୀମାନ୍ତରୁ ଉଠିଆସୁଛି । ସମୁଦ୍ର ଚନ୍ଦ୍ର କିରଣର ନିବିଡ଼ ସ୍ପର୍ଶ ପାଇ ଆନନ୍ଦରେ ଭୁଲିଯାଉଛି ତାର ଆବେଷ୍ଟନୀ । ଆନନ୍ଦର କୋଳାହଳ ଚତୁର୍ଦ୍ଦିଗରେ ଭରିଯାଉଛି ।

ସୁମିତ୍ରା କହିଲା, ଦେଖିଲ, କି ସୁନ୍ଦର ଏ ଜାଗା !

ପରୀକ୍ଷା ଫଳ ବାହାରି ଯାଇଛି । ଯାହା ଆଶଙ୍କା କରୁଥିଲି ତାହା ହୋଇଛି । ଫେଲ୍ ହୋଇ ଯାଇଛି । ଏଥରକୁ ମିଶାଇ ତିନି ଥର ହେଲା । ରାଧା ସେ ଦିନ କଣ କହିଥିଲା ? ଦି'ଥର ତ ଫେଲ୍ ହେଲଣି ଆଉ କେତେଥର ଫେଲ୍ ହେଲେ ଜାଣିବ ? ଉଃ ! ସେଇକଥା ପଦକରେ ରହିଛି କେତେ ଭର୍ତ୍ସନା ! ଦେହର ପ୍ରତି ବିନ୍ଦୁକୁ କ୍ଷୁରରେ ଟିକି ଟିକି କରି ପକାଉଛି ଯେପରି । ରାଧା ଶୁଭାକାଂକ୍ଷିଣୀ ନିଶ୍ଚୟ ! ପ୍ରିୟ-ଜନର ଜଣେ ଶୁଭ କାମନା କରେ । ମେ ସେଦିନ ଶୁଭ କାମନା କରିଥିଲି । କିନ୍ତୁ ସେ କଣ ଭଲପାଏ ? ସେ କଣ ପ୍ରେମ କରେ ?

ରାଧା ସଙ୍ଗେ ଯାଇଥିଲି ସିନେମା ଦେଖି । ଟିକେଟ୍ ଆଣିବାକୁ ଗଲି । ରାଧା ପାଇଁ ମହିଳା ଟିକେଟ୍ ଖଣ୍ଡେ, ଆଉ ନିଜ ପାଇଁ ସାଧାରଣ ଟିକେଟ୍ ଖଣ୍ଡେ ନେଇ ଫେରିଲି । ଟିକେଟ୍ ଦେଖି ରାଧା କହିଲା, ଆଜଠୁଁ ତ ଦୂରରେ ରଖିଲଣି, ଆଉ ପୁଣି ଅଛି ! ପୁଣି ସେ ଟିକେଟ୍ ବଦଳାଇ ଆଣିଥିଲି !

ଆଜି ରାଧା କଣ ତାକୁ ପ୍ରେମ କରେ ? ରାଧା ଆଜି ଦେଖିଥିବ, ଖୋଜିଥିବ ତା ନାଁ କାଗଜରେ, କିନ୍ତୁ ନପାଇ କଣ ଭାବିଥିବ ? ଅକର୍ମଣ୍ୟ ! ତାର ପୌରୁଷ ଗୁମୁରି ଗୁମୁରି କାନ୍ଦି ଉଠିଲା ଯେପରି । ଅଜାଣତରେ ଆଖିରୁ ଦୁଇ ବିନ୍ଦୁ ଲୁହ ଖସି ପଡ଼ିଲା ।

ଆଖିରୁ ଲୁହ ପୋଛି ଦେଉ ଦେଉ ସୁମିତ୍ରା କହିଲା, ତୁମେ କାନ୍ଦୁଛ ? ଯାହା ହବାର ତ ହୋଇଗଲାଣି ଆଉ ଭାବିଲେ କଣ ହେବ ?

ସୁମିତ୍ରା କୋଳରେ ମୁଣ୍ଡ ରଖି କାନ୍ଦି ଉଠିଲା କାହ୍ନୁ । ଏଥର ଅଶ୍ରୁ ଯେପରି କୌଣସି ବନ୍ଧନ ମାନିବାକୁ ଚାହେଁ ନାହିଁ । ନା, ସେ

ଆତ୍ମହତ୍ୟା କରିଦେବ, ଏ ଅପମାନ ଓ ଲଜ୍ୟାରୁ ନିଜକୁ ରକ୍ଷା କରିବା ପାଇଁ !

ବାପା ଦେଖିଥିବେ । କେତେ ଆଶା, କେତେ ଅପେକ୍ଷା ଶେଷରେ ଏଇ ନିଷ୍ଫଳତାରେ ଶେଷ ହେଲା ? ଦେହର ପ୍ରତି ରକ୍ତବିନ୍ଦୁ, କେତେ ସ୍ୱେଦ ଜାଳ ଅକାତରରେ ସେ ଯେଉଁ ଅଜସ୍ର ଅର୍ଥ ଖର୍ଚ୍ଚ କରିଥିଲେ, କଣ ଏଇଥିପାଇଁ ? ପୁଅ ମଣିଷ ହେବ । ଅର୍ଥ ଉପାର୍ଜନ ପରେ ଘରର ଅବସ୍ଥା ପୁଣି ଫେରି ଆସିବ । ଘର ହସି ଉଠିବ । ବର୍ଷ ବର୍ଷ ଧରି ଅପେକ୍ଷା, ଏଇଥର ପାଶ୍ କରିଯିବ । କିନ୍ତୁ ହେଲା କଣ ? ବାପାଙ୍କର ଆଶାସୌଧ ତାସର ପ୍ରାସାଦପରି ତଳେ ଭାଙ୍ଗିପଡ଼ିଛି । ହା ହୁତାଶ, ଅନ୍ତରର ନୀରବ ହାହାକାର ଶୂନ୍ୟ ଆକାଶରେ ମିଳାଇ ଯାଇଥିବ । ବ୍ୟର୍ଥ, ନିଷ୍ଫଳ ପ୍ରତୀକ୍ଷା ! ଘର ଭାଙ୍ଗିଗଲାଣି । ଦୁଇବର୍ଷ ହେଲା ଛପର ହୋଇନାହିଁ । ବୋଉ ଦେହର ସମସ୍ତ ଗହଣା ବନ୍ଧା ସରିଛି । ସାନ ସାନ ତିନୋଟି ଭଉଣୀ, ବାପା ବୋଉ ସମସ୍ତଙ୍କର ଚିରା ଫଟା ପୁରୁଣା ଲୁଗା ! ଓଳିଏ ଖାଇଲେ ଆର ଓଳି ଉପାସ ! ବାପା ମାଇନର ସ୍କୁଲର ମାଷ୍ଟର । ଦରମା ମାସକୁ ଷାଠିଏ ଟଙ୍କା । ସେଥିରୁ ତିରିଶ୍ ଟଙ୍କା ଆସୁଥିଲା ତା ପାଇଁ । କୋଡ଼ିଏ ଟଙ୍କାରେ ପାଞ୍ଚଜଣ ଚଳିବାକୁ । ତାର ଦି'ଗୁଣରେ ଜଣେ ଚଳୁଥିଲା । ବାପାଙ୍କର ବୋଉର, ଭଉଣୀଙ୍କର ଏତେ ତ୍ୟାଗ ବଦଳରେ ସେ ଦେଇଛି କଣ ? ବର୍ଷ ବର୍ଷ ଧରି ଏତେ କଷ୍ଟ, ଏତେ ଶ୍ରମ, ଏତେ ଦୁଃଖର ପ୍ରତିଦାନ କଣ ଏୟା ? କେତୋଟି ନିରାଶାର ଦୀର୍ଘଶ୍ୱାସ ଏଇ ଉଦାର ଅନନ୍ତ ଆକାଶରେ ମିଳାଇ ଯାଇଥିବ ଚିରଦିନ ପାଇଁ । ଆଉ ଅପେକ୍ଷା କରିବାକୁ ନାହିଁ, ଆଉ ଆଶା କରିବାକୁ ନାହିଁ, ସୁଖ ସ୍ୱପ୍ନ ଶେଷ ହୋଇଯାଇଛି !

ମହାଜନମାନେ ଟଙ୍କା ପାଇଁ ଧମକ ଦେଉଥିବେ । ସେମାନଙ୍କୁ କଣ କହି ସାନ୍ତ୍ୱନା ଦେବେ ? ପୁଅ ଆର ବର୍ଷ ପାଶ୍ କରି ରୋଜଗାର କଲେ ମୁକ୍ତି ଦେବ ଯେ !

ସୁମିତ୍ରା କହିଲା, ଛୁ, ମୋଗଣ ଭାବନା ଆଜି । ତମେ ହେଲେ ମାଟ୍ରିକ ପାଶ୍ କରିଚ, କିନ୍ତୁ ଅନ୍ୟମାନେ କଣ ପାଶ କରିଚନ୍ତି ? ରାଧାବାବୁ କଣ ପାଶ୍ କରିଚନ୍ତି ? ଶ୍ୟାମବାବୁ କଣ ପାଶ କରିଚନ୍ତି ? ମଣିଷର ମୂଲ୍ୟ ଏଇ ପାଠପଢ଼ାରେ ମାପ ହୁଏ ନାହିଁ ।

ଜ୍ୟୋତ୍ସ୍ନାଧୌତ ବେଳାଭୂମି ଅପୂର୍ବ ରୂପ ଧାରଣ କରିଚ । ସୁମିତ୍ରା ଜ୍ୟୋତ୍ସ୍ନାର ସ୍ପର୍ଶରେ ଅପୂର୍ବ ସୁନ୍ଦରୀ ହୋଇ ଉଠିଚ ଯେପରି ! ଏ ସୁମିତ୍ରା, ସନ୍ତୋଷର ସ୍ତ୍ରୀ ସୁମିତ୍ରା ନୁହେଁ, ଏ ସୁମିତ୍ରା ଚିରପ୍ରେମିକା ସୁମିତ୍ରା ! ସୁମିତ୍ରା ସଙ୍ଗେ ପ୍ରେମର ଅନନ୍ତ ସାଗରରେ ଭାସି ବୁଲିଲେ କ୍ଷତି କଣ ? ଅପରାଧ ? ପାପ ? ଅନ୍ୟାୟ ? ତଥାପି ପାପର ଏ ପିଚ୍ଛିଳ ପଥରେ ଚାଲିବାରେ ଅଯାଚିତ ଆନନ୍ଦ ରହିଚି ଯେପରି !

ଅଦୂରରେ ଜ୍ୟୋତ୍ସ୍ନାମଣ୍ଡିତ ମତ୍ତ ସୁନୀଳ ସମୁଦ୍ର । ଦୂର ଦିଗ୍‌ବଳୟ ବ୍ୟାପୀ ଅଖଣ୍ଡ ଜଳରାଶି, ଆଉ ଅଚ୍ଛିନ୍ନ ବାଲୁକା ପ୍ରାନ୍ତର ! ପୃଥିବୀର ସମସ୍ତ ରୁକ୍ଷତା, ସମସ୍ତ ମାଳିନ୍ୟ, ସମସ୍ତ ଅନ୍ଧକାର ଚନ୍ଦ୍ରର ମଧୁର ସ୍ପର୍ଶରେ ଲୁଚି ଯାଇଚି ଯେପରି । ଚନ୍ଦ୍ରର ରୁପେଲି କିରଣ ସଙ୍ଗେ ବାଲୁକା ଓ ଜଳ ନାଚି ନାଚି ଦୂରରେ ଅଦୃଶ୍ୟ ହୋଇ ଯାଉଚନ୍ତି ଯେପରି । ଏ ସୁନ୍ଦର ପୃଥିବୀରେ ନାହିଁ ଅଶ୍ରୁ, ନାହିଁ ଦୁଃଖ, ନାହିଁ ଅନ୍ତରର ନୀରବ କ୍ରନ୍ଦନ ! ଦିଗନ୍ତବ୍ୟାପୀ ଏ ସୁନ୍ଦର ଦେଶରେ ପ୍ରେମର ନୂତନ ଅଭିଷେକ ହେବ, ଅନାବିଳ ପ୍ରେମ ପ୍ରତିଷ୍ଠା ଲାଭ କରିବ ।

ଉନ୍ମତ୍ତ ପବନର ହିଲ୍ଲୋଳରେ ସୁମିତ୍ରାର ଚୂର୍ଣ୍ଣ କୁନ୍ତଳ ଖେଳି ବୁଲୁଚି । ପ୍ରକୃତିର ଏ ଆନନ୍ଦ ଝଙ୍କାର ଭିତରେ ଚିରଦିନ ଏକାଙ୍ଗ

ରହି ହୁଅନ୍ତା କି ! ସାଗର ତଟରେ ପବନର ହିଲ୍ଲୋଳରେ ଜାଗି ଉଠନ୍ତା ଆଜି ଏକ ନୂତନ କାହ୍ନୁ, ଯାହାର ନ ଥାନ୍ତା ଏ ପରୀକ୍ଷା, ଦୁଃଖ ଜଞ୍ଜାଳର ହଳାହଳ ! ଅସ୍ପଷ୍ଟ ଜ୍ୟୋତ୍ସ୍ନାଲୋକ ସୁମିତ୍ରାର ସାରା ଦେହରେ ସୃଷ୍ଟି କରିଛି କେଉଁ କଳ୍ପିତ ସ୍ୱପ୍ନପୁରୀର ସୁକୁମାରୀ ରାଜକୁମାରୀର ଅକଳନ ସୌନ୍ଦର୍ଯ୍ୟ ? କେଉଁ ପରୀ ରାଜ୍ୟର ଅସୀମ ମାୟା । ଦେହର ରନ୍ଧ୍ରେ ରନ୍ଧ୍ରେ ଅମ୍ଳାନ, ଅକ୍ଷୟ, ପୂର୍ଣ୍ଣ ଯୌବନ ଖେଳ ଖେଳି ବୁଲୁଛି । ଛାୟା ଓ ଆଲୋକର ସମ୍ମିଶ୍ରଣରେ ସୃଷ୍ଟି ହୋଇଛି ମର୍ତ୍ତ୍ୟର ମାୟା ପୁରୀ ! ପ୍ରକୃତିର ଏଇ ଆବେଷ୍ଟନୀ ଭିତରେ ସୁମିତ୍ରାକୁ ଚିରଦିନ ପାଇଁ ବକ୍ଷର ନିବିଡ଼ ଆଲିଙ୍ଗନରେ ବାନ୍ଧି ରଖିବାକୁ ଇଚ୍ଛା ହେଉଛି । ପ୍ରାଣର ପୂର୍ଣ୍ଣତା ରହିଛି ଯେପରି ତା ଦେହର ସ୍ପର୍ଶରେ । ପ୍ରକୃତିର ଏ ବାତାବରଣ ଉଡ଼ାଇ ନେଉଛି ବାସ୍ତବ ପୃଥିବୀଠାରୁ ବହୁତ ଦୂରକୁ, ଚିର ଆନନ୍ଦର ରାଜ୍ୟକୁ । ସୁମିତ୍ରାର ଘନକୃଷ୍ଣ କେଶଦାମରୁ ଭାସି ଆସୁଛି ଏକ ମଦିର ଗନ୍ଧ ।

ସୁମିତ୍ରା କାହ୍ନୁର ହାତକୁ ଜୋରରେ ଚିପି ଧରି କହିଲା—ମୁଁ ତମକୁ ଭଲପାଏ ।

କାହ୍ନୁ ମୁହଁଟେକି ଅନାଇଲା, ମତେ ?

ସୁମିତ୍ରା କହିଲା, ହଁ, ଖୁବ୍ ସରଳ ଭାବରେ କହୁଛି ମୁଁ ଭଲପାଏ । ଏଥିରେ ଛଳନାର ଅବକାଶ ନାହିଁ, ସତ୍ୟ ମିଥ୍ୟାର ଦ୍ୱନ୍ଦ୍ୱ ନାହିଁ, ଅବିଳତାର କୁତ୍ସିତ ଜଟିଳତା ନାହିଁ । କିନ୍ତୁ ହେ ନିଷ୍ଠୁର ! ହେ ନିର୍ମମ, ତମେ ମୋର ଏ ପ୍ରେମ ନିବେଦନ କଣ ଗ୍ରହଣ କରିବ ?

ସୁମିତ୍ରା ଚୁପ ରହିଲା । ସନ୍ଧ୍ୟାର ଶୀତଳ ଶୀକର ବାୟୁ ଦେହରେ ଶିହରଣ ଆଣୁଛି ।

କାହ୍ନୁ ହସିଲା । ସତେ ତମେ ଭଲପାଅ ? ସତେ ! ବିଶ୍ୱବାର କୋଳାହଳ ଭିତରେ ପ୍ରେମ କେଉଁଦିନଠାରୁ ମରିଯାଇଛି ସୁମି, କେଉଁଦିନଠାରୁ ମରିଯାଇଛି ! ମରିଯାଇଛି ହିନେ ତମର ଅଜଣାରେ ମୋର ଅଜାଣତରେ ।

ସୁମିତ୍ରା ତାର ଦୁଇ ହାତରେ କାହ୍ନୁର ଦୁଇ ହାତକୁ ହଲାଇ ଦେଇ କହିଲା, କାହାକୁ ତମେ ଠକିବାକୁ ଯାଉଛ ? କାହା ସଙ୍ଗେ ତମେ ଲୁଚୁକାଳି ଖେଳୁଛ ? ଜାଣ, ଏ ପ୍ରେମ ନିବେଦନ ମୋର ନୁହେଁ, ସୁମିତ୍ରାର ହୋଇ ନ ପାରେ କାହ୍ନୁ ନିକଟରେ ! ଏ ନିବେଦନ ଆଦିମ ନାରୀର ଆଦିମ ପୁରୁଷ ନିକଟରେ । ମୋ ଦେହର ପ୍ରତି ଅଣୁ ପରମାଣୁରୁ ସେଇ ଆଦିମ ନାରୀର ଅଲିଂଘନୀୟ ଅନନ୍ତ ଅଖଣ୍ଡ ପିପାସା ଜାଗି ଉଠୁଛି ଯେପରି ! ସୁମିତ୍ରାକୁ ତମେ ଠକାଇ ପାର, କିନ୍ତୁ ଏଇ ଆଦିମ ନାରୀକୁ ? ଏହାକୁ କଣ ଛଳନାର ଆବରଣ ଭିତରେ ନିର୍ମମ ଭାବରେ ପଦାଘାତ କରି ପାରିବ ?

ସୁମିତ୍ରାର ଶୁଭ୍ର କମ୍ର ହାତଦୁଇଟିରୁ ନିଜ ହାତ ଅଲଗା କରି ନେଇ କାହ୍ନୁ କହିଲା, ସୁମି, ଭୁଲ ନାହିଁ ବାସ୍ତବକୁ । ତମ ଭିତରେ ଏଇ ନିର୍ମଳ ସ୍ଥାନରେ ଯେଉଁ ନିଦ୍ରିତ ଆଦିମ ନାରୀ ଜାଗ୍ରତ ହୋଇ ଉଠିଛି, ତାର ଏ ପିପାସା ଭିତରେ ନାହିଁ ଶୁଭ୍ର ସୁମହାନ ପ୍ରେମ, କିନ୍ତୁ ରହିଛି ଆବିଳ କଳଙ୍କମୟ କାମନା ! ସେ ହଳାହଳମୟ କାମନା ଭିତରେ ତମର ଶୁଭ୍ର ଶାଶ୍ୱତ ପ୍ରେମ ଆତ୍ମହତ୍ୟା କରି ମରିଛି । ପ୍ରେମର ଜୟ ହେଉ, କିନ୍ତୁ ଏ କାମନାର ମୃତ୍ୟୁ ହେଉ !

ସୁମିତ୍ରା ନୀରବ ରହି ସମୁଦ୍ର ଆଡ଼କୁ ଚାହିଁଛି । କଣ ଭାବୁଛି ବୋଧହୁଏ । ବେଳାଭୂମି ଉପରେ ବାଲିଝଡ଼ ଆରମ୍ଭ ହୋଇ ଯାଇଛି । ସିକ୍ତ ବାୟୁ କାନ୍ଦି କାନ୍ଦି ଉଠୁଛି ଯେପରି ! ଦୂରରୁ ବନ୍ଦିନୀ ପୃଥିବୀର ଅଶାନ୍ତ ଚିତ୍କାର ଭାସି ଆସୁଛି ପବନରେ ।

ସୁମିତା ହଠାତ୍ ଚିତ୍କାର କରି ଉଠିଲା, ଜାଣେ ଜାଣେ, ତମେ ଭୟ କରୁଚ ତମ ବନ୍ଧୁ ସନ୍ତୋଷକୁ । କିନ୍ତୁ ଜାଣ, ତମର ଏ ଭୟ କପଟ ତଣ୍ଟି ଚିପି ମାରି ଦେଉଚି ଆଦିମ ପୁରୁଷର ସନାତନ ଆତ୍ମାକୁ ? କାହାକୁ ତମେ କହୁଚ କଳଙ୍କ ବୋଲି ? ଏ କାମନାକୁ ? ମିଛ ମିଛ । ଭୟାର୍ତ୍ତ ନୟନରେ ତମର ଏ ଶ୍ୱାଶତ ଆହ୍ୱାନକୁ ଫେରାଇବାର ନୀରବ ଛଳନା ଫୁଟି ଉଠିଚି । ଏ ଆହ୍ୱାନକୁ ଆଜି ତମେ ଫେରାଇ ପାରିବ ନାହିଁ । ତମେ ସୁମିତାର ଡାକ, ତାର ଆତ୍ମ ନିବେଦନକୁ ଅଗ୍ରାହ୍ୟ କରି ଦେଇ ପାର, କିନ୍ତୁ ପୃଥିବୀର ଏ ଆଦିମ ନାରୀ ପାଖରେ ତମେ ବିଜୟୀ ହୋଇ ପାରିବ ନାହିଁ । କେଉଁ ପୁରାତନ ଯୁଗରୁ ସୃଷ୍ଟିର ସକଳ ପୁରୁଷ ପ୍ରକୃତିର ଏ ଆହ୍ୱାନ ପାଖରେ ମସ୍ତକ ଅବନତ କରିଚନ୍ତି । ପୁରୁଷର ସେ ପରାଜୟ ଏଇ ଚନ୍ଦ୍ର, ଏଇ ବାୟୁ, ଏଇ ଘୂମନ୍ତ ପୃଥିବୀ ଦେଖିଚି ।

କାହ୍ନୁ କହିଲା, ଖୁବ୍ ଉତ୍ତେଜିତ ହୋଇ ଯାଇଚ ତୁମେ, କିନ୍ତୁ କେତେ ରାତି ହେଲାଣି ଜାଣ ? ଆମେ ଫେରିଗଲେ ସନ୍ତୋଷ, କଣ କହିବ ?

ସୁମିତା ଉତ୍ତର ଦେଲା, ଯେଉଁ ସୁମିତା ସନ୍ତୋଷକୁ ଭୟ କରୁଥିଲା, ସେ ସୁମିତା ବର୍ତ୍ତମାନ ଏଠି ନାହିଁ । ଯାହାକୁ ତମେ ଭୟ କର, ଏ ସୁମି ତାକୁ ଭୟ କରେନା ।

ସୁମ୍, ବର୍ତ୍ତମାନ ରାତି ଅନେକ ହେଲାଣି । କେମିତି ଏକୁଟିଆ ଏକୁଟିଆ ଲାଗୁଚି । ଏଠି ଆଉ କେତେ ସମୟ ରହିବା ? ଲୋକେ କଣ କହିବେ ?

ଅବିଚଳିତ ଭାବରେ ସୁମିତା କହିଲା, ଫର୍ଟି ଓ୍ୱୂଳଶ ମାଇଲ୍ ଫେରିଯିବା ପାଇଁ ପେଟ୍ରୋଲ୍ ନାହିଁ ଆଉ ଗାଡ଼ିରେ ।

ଚମକି ପଡ଼ିଲା କାହ୍ନୁ, ପେଟ୍ରୋଲ ନାହିଁ ?

ନାହିଁ ।

ତେବେ ଫେରିଯିବା କେମିତି ?

ଉପରେ ପୂର୍ଣ୍ଣିମାର ଚନ୍ଦ୍ର, ସମ୍ମୁଖରେ ଅଶାନ୍ତ ସାଗର, ଦିଗନ୍ତ ବ୍ୟାପି ଶୁଭ୍ର ବାଲୁକାରାଶି; ପବନରେ ବସନ୍ତର ମାଦକ, ଏସବୁକୁ ଛାଡ଼ି ଫେରିଯିବାକୁ କହୁଚ ? ଏପରି ଶୁଭ ମୁହୂର୍ତ୍ତ ଜୀବନରେ ଆଉ କେବେ ଫେରି ଆସିବ ? ଏ ମୁହୂର୍ତ୍ତରେ ନିଜକୁ ନିଜେ ଏପରି ଭାବରେ ହତ୍ୟା କର ନାହିଁ । ମୁହୂର୍ତ୍ତ ପାଇଁ ଭୁଲିଯାଅ ତମର ସଂସାର, ତମ ସମାଜ, ତମ ବନ୍ଧୁ, ତମର ପାପ ପୁଣ୍ୟ, ନୀତିର ତର୍କ । ମୁଁ ଶୁଣିବି ନାହିଁ ନ୍ୟାୟାନ୍ୟାୟର ତଥ୍ୟ, ଭଲ ମନ୍ଦର ନିରର୍ଥକ ଉପଦେଶ, ଆଜି ସୃଷ୍ଟିର ଚିରନ୍ତନ ଆହ୍ୱାନ ମୋ ଭିତରେ ଏତେ ଦିନ ପରେ ଜାଗି ଉଠିଚି । ମୁଁ ବଞ୍ଚିବାକୁ ଚାହେଁ, ମତେ ମାର ନାହିଁ, ମତେ ମାର ନାହିଁ ।

ସୁମିତା ନୀରବ ହୋଇଗଲା । କିଛିକ୍ଷଣ ପରେ ଗୀତ ଉଠିଲା—

ହେ ସୁପ୍ତ ଦେବ<br>
ଅନ୍ତରେ ଆଜି ଥରେ, ଜାଗ ଜାଗ,<br>
ଜାଗ, ଜାଗ ।<br>
ତବ ପରଶ ଲାଗି ଆଜି ବ୍ୟାକୁଳ ହିୟା<br>
ବାହାର ମନ୍ଦିରେ ନ ହୁଅ ଠିଆ<br>
ପରାଣ ଦୁଆରେ ସେନେହ ମାଗ,<br>
ଜାଗ, ଜାଗ ।<br>
ହେ ସୁପ୍ତ ଦେବ···

ସଙ୍ଗୀତର ଶେଷ ମୂର୍ଚ୍ଛନା ପବନରେ ମିଳାଇଗଲା ଧୀରେ ଧୀରେ । କାହ୍ନୁ ଚନ୍ଦ୍ରକୁ ଚାହିଁଲା । ପୂର୍ଣ୍ଣିମା ଚନ୍ଦ୍ରର ଆଖିରୁ ଲୁହ

ବିନ୍ଦୁ ବିନ୍ଦୁ ହୋଇ ଖସି ପଡ଼ୁଛି ଯେପରି । ସେ ଯେପରି ଚିତ୍କାର କରି ଉଠୁଛି, ହେ ନିର୍ମମ ! ହେ ନିଷ୍ଠୁର !

ସୁମିତ୍ରା ଢଳିପଡ଼ିଲା କାହ୍ନୁର କୋଳକୁ । ସର୍ବାଙ୍ଗରେ କିଏ ଯେପରି ବହ୍ନି ଜାଳି ଦେଲା । ସୁମିତ୍ରାର ବିକ୍ଷିପ୍ତ ଅଳକକୁ ସଜାଡ଼ି ଦେଉ ଦେଉ କହିଲା, ସୁମି ତମେ ବଡ଼ ଦୁର୍ବଳ ! ଶୋଇପଡ଼ ।

ଆକାଶରେ ଚନ୍ଦ୍ର ମୁଖରେ ବଦ୍ରୁପର ହସ ଖେଳି ଉଠିଛି ଯେପରି । ଖାଠିଏ ଟଙ୍କିଆ ମାଷ୍ଟରର ପୁଅ କାହ୍ନୁ, ଆଉ ଲକ୍ଷ ଲକ୍ଷ ଟଙ୍କାର ଅଧିକାରୀ ସନ୍ତୋଷର ସ୍ତ୍ରୀ ସୁମିତ୍ରା—ହାଃ—ହାଃ—ହାଃ ! କାହ୍ନୁ ବିରକ୍ତିରେ ମୁହଁ ବୁଲାଇ ଆଣିଲା । ସମୁଦ୍ରର ଉଚ୍ଛଳ ତରଙ୍ଗମାଳା ଯେପରି ହସି ଉଠୁଚନ୍ତି, ହାଃ—ହାଃ—ହାଃ ସିଏ ତିନଥର ଫେଲ୍ ହୋଇଛି ସେଇ କାହ୍ନୁ ନା ?

ସୁମିତ୍ରା ଶୋଇ ପଡ଼ିଲାଣି । ତାର ଦୀର୍ଘନିଶ୍ୱାସ ନେବାର ଶବ୍ଦ ଅସ୍ପଷ୍ଟ ଭାବରେ ଶୁଭୁଛି । ଗୌରହେମଚନ୍ଦ୍ରଲତାରେ ଚନ୍ଦ୍ରିକା ସୃଷ୍ଟି କରୁଚି ପୃଥିବୀର ସମସ୍ତ ଯୌବନ ।

ଧୀରେ ଧୀରେ ବାଲି ଉପରେ ଶୁଆଇଦେଲା ସୁମିତ୍ରାକୁ । ତା ପରେ ଦଉଡ଼ିବାକୁ ଆରମ୍ଭ କଲା ।

କେତେ କଷ୍ଟରେ ଘର ଖଣ୍ଡେ ମିଳିଲା, ଭଡ଼ା କୋଡ଼ିଏ ଟଙ୍କା । କୋଡ଼ିଏ ଟଙ୍କା ହେଉ ପଛେ ଘର ଖଣ୍ଡେ ମିଳିଲା ତ ! ଦୁଇ ମହଲା ଘର । ଉପରେ ବଖରାଏ, ତଳେ ବଖରାଏ, ତଳେ କୂଅ ପାଇଖାନା । ତଳ ବଖରାରେ ଝରକା ନାହିଁ । ରୋଷେଇଘର କଲେ ଚଳିବ । ଉପର ବଖରା ଶୋଇବା ପାଇଁ ବେଶ୍ ହେବ । ବଜାରରୁ ହାଣ୍ଡି ଦୁଇଟା ସେଟରେ ଚାଉଳ, ପାଏ ଡାଲି, ତେଲ, ପରିବା, କାଠ କିଣି ଆଣିଲା କାହ୍ନୁ । ରୋଷେଇ ବସେଇଦେଲା । ଜୀବନରେ ପ୍ରଥମ ଏଇ ରୋଷେଇ କରିବା । ଧୂଆଁରେ ଆଖି କାନ ପୋଡ଼ିଲା । ପରିବା କାଟୁ କାଟୁ ହାତ କାଟି ହୋଇଗଲା । କୌଣସି ମତେ ରୋଷେଇ ସାରି ଦେଲା । ଗାଧୋଇ ସାରି ଓଦା ଗାମୁଛାରେ ଭାତ ବାଢ଼ି ଖାଇ ବସିଲା । ତରକାରିରେ ଲୁଣ ପକାଇବାକୁ ମନେ ନାହିଁ, ଡାଲିରେ ବେଶୀ ଲୁଣ ହୋଇଗଲା । ପେଟ ପୂରିଲା ତ !

ଖାଇସାରି ଉପରକୁ ଗଲା । ଛାତ ଫାଟିଚି, ବର୍ଷା ହେଲେ ପାଣି ଝରିବ । ଗୋଟାଏ କଡ଼କୁ ବିଛଣା ସଜାଇ ଦେଲା । କାନ୍ଥ ସେଲଫ୍‌ରେ ବହି ଗୁଡ଼ାକ ସଜାଡ଼ି ଦେଲା । ଦଶଟା ବାଜିବ । ଅଫିସ ଯିବା ସମୟ ହୋଇଗଲାଣି, ଅଫିସ ଯିବାକୁ ପଡ଼ିବ ।

ଛିଣ୍ଡା ବାଟା ଚପଲ ପାଦରେ ଗଳାଇ ବାହାରି ପଡ଼ିଲା । ଉପର ଘରଟାରେ ଗୋଟାଏ ଭଙ୍ଗା ତାଲା ପକାଇଲା । ତାଲାର ଗୁଣ ନାହିଁ । ବାହାରକୁ ଜଣା ପଡ଼ିବ ତାଲା ଦିଆହୋଇଚି ବୋଲି । କିନ୍ତୁ ଟାଣି ଦେଲେ ଫିଟିଯିବ । ତଳ ମହଲାର ବାହାର ପଟକୁ କବାଟର ଶିକୁଳି ନାହିଁ । ଆଉଜାଇ ଆଣିଲା । ରାସ୍ତା ଉପରକୁ ଗଲା

ଆସିଲା । ଦଶଟାବେଳର ଟାଉନବସ ଷ୍ଟେସନ ଆଡ଼କୁ ଛୁଟିଛି । ଶୀଘ୍ର ଶୀଘ୍ର ଚାଲିଲା । ବେଳ ହୋଇ ଗଲାଣି ।

ଉପର ମହଲାରେ ଅଫିସ, ତା ଉପର ମହଲାରେ ରହିବା ଘର । ତଳ ମହଲାରେ ଗୋଟାଏ ବ୍ୟାଙ୍କ ହୋଇଚି । ପ୍ରଥମ ବଖରାଟା ସନ୍ତୋଷର । ବାହାରକୁ ସାଇନ୍‌ବୋର୍ଡ଼ ଝୁଲୁଚି । ଲେଖା ହୋଇଛି, ଶ୍ରୀ ସନ୍ତୋଷ କୁମାର ପଟ୍ଟନାଏକ ବି. ଏସ୍. ସି.; ବି. ଏଲ୍. । ତାପରେ ବୈଠକ ଘର, ତା ପାଖକୁ ଆମୋଦାଗାର, ଆମ୍ୟୁଜ୍‌ମେଣ୍ଟ ହଲ୍ । ତା ପାଖକୁ ଲାଇବ୍ରେରୀ । ତା ପାଖକୁ ଶ୍ବେସନ୍ ରୁମ୍ । ତା ପାଖକୁ ନୂଆହୋଇ ସାଇନ୍‌ବୋର୍ଡ଼ଟାଏ । ମିସେସ୍ ସନ୍ତୋଷ କୁମାର ପଟ୍ଟନାୟକ । ତା ତଳକୁ ଲେଖାହୋଇଚି ସୁମିତ୍ରା ପଟ୍ଟନାୟକ । ଆଗରୁ ଏ ରୁମ୍‌ଟା କନ୍‌ସଲ୍‌ଟେସନ ରୁମ ଥିଲା । ତା ପର ବଖରାଟା ତାର ଅଫିସରୁମ । ଲେଖାହୋଇଚି ଶ୍ରୀ କାହ୍ନୁ ଚରଣ ମହାନ୍ତି ପ୍ରାଇଭେଟ୍ ସେକ୍ରେଟେରୀ । କାହ୍ନୁ ସନ୍ତୋଷର ପ୍ରାଇଭେଟ୍ ସେକ୍ରେଟେରୀ । ସେଇ ସନ୍ତୋଷକୁ ମାଟ୍ରିକ ପଢୁଥିଲା ବେଳେ ଭୂଗୋଳ ଅଙ୍କ କେତେଥର ବତାଇ ଦେଇଚି । ଆଜି ସେ ବି. ଏସ୍. ସି., ବି. ଏଲ୍. । ଦୁଇଟା ବ୍ୟାଙ୍କର ମ୍ୟାନେଜିଂ ଡାଇରେକ୍ଟର, ଗୋଟାଏ କାଗଜ କଳର ମାଲିକ । ରୁମ ବାହାରେ ଇଲେକ୍‌ଟ୍ରିକ୍ ଗୃବ । ଭିତରକୁ ପଶିଗଲା କାହ୍ନୁ । ଫ୍ୟାନ ଖୋଲିଦେଲା । ମେ ମାସର ଗରମ । ଟିକିଏ ଥଣ୍ଡା ଲାଗିବ । କାଗଜକଳ, ବ୍ୟାଙ୍କ ପାଇଁ ଅଲଗା ଅଫିସ ଅଛି । ଏଠାରେ କେବଳ ସବୁଠାରୁ ଗୁପ୍ତ ଜିନଷର ଫାଇଲ । ସନ୍ତୋଷ ତାକୁ ବିଶ୍ୱାସରେ ନିଯୁକ୍ତ କରିଚି ।

ପ୍ରଥମ ଫାଇଲ୍‌ଟା କାଗଜକଳର । କାଗଜକଳ ପାଇଁ ଯଥେଷ୍ଟ ପରିମାଣରେ ବ୍ଲିଚିଂ ପାଉଡ଼ର ମିଳୁନାହିଁ, ବାଣିଜ୍ୟ ସେକ୍ରେଟେରୀଙ୍କୁ ପାଞ୍ଚ ଶହ ଲାଞ୍ଚଦିଆ ସରିଚି । ତଥାପି ମଂଜୁରୀ ମିଳୁନାହିଁ । ମନ୍ତ୍ରୀଙ୍କୁ

ହଜାରେ ଟଙ୍କା ଲାଞ୍ଚ ଦେବାକୁ ପଡ଼ିବ । ଦୁଇ ଦିନ ପରେ ବାଣ୍ଡୀଗୀୟୁ ସମସ୍ତ କର୍ତ୍ତାଙ୍କୁ ଡିନର ପାର୍ଟି ଦେବାକୁ ପଡ଼ିବ । ନିମନ୍ତ୍ରଣ ପତ୍ର ଟାଇପ୍ କରାଯିବ । କାହ୍ନୁ ଟାଇପ୍ କଲା । ୧ । ମି: ଅରୁଣ ଚନ୍ଦ୍ର ଚକ୍ରବର୍ତ୍ତୀ ଏମ୍.ଏ., ବି. ଏଲ. ୨ । ମି: ଏସ୍ କେ. ରାଓ ଏମ୍ ଏସ୍.ସି, ପି. ଏଚ୍. ଡି. ୩ । ମି: ଅଚ୍ୟୁତ ନାରାୟଣ ସିଂ, ଏମ୍. ଏ. ୪ । ଡକ୍ଟର ରାଧା କୁମୁଦ ଦାସ, ଏମ୍. ବି. ବି. ଏସ୍.; ଡି. ଟି. ଏମ୍ ୫ । ଡକ୍ଟର ନାରାୟଣ ଚନ୍ଦ୍ର ମିଶ୍ର ପି ଏଚ. ଡି ୬ । ଡକ୍ଟର ଏଲ. ଏନ୍. ମୁଣ୍ଡ, ଡି. ଏସ୍. ସି., ଏଲ୍. ଏଲ. ଡି. ୭ । ମିସ୍ ପ୍ରତିମା ଚୌଧୁରୀ ବି. ଏ. ୮ । ମିସେସ୍ ଏଲ୍. ଏନ. ମୁଣ୍ଡ ଏମ. ବି. ଆଇ. ଟି. ଏସ୍. ୯ । ମିସ୍ କରୁଣା ମାଧୁରୀ ବୋଷ ଡି. ଲିଟ୍ (ଲଣ୍ଡ)……

ସନ୍ତୋଷ ରୁମ ଭିତରକୁ ପଶି ଆସିଲା । ଓଠରେ ଦାମିକା ସିଗାରେଟ । ପାଖ ଚେୟାର ଉପରେ ବସିପଡ଼ି ଅନାଇଲା ଟାଇପ୍ ରାଇଟରକୁ । ବେଶ ପ୍ରମ୍ପଟ୍ ଅଛୁ ତ କାହ୍ନୁ । ଆଚ୍ଛା ଏ ଡିନର ପାର୍ଟିକୁ କାଲ୍‌କଟାରୁ ଗୋଟାଏ ଡ୍ୟାନ୍‌ସ ପାର୍ଟି ଆଣିଲେ କେମିତି ହୁଅନ୍ତା ?

କାହ୍ନୁ କହିଲା ମତେ କଣ ପଚାରୁଛ, ତମେ ଯାହା କରିବନା !

ନା, ପଚାରୁଥିଲି ଭଲ ହେବ କି ନାହିଁ । ଆର ଥର କାଗଜ କଳ ଲାଇସେନସ୍ ପାଇଁ ଗୋଟିଏ ରାତ୍ରୀ ଭୋଜନର ବ୍ୟବସ୍ଥା କରିଥିଲି । କାଲକାଟାରୁ ଗୁଡ଼ିଏ ଗାର୍ଲ ଆଣିଥିଲି । ତା ଆର ଦିନ ଲାଇସେନସ୍ ମିଳିଗଲା । ଏଥର ସବୁଠି ସେୟା କଲେ ଭଲ ହେବ ।

କାହ୍ନୁ କହିଲା, ବେଶ୍ ହେବ ।

ସନ୍ତୋଷ କାହ୍ନୁ ହାତକୁ ଖଣ୍ଡେ ସିଗାରେଟ ବଢ଼ାଇ ଦେଲା । କାଲକଟା ଗଲେ ଦୁଇଟା କାମ ହୋଇପାରିବ । ବିଲାତି ମାଲ ବି ଆଣି ହେବ ।

କାହ୍ନୁ ଟାଇପ କରିବାରେ ଲାଗିଲା ।

ନା, ଜନରବକୁ ନ ଡାକି ଉପରବକୁ ଡାକିଲେ ଭଲ ହେବ । ବର୍ତ୍ତମାନ ଆଉ ଗୋଟାଏ ଲିଷ୍ଟ କଲି କିଏ କିଏ ଆସିବ କଲିକତାରୁ । ଲେଖ ମୁଁ ଡାକୁଛି ।

କାହ୍ନୁ କଲମ ଧରିଲା ।

ଗୁରିଟା ହ୍ୱାଇଟ ଲେବଲ ସ୍କଚ ହୁଇସ୍କି । ଦୁଇଟା ଫ୍ରେଞ୍ଚ ରମ୍··ହଠାତ୍ କଲିଂ ବେଲଟା ବାଜି ଉଠିଲା । କାହ୍ନୁ ବାହାରକୁ ଗଲା । କିଛି ସମୟ ପରେ ଆସି କହିଲା, ଫୋନରେ ଆପଣଙ୍କର କିଏ ଜଣେ ବନ୍ଧୁ ଡାକୁଛନ୍ତି ।

ଶ୍ୟାମ ଇଟ୍, ଶାଳା ରବି ଡାକୁଥିବ । ଲୁଆଡ଼େ ବିଜନେସ୍ କରିବ ମୋଠୁଁ ହଜାରେ ଟଙ୍କା ଧାର କରି । କିରେ ଧାର କରି କି ବିଜନେସ୍ କରିବୁ ? ଜାଣ, ମୁଁ ବିଜନେସ୍ କିପରି ଆରମ୍ଭ କଲି ? ପ୍ରଥମ ଖବର କାଗଜରେ ଆଡ଼ଭରଟାଇଜ୍‌ମେଣ୍ଟ ଦେଲି, ଅପୂର୍ବ କବଚ । ଏହି କବଚ ଧାରଣ କଲେ ପରୀକ୍ଷା, ବିବାହ, ପୁରୁଷ କିମ୍ବା ସ୍ତ୍ରୀକୁ ବଶ ଇତ୍ୟାଦି ଅକ୍ଳେଶରେ କରାଯାଇପାରେ । ଦାମ ଦୁଇ ଟଙ୍କା ଆଠ ଅଣା । ଗୋଟାଏ ଫଲ୍‌ସ ନାଁ ଦେଲି—ସ୍ୱାମୀ ଦୟାନନ୍ଦ । ପୋଷ୍ଟ ପିଅନକୁ ହାତ କଲି । ମାସକୁ ପାଞ୍ଚ ଟଙ୍କା ନିଏ । ସବୁ ଟଙ୍କା ଚିଠି ଆଣି-ଦିଏ । କେତେଗୁଡ଼ିଏ ତମ୍ବା ତଉଁରିଆ ଆଣି ରଖିଥାଏ, ମିଛରେ ଘର କାଗଜ ଭର୍ତ୍ତି କରି ପଠାଇଦିଏ । ଭାରତବର୍ଷର ଲୋକ ଏମାନେ ! ବୁଦ୍ଧି ଆସିବାକୁ ଆହୁରି ଗୋଟାଏ ଶତାବ୍ଦୀ ଲାଗିବ । ବେଶ ଟଙ୍କା ଆସିଲା । ତା ପରେ ଲୋକ ଠକି ଯିବାରୁ ଟଙ୍କା ଆସିବା ବନ୍ଦ ହେବାକୁ ଲାଗିଲା । ତା ପରେ ସ୍ୱାମୀ ଦୟାନନ୍ଦରୁ ବଦଳି ଗଲି ପ୍ରଫେସର କୁମାର । ଏଥର ବିଖ୍ୟାତ ମେସ୍‌ମେରିଜିଷ୍ଟ, ତା ପରେ ବିଖ୍ୟାତ ଜ୍ୟୋତିର୍ବିଦ । ଚିଠି ଲେଖିଲା ବେଳେ ଗୋଟିଏ ଫୁଲର ନାମ ଓ ଲେଖିବାର ସମୟ ଲେଖିବେ । ଆଉ କିଛି ଲେଖିବା ଦରକାର

ନାହିଁ । ବର୍ଷକ ପାଇଁ ତିନି ଟଙ୍କା ବାରଅଣା, ପାଞ୍ଚ ବର୍ଷ ପାଇଁ ବାର ଟଙ୍କା ପନ୍ଦର ଅଣା, ଆଜୀବନ (ସଂକ୍ଷେପ) ଦଶ ଟଙ୍କା ପନ୍ଦର ଅଣା, (ବିସ୍ତୃତ) ଅଣ ତିରିଶ ଟଙ୍କା ପନ୍ଦର ଅଣା । ହାଃ—ହାଃ—ଏଇଥିରେ ବହୁତ ଟଙ୍କା ପାଇଲି । ପନ୍ଦର ଅଣାର ଅର୍ଥ ଜାଣିଚ ? ତିରିଶ ଟଙ୍କା କହିଦେଲେ ଲୋକେ ଭାବିବେ ବହୁତ ହୋଇଗଲା, କିନ୍ତୁ ଅଣତିରିଶ ଟଙ୍କା ପନ୍ଦର ଅଣା କମ୍ ! କିନ୍ତୁ ମୋ ବ୍ୟବସାୟର ବେଶୀ ମୂଳଧନ ମିଳିଲା ଆଉ ଗୋଟାଏ ଆଡ୍‌ଭରଟାଇଜ୍‌ମେଣ୍ଟରେ । ଖବର କାଗଜରେ ଦେଲି—ଅଭିନେତା ଦରକାର, ମାଟ୍ରିକ୍, ନନ୍‌ମାଟ୍ରିକ୍ ହୋଇଥିଲେ ଚିନ୍ତା ନାହିଁ । ଖାଲି ଇଂଲିସ୍ ଜାଣିଥିଲେ ଚଳିବ । ଇଂଲିସ୍ ବଦଳରେ ହିନ୍ଦି ଜଣାଥିଲେ ଚଳିବ । ଶୀଘ୍ର ଫର୍ମ ମଗାଇ ଦରଖାସ୍ତ କରନ୍ତୁ । ଫର୍ମର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା । ପଞ୍ଜାବ ଫିଲ୍‌ମସ୍ । ଆମ ଦେଶର ଭବିଷ୍ୟତ କର୍ମଧାର ଯୁବକ ମଣ୍ଡଳୀଙ୍କର ଅଭିନେତା ସାଜି ଗୋଟାଏ ଗୋଟାଏ ଅଭିନେତ୍ରୀଙ୍କୁ ନେଇ ବୁଲିବାର ଅଭିଳାଷ ତ କମ ନାହିଁ ! ବହୁତ କଲେଜ ଷ୍ଟୁଡେଣ୍ଟ, ସ୍କୁଲ ଷ୍ଟୁଡେଣ୍ଟ ଫଟୋ ସହିତ ଦରଖାସ୍ତ କଲେ । ବହୁତ ଟଙ୍କା ମିଳିଲା । ଶେଷରେ ବଡ଼ ହଇରାଣ ହେବାକୁ ପଡ଼ିଲା କିନ୍ତୁ । ଶେଷରେ ଦିନେ ଠିକଣା ଖୋଜି ମୋ ଘର ଆଗରେ ଆସି ଜମା ! ବହୁତ କଷ୍ଟରେ ପରେ ଇଣ୍ଟରଭିଉ ହେବ ବୋଲି କହି, ସେଠୁ ବସାଭାଙ୍ଗି ପଳା ଇଲି ।

ସ୍ୱାମୀ ଦୟାନନ୍ଦ ଆଜି ବିଖ୍ୟାତ ସନ୍ତୋଷ ପଟ୍ଟନାୟକ ! ଏ ରବି ପୁଣି ଧାର ନେଇ ବିଜନେସ୍ କରିବ । ଯାଅ ମନା କରିଦେବ ବାବୁ ନାହାନ୍ତି, ଡିନରପାର୍ଟି ଆଟେଣ୍ଡ କରିବାକୁ ଯାଇଛନ୍ତି—ଆଉ, ଥାଉ, ଥାଉ, ଡାକ ଡାକ ବନ୍ଦ ହୋଇଯିବ ଯେ ଆପେ ।

ପୁଣି କଲିଂବେଲଟା ବାଜି ଉଠିଲା । କାହ୍ନୁ ଉଠିଗଲା ବାହାରକୁ । ବାହାରରୁ ଆସି କହିଲା, ସ୍ୱୟଂ ରବିବାବୁ ତଳେ ଅପେକ୍ଷା କରୁଛନ୍ତି ।

ସନ୍ତୋଷ କହିଲା, ଅସୁବିଧା ତ ହେଲା, ମନା କରିଦିଅ ବାବୁ ନାହାନ୍ତି ।

କିନ୍ତୁ ସେ ବୁଝି ନେଇଚି ଆପଣ ଉପର ମହଲାରେ ଅଛନ୍ତି ବୋଲି ।

ଆଚ୍ଛା କହିଦିଅ ବାବୁ ଶୋଇଛନ୍ତି, ଆଉ ଦୁଇଘଣ୍ଟା ପରେ ଆସ । ଚାକର୍ଟି ଚାଲିଗଲା ।

ସନ୍ତୋଷ ଆଉ ଗୋଟାଏ ସିଗାରେଟରେ ନିଆଁ ଲଗାଇବାକୁ ଯାଉଚି ପଶି ଆସିଲା ସୁମିତ୍ରା । ସୁମିତ୍ରା ନୀରବରେ ଆସି ଗୋଟାଏ ଚେଆର ଉପରେ ବସିଲା । ସନ୍ତୋଷ ସିଗାରେଟରେ ନିଆଁ ଲଗାଇ ଟାଣିବାକୁ ଲାଗିଲା । ତିନି ଥର ଜୋରରେ ଟାଣି ସାରି ଆସ୍‌ଟ୍ରେରେ ସିଗାରେଟ୍‌କୁ ଫୋପାଡ଼ି ଦେଲା ।

ସୁମିତ୍ରା କହିଲା, ବାଃ, ଫ୍ରେଞ୍ଚରମ୍ ସ୍କଚ୍ ହୁଇସ୍କି ସରିଗଲାଣି ନା କ'ଣ ! ଆଉ ଥରେ ଆଣିବାକୁ ଯାଉଚ !

ସନ୍ତୋଷ କହିଲା, ତମକୁ କେତେ ଥର ମନା କରିଚି ସୁମି, ତମେ ଏ ରୁମକୁ ଆସିବ ନାହିଁ ବୋଲି ?

ମୋ କଥାର ଆଗେ ଉତ୍ତର ଦିଅ ।

ତମ ପାଇଁ ଅଲଗା ରୁମ ହେଲା, ଏଠାରେ ଆମେ କାର୍ଯ୍ୟ ବ୍ୟସ୍ତ । ତମେ ଡିଷ୍ଟର୍ବ୍ କର ନାହିଁ, ଚାଲିଯାଅ ।

ସୁମିତ୍ରା ହେଁ ହେଁ ହୋଇ ହସି ଉଠିଲା । କାର୍ଯ୍ୟବ୍ୟସ୍ତ ଆର ତ କାର୍ଯ୍ୟବ୍ୟସ୍ତ ! ହିସାବ ହେଉଚି ଫ୍ରେଞ୍ଚରମ୍, ହୁଇସ୍କି, କୋଉଠୁ ବେଶ୍ୟା ଆସିବେ, ଏୟା ତ ?

ସନ୍ତୋଷ ଆଉ ଗୋଟାଏ ସିଗାରେଟରେ ନିଆଁ ଲଗାଇଲା । ଗୋଟାଏ ପାର୍ଟି ଦେବାକୁ ହେବ ସେଥିପାଇଁ ଏ ଆୟୋଜନ ।

ଘାଣ୍ଟି ଦେବାକୁ ହେଲେ ଘାଣ୍ଟି ଦଅ, କିନ୍ତୁ ଆଉ ଥର ପରେ କଲିକତାରୁ ବେଶ୍ୟା ଆଣି ଏଠାରେ ଭଜନ ଶୁଣିବାର ନ ରଖ ସେପରି ! କାହ୍ନୁ ରୁମ ଭିତରକୁ ପଶିଆସିଲା । ସୁମିତ୍ରାକୁ ଦେଖି ଫେରିଯିବାକୁ ବସିଥିଲା । ସନ୍ତୋଷ କହିଲା, ଆସ, ସେ ଗଲାନା ?

ହଁ, କହିଲା ଶୁଣିଷ୍ଟା ବେଳକୁ ଆସିବ ।

ସୁମିତ୍ରା ଉଠିଗଲା ବାହାରକୁ ।

ସନ୍ତୋଷ କହିଲା, ଏଥର ଆମ ଏଇ ସିଣ୍ଡେଟ ଡିପାର୍ଟ-ମେଣ୍ଟକୁ ଅନ୍ୟ ଠାକୁ ଉଠାଇ ନେବାକୁ ହେବ । ଏଠାରେ ଭୟଙ୍କର ଗଣ୍ଡଗୋଳ ହେଉଛି ।

କାହ୍ନୁ ଟାଇପ୍ ମେସିନ ପାଖକୁ ଯାଇ ଟାଇପ୍ କରିବାକୁ ଲାଗିଲା ।

ବନ୍ଦ କର ଟାଇପ ରାଇଟର । କେମିତି ଖରାପ ଲାଗୁଚି । ଏ ସିଗାରେଟ ଗୁଡ଼ାକ ନିତାନ୍ତ କଦର୍ଯ୍ୟ ! ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ଏଥର କାଲିକାଟାରୁ ଆଣିବାକୁ ପଡ଼ିବ । ଆଚ୍ଛା ସିନେମା ଲାଇସେନସ୍ କଥା କଣ ହେଲା ?

କାହ୍ନୁ କହିଲା, ଯାଇଥିଲି, ସେ କହୁଛନ୍ତି ଅଣ୍ଡକମ୍‌ରେ ହଜାରେ ଟଙ୍କା ନ ହେଲେ ହେବ ନାହିଁ । ଛ'ଜଣ ଆପ୍ଲାଇ କରିଛନ୍ତି । ସେଥିପାଇଁ ବେଶୀ ଟିକିଏ ପଡ଼ିବ ।

ଆଚ୍ଛା ସେକଥା ଦେଖିବା, ମୋ ଚିଟି ଗୁଡ଼ାକ ଟାଇପ୍ କରି ଦେଇଚ ?

ନା । ଟଂ ଟଂ ହୋଇ ଓ୍ୱାଲ କ୍ଲକ୍‌ରେ ବାରଟା ବାଜିଲା । ସନ୍ତୋଷ ହାତ ରିଷ୍ଟ ଓ୍ୱାଚକୁ ଚାହିଁଲା, ଠିକ୍ ବାରଟା ବାଜିଛି । ଚେଆର ଉପରୁ ଡେଇଁ ପଡ଼ି କହିଲା, ବେଳ ହୋଇଗଲାଣି । ମିଃ ଚଉଧୁରୀଙ୍କ ଘରେ ଗୋଟାଏ ଏନଗେଜମେଣ୍ଟ ଅଛି । ମୁଁ ଆସିଲା

ବେଳକୁ ପ୍ରାୟ ଛଅଟା ବାଜି ଯାଇଥିବ । ଚିଠିଗୁଡ଼ାକ ଟାଇପ୍‌କରି ରଖି ଦେଇଥିବ । ମୁଁ ଆସିଲେ ପୋଷ୍ଟ ହେବ । ସନ୍ତୋଷ ଚାଲିଗଲା ।

ସିଗାରେଟ ଖଣ୍ଡେ ଖାଇବାକୁ ଇଚ୍ଛା ହେଉଛି । ଦରମା ବାବଦ ଆଡ଼ଭାନସ ଦଶ ଟଙ୍କା ନେଇଥିଲା । ପାଞ୍ଚ ଟଙ୍କା ସରିଗଲାଣି, ଆଉ ପାଞ୍ଚଟଙ୍କା ଅଛି । ସିଗାରେଟ ଖାଇବାକୁ ଇଚ୍ଛା ହେଉଛି । ନା, ଏ ପଇସା ଖର୍ଚ୍ଚ କଲେ ଚଳିବ କେମିତି ଏ ମାସକ ? ଦରମା ପଚାଶ ଟଙ୍କା । ମାସ ଶେଷରେ ମିଳିବ ଚାଳିଶ ଟଙ୍କା । ଘରଭଡ଼ା କୋଡ଼ିଏ ଟଙ୍କା ଚାଲିଯିବ । ବାକି କୋଡ଼ିଏ ଟଙ୍କାରୁ ଗୋଟାଏ ମଶାରି କିଣିବାକୁ ହେବ । ମଶାରିଟା ଛିଣ୍ଡି ଗଲାଣି, ମଶା ଗୁଡ଼ାକ ବଡ଼ ଅଥୟ କରୁଛନ୍ତି । ମଶାରି ପ୍ରାୟ ଆଠ ଟଙ୍କା ପଡ଼ିବ । ବାକି ବାରଟଙ୍କାରୁ ହେଲେ ଚପଲ କିଣିବାକୁ ହେବ । ଚପଲ ଦୁଇଟା ଛିଣ୍ଡି ଗଲାଣି । ବାକି ବଳିବ ଛ'ଟଙ୍କା, ଧୋବା ଭଣ୍ଡାରି ଜଳଖିଆ ଦୋକାନ ବାକି ସୁଝା ।

ଆସଟ୍ରେରୁ ଖଣ୍ଡେ ଦରପୋଡ଼ା ସିଗାରେଟ୍ ଉଠାଇ ନେଲା କାହ୍ନୁ । ବେଶ୍ ଏଇ ଖଣ୍ଡିଆ ସିଗାରେଟରେ କାମ ଚଳିଯିବ । ସିଗାରେଟ୍‌ରେ ନିଆଁ ଲଗାଇଲା ।

ଖଣ୍ଡିଆ ସିଗାରେଟ ଖାଇବାକୁ ପଡ଼ିବନି । ହଠାତ୍ ଟେବୁଲ ଉପରେ ନୂଆ ସିଗାରେଟ ପ୍ୟାକେଟ ଚଢ଼ିଗଲା । ସୁମିତା ଆସି ପାଖ ଚେୟାର ଉପରେ ବସିପଡ଼ିଲା । ଲେମନ୍ ଜୁସ୍ ଖାଇବ ? ଆଁ କର । କାହ୍ନୁ ପାଟିରେ ଏକାବେଳେକେ ଛଟା ଲେମନ ଜୁସ୍ ପକାଇ ଦେଲା ସୁମିତା । ପୁରୁଣା ସିଗାରେଟ୍‌ଟା ପକାଇ ଦେଇ ନୂଆ ସିଗାରେଟ ଖଣ୍ଡେ ନେଲା । ପ୍ୟାକେଟ୍‌ଟା ଟେବୁଲ ଉପରେ ରଖିଲା ।

ସୁମିତ୍ରା ଚେୟାର ଉପରୁ ଉଠିଯାଇ ଫ୍ୟାନ୍‌ଟା ବନ୍ଦ କରୁ କରୁ କହିଲା, ନର୍ଭସ୍‌ରେ ପକେଟରେ ବାକି ସିଗାରେଟ ତକ ରଖି ଦେଇପାର ।

ସୁମିତ୍ରା ଚେୟାର ଉପରେ ଆସି ବସିଲା । ସିଗାରେଟରେ ନିଆଁ ଲଗାଇ ଟାଇପ୍ କରିବାକୁ ବସିଲା କାହ୍ନୁ । ସୁମିତ୍ରା ତା ହାତଧରି ପକାଇ କହିଲା, ମୋ ରାଣ, ବର୍ତ୍ତମାନ ଟାଇପ୍ କରିବା ବନ୍ଦ କର । ଏ ଟାଇପ ରାଇଟରର ଶବ୍ଦ ପ୍ରାଣକୁ ତିଳେ ତିଳେ ହତ୍ୟା କରୁଚି ଯେପରି !

କାହ୍ନୁ କହିଲା, କାମ ନ କଲେ ଖାଇବାକୁ ଦେବ କିଏ ?

ସୁମିତ୍ରା ଦଶ ଟଙ୍କିଆ ନୋଟ ଖଣ୍ଡେ ବ୍ଲାଉଜ୍ ଭିତରୁ ବାହାର କରି ପକାଇ ଦେଲା । ବେଶ୍ ଏଥର ତମର ଟାଇପ୍ ରାଇଟିଂ ବନ୍ଦ ହୋଇ ପାରେ । ତମର ତ ବହୁତ ସାହସ ! ଗୋଟାଏ ଲୋକକୁ ଏକୁଟିଆ ସମୁଦ୍ର କୂଳରେ ଛାଡ଼ିଦେଇ ଘରକୁ ଚାଲିଆସି ପାର ?

କାହ୍ନୁ ନୀରବ ରହି ତଳେ ନଖରେ ବୃତ୍ତ କରିବାକୁ ଆରମ୍ଭ କଲା । ଏଇ ଚିଠିଟା ନିଅ, ମୁଁ ଯାଉଚି । ଚିଠିଟାଏ ଦେଇ ସୁମିତ୍ରା ଚାଲିଗଲା । ଚିଠି ଖୋଲିଲା ।

ହେ ନିର୍ମମ, ହେ ନିଷ୍ଠୁର !

ଅନ୍ତରର ବେଦିକାରେ ତମରି ଆସନ ସଜାଇ ସାରିଛି । ଯେତେବେଳେ ତମକୁ ଦେବତା ରୂପେ ଗ୍ରହଣ କଲି ସେତେବେଳେ ମୁଁ ପ୍ରକୃତିସ୍ଥ ନ ଥିଲି । କେଉଁ ଅଜଣା ଶକ୍ତି ମୋ ଦେହରେ କାର୍ଯ୍ୟ କରୁଥିଲା ଯେପରି !

ଯେଉଁ ଦେବତାର ପୂଜା ବେଦୀରେ ସମାଜ ମତେ ବଳି ଦେଇଚି, ମତେ ବାଡ଼ି ଦେଇଚି ପୂଜା ଅର୍ଘ୍ୟ ରୂପେ, ସେ ଦେବତା

ନୁହେଁ ଅସୁର । ଅନ୍ତର ମୋର ଯେପରି ପ୍ରତି ମୁହୂର୍ତ୍ତରେ ଚତ୍କାର କରି ଉଠୁଛି ସେ ଦେବତା ହୋଇ ପାରେନା, ସମୁତାନ !

ଯେତେବେଳେ ସନ୍ଧ୍ୟାର ଉତ୍ତରୀୟ ପୃଥିବୀ ଉପରେ ନଇଁ ଆସେ, ଯେତେବେଳେ ରାତ୍ରୀ ଧୀର ପଦକ୍ଷେପରେ ପୃଥିବୀରେ ଅବତରଣ କରେ, ଯେତେବେଳେ ଦକ୍ଷିଣରୁ ମତ୍ତ ମଳୟ ବାହିଆଣେ କେଉଁ ଦୂର ପୃଥିବୀର ସଙ୍ଗୀତ, ସେତେବେଳେ ମୁଁ ଭାବେ ତମେ ଆସିଚ, ଆସିଚ ସନ୍ଧ୍ୟାର ଉତ୍ତରୀ ତଳେ, ଆସିଚ ମତ୍ତ ମଳୟର ସେ କରୁଣ ସୁନ୍ଦର ଗାନରେ ।

ହେ ନିଷ୍ଠୁର ! ହେ ନିର୍ମମ ଦେବତା । ଫିଙ୍ଗି ଦେଇଚ ସିନା ମୋର ପୂଜା ନୈବେଦ୍ୟ, କିନ୍ତୁ ଦିନେ ଭାବିବ, ନିଷ୍ଟୟ ଦିନେ ଭାବିବ ମୋ କଥା, ପୁଣି ତୋଳି ନେବ ଧରା ଧୂଳିରୁ ଆଜିର ଦଳିତା ଲୁଣ୍ଠିତା ପୁଷ୍ପମାଳାକୁ । ସେଦିନ ଧୂଳି ରେଣୁରେ ଖୋଜିବ, ଚିରଦିନ ଲାଗି ହୃଦୟରେ ବାନ୍ଧି ରଖିବାକୁ ଚାହିଁବ । ସେତେବେଳେ କିନ୍ତୁ ତମର ବନ୍ଧନ ଭିତରୁ ମୁଁ ଚାଲି ଯାଇଥିବ ଚିରଦିନ ଲାଗି । ହେ ମୂକ ଦେବ ! କେଉଁଦିନ ତମେ କଥା କହିବ ? କେଉଁଦିନ ମୁଖର ହେବ ?

ଚିଠିଟାକୁ ଟିକି ଟିକି କରି ଚିରି ଦେଲା କାହ୍ନୁ । ନିଆଁ ଲଗାଇଲା । ଏତେ ସ୍ନେହ ଏତେ ପ୍ରେମ ଗୋଟାଏ ମୁହୂର୍ତ୍ତି ଭିତରେ ପାଉଁଶ ହୋଇଗଲା ? ଝରକା ପାଖକୁ ଯାଇ ପବନରେ ଉଡ଼ାଇ ଦେଲା ସେ ପାଉଁଶକୁ । ଗୋଟାଏ ମୁହୂର୍ତ୍ତ ଭିତରେ ତାର ଅସ୍ତିତ୍ୱ ଲୋପ ହୋଇଗଲା ।

ଚେୟାର ପାଖକୁ ଆସି ଫାଇଲଟା ଖୋଲି ଦେଲା । ଖଣ୍ଡେ ସିଗାରେଟ ଟାଣି ଟାଇପ୍ କରିବାରେ ଲାଗିଗଲା ।

ଟଂ ଟଂ ହୋଇ ଚାରିଟା ବାଜିଲା । ଚିଠି ସବୁ ଟାଇପ୍ ହୋଇ ସାରିଛି । ଟେବୁଲ୍ ଉପରେ ପେପର୍ ୱେଟ୍ ଦେଇ ଚିଠି ତଳେ ରଖିଲା । ଫ୍ୟାନ ବନ୍ଦ କରି ବାହାରି ଆସିଲା ବାହାରକୁ । କବାଟଟା ଅଟୋମେଟିକ୍ । ଆପେ ଆପେ ବନ୍ଦ ହୋଇଗଲା ।

ରାସ୍ତା ଉପରକୁ ଆସିଲା । ଟାଉନ୍ ବସ୍ ଆସି ରହିଗଲା ଠିକ୍ ଆଗରେ । ଏଇତ ବର୍ତ୍ତମାନ ମାଡ଼ି ଯାଇଥାନ୍ତା ! ଦୁଇ ପାଦ ପଛକୁ ଘୁଞ୍ଚି ଆସିଲା, ଆଉ ଟିକିଏ ଆଗକୁ ଚାଲିଗଲା । କଡ଼ ଦେଇ ଖୁବ୍ ଜୋରରେ ଚାଲିଗଲା ଗୋଟିଏ ମଟର ସାଇକଲ, ତା ପଛେ ପଛେ ଗୋଟାଏ ଜିପ୍ କାର । ଉଃ ! ବାଜିଯାଇଥାନ୍ତା ବର୍ତ୍ତମାନ । ଛକ ଉପରେ ପୋଲିସ୍ ସାଇନ୍‌ବୋର୍ଡ—ସ୍ପିଡ୍ ଲିମିଟ୍ ୧୦ ମାଇଲ ଘଣ୍ଟାକୁ । ଦୁଇଜଣ କନଷ୍ଟେବଲ ଠିଆ ହୋଇଛନ୍ତି । ତୀବ୍ର ବେଗରେ ଛୁଟିଗଲା ୧୯୪୯ ମଡ଼େଲର ଗୋଟାଏ ଷ୍ଟୁଡ଼ିବେକର୍, ମାନ୍ୟବର ମନ୍ତ୍ରୀଙ୍କର । ରାସ୍ତା ଅଣ ଓସାରିଆ । ହେଡ୍ କନଷ୍ଟେବଲ ଗୋଟାଏ ରିକସା ରାସ୍ତା କଡ଼ରେ ରଖିଥିଲା ବୋଲି ତାକୁ ଧମକାଉଛି ।

ହଠାତ୍ ବିଜୟ ସଙ୍ଗେ ଦେଖା ହେଲା । ବିଜୟ କ୍ଲାସମେଟ୍ । ବିଜୟ କାହ୍ନୁକୁ ଦେଖି କହିଲା, ହଲୋ ନମସ୍ତେ, ଆଉ ବର୍ତ୍ତମାନ କଣ ହେଉଚି ?

ତମର ? ତମର କଣ ହେଉଚି ?

ବି. ଏସ୍. ସି. ପରୀକ୍ଷା ଦେଇଥିଲି । ପାଶ୍ କରିଚି; ଆଉ ତମର ?

କାହ୍ନୁ ହସିଲା, ଆଉ କଣ ହେବ । ଦେଖି ? ପାରୁନା ଛିଣ୍ଡା ବାଟା ଚପଲ ଆଉ ମଇଳା ଲୁଗାକୁ ?

ବିଜୟ ପାଖ ରେଷ୍ଟୁରାଣ୍ଟକୁ କାହ୍ନୁର ହାତଧରି ଟାଣି ନେଇ ନେଇ କହିଲା, ବାସ୍ତବିକ କଲେଜରେ ପଢୁଥିବା ବେଳେ

କେତେ ଆନନ୍ଦ, ପ୍ରାଚୁର୍ଯ୍ୟର ସମାରୋହ ଭିତରେ ମନେ ପଡ଼େନା କେବେ ଦିନେ ଏଇ ଫଟା କାମିଜ ଛିଣ୍ଡା ଜୋତା ପିନ୍ଧିବାକୁ ହେବ ବୋଲି !

ରେଷ୍ଟୁରାଣ୍ଟର ଦୁଇଟି ଚେୟାରରେ ଦୁହେଁ ବସିଲେ । ବିଜୟ କହିଲା, ଦୁଇଟା ଡବଲ ଚାହା ।

କାହ୍ନୁ ଆପତ୍ତି କଲା, ଖରାଦିନେ ଚାହା ଖାଇବାକୁ କଣ ଭଲ ଲାଗିବ ?

ବିଜୟ ଓଠରେ ଖେଳିଗଲା ଏକ କ୍ଷୀଣ ହସର ରେଖା । ବାସ୍ତବିକ୍ ଚା'ଟା ଦେହ ପ୍ରତି ବେଶ୍ ସ୍ୱାସ୍ଥ୍ୟକର । ସ୍ୱାସ୍ଥ୍ୟକର ଶସ୍ତା ପାନୀୟ ହିସାବରେ ଚା' ପୃଥିବୀରେ ନିଶ୍ଚୟ ଶ୍ରେଷ୍ଠ ସ୍ଥାନ ଅଧିକାର କରିବ । ଲୋକଟା ଆପେ ଆପେ ମରିଯାଏ ଖାଉମତ ଚା ଅଭ୍ୟାସ କଲେ । ଛ'ପଇସାରେ ଗୋଟାଏ କପ ଚା । କିନ୍ତୁ ଜଳଖିଆ ଖାଇଥିଲେ ପେଟଭର୍ତ୍ତି ହେବାକୁ ଅନ୍ତକମ୍‌ରେ ଆଠଣା ପଇସା ଲାଗନ୍ତା ।

କାହ୍ନୁ ନୀରବରେ ଚାହା ପିଇବାକୁ ଲାଗିଲା । ପକେଟରୁ ଗୋଟାଏ ଫଟୋ ବାହାର କରି ବିଜୟ କହିଲା, ଜାଣିଚୁନା ଏଯାକୁ ? ସେଇ ଲବିତା ଆମ ସଙ୍ଗେ ପଢୁ ନଥିଲା, ଏବେ ଗୋଟାଏ ଟୋକା ପ୍ରଫେସର୍ ଙ୍ଗେ କୁଆଡେ ଅନ୍ତର୍ଦ୍ଧାନ ହୋଇଯାଇଚି ! ବିଜୟ ହସି ଉଠିଲା ଜୋରରେ । କେତେ ବେଳ ଯାଏ ହସି ହସି ହସ ବନ୍ଦକରି କହିଲା, ନେ ଅଛୁ ? ସେତେବେଳେ ତା ଫଟୋ ପାଇବାକୁ ଆମେ ସବୁ ତେ ପରିଶ୍ରମ ନ କରିଚୁ । ସେ ଫଟୋବାଲାର ଗୋଡ଼ ଧରିବା ର୍ଯ୍ୟନ୍ତ ଯାଇଚି ! ସେତେବେଳେ ଆମେ ସବୁ କେଡ଼େ ବୋକା ଲୁ ? କଲେଜ ଲାଇଫ୍ ଆଖିରେ ଲଗାଇଦିଏ ଏକ ରଙ୍ଗୀନ

ଅଞ୍ଜନ ! ତୁ ଖାଇସାରି ବିଜୟକୁ ଛଅଣା ପଇସା ଦେଲୁ । ଦୁହେଁ ବାହାରି ଆସିଲେ ବାହାରକୁ ।

କେଉଁଠି ରହୁଚୁରେ ତୁ ?

ବିଜୟ କହିଲା, ଗୋଟାଏ ଧର୍ମଶାଳାରେ ଅଛି । ଘରକଣ ପାଇଁ ଚେଷ୍ଟାକରୁଛି, କିନ୍ତୁ ଭଲ ଘରକଣ ଗୋଟାଏ ମିଳିବା ଆଶା କମ୍ । ଆଚ୍ଛା ବନ୍ଧୁ ବିଦାୟ ! ପୁଣି ଦେଖା ହେବ ।

ବିଜୟ ଚାଲିଗଲା । ରାସ୍ତା ଉପରେ କୁଟିଳ କର୍ମର ସ୍ରୋତ, ଅବସର ହୀନ ଜୀବନର ଏକମାତ୍ର ଲକ୍ଷ୍ୟ ହେଉଚି ସ୍ୱାର୍ଥ । ଗୋଟାଏ ଶୋଭାଯାତ୍ରା ଯାଉଚି । ଆଗରେ ଦୁଇ ଜଣ ପତାକା ଧରି ଚାଲିଚନ୍ତି । ଛୋଟା ମଇଳା ପତାକା ଦୁଇଟା । ପବନରେ ଶୀର୍ଣ୍ଣ ଛିନ୍ନ ପତାକା ଅତି କରୁଣ ଭାବରେ ଉଡୁଚି । ଜଣେ ଚିତ୍କାର କରୁଚି, 'ବିପ୍ଳବ' ଆଉ ସମସ୍ତେ ପାଟି କରୁଛନ୍ତି 'ଦୀର୍ଘଜୀବୀ ହେଉ' । 'ଆମେ ଚାହୁଁ ଭାତ ଏ ସରକାରକୁ ତଡ଼ିଦିଅ, ପୁଞ୍ଜିପତି ଦଲାଲ ସରକାରକୁ ତଡ଼ିଦିଅ ।' ତା ପଛେ ପଛେ ଘୋଡ଼ାଗାଡ଼ିରେ ମାଇକ୍ ଲାଗିଚି, ଜଣେ ଚିତ୍କାର କରୁଚି, ଆଜି ସନ୍ଧ୍ୟା ଛ'ଟାରେ ଗୌରୀଶଙ୍କର ପାର୍କରେ ଗୋଟିଏ ସଭା ହେବ । ଷଟେଇକଲା ଖରସୁଆଁରେ ଓଡ଼ିଆ କୃଷ୍ଟିକୁ ଧ୍ୱଂସ କରାଯାଇଛି, ଷଟେଇକଲା ଖରସୁଆଁ ଦାବୀ ଉପସ୍ଥାପିତ କରିବାକୁ ହେବ । ଭାଇମାନେ ! ଓଡ଼ିଶାର ସ୍ୱାର୍ଥଦୃଷ୍ଟିରୁ ଆପଣମାନେ ଏ ସଭାରେ ବହୁ ସଂଖ୍ୟାରେ ଯୋଗ ଦେଇ ସଭାକୁ ସାଫଲ୍ୟ ମଣ୍ଡିତ କରନ୍ତୁ ।

ରାସ୍ତା କଡ଼ରେ ଦଳେ ଭିକାରି ଭିକାରୁଣୀ ବସିଚନ୍ତି । ପାଟି କରୁଚନ୍ତି, ହେ ବାବୁ ହେ ଧରମକାରି ବାବୁ, ପଇସାଟିଏ ଦିଅ । ଧରମ ହେବ ବାବୁ ପଇସାଟିଏ ଦିଅ । ବାବୁ ଚାଲି ଯାଉଥିଲେ, ଜଣେ ଭିକାରି ତାଙ୍କ ପାଦ ଧରି ପକାଇଲା । ବାବୁ ଜଣକ ଭୁଟ୍‌ମିଶା

ଗୋଇଠାଟାଏ ଦେଲେ । ଭିକାରୀଟି କରୁଣ ଆର୍ତ୍ତନାଦ କରି ତଳେ ପଡ଼ିଗଲା ।

'ବିପ୍ଲବ ଦୀର୍ଘଜୀବୀ ହେଉ' ରୁ ଖାଲି ଶୁଣା ଯାଉଚି 'ହେଉ' । ଶୋଭାଯାତ୍ରା ଅଦୃଶ୍ୟ ହୋଇଗଲାଣି । ମଟରଟାଏ ଆସିଲା । ମଟର ଭିତରେ ବସିଚନ୍ତି ଆସନ୍ନ ଗୌରୀଶଙ୍କର ପାର୍କ ସଭାର ସଭାପତି ବିଖ୍ୟାତ ଜନନେତା ଶ୍ରୀ ନରେନ୍ଦ୍ର କୁମାର ସାହୁ, ତାଙ୍କ ପାଖକୁ ବସିଚନ୍ତି ସିମେଣ୍ଟ କଳର ମାଲିକ ବିହାରୀ ଶ୍ରୀକୃଷ୍ଣ ସିଂହ । ସଭା ସମୟ ହୋଇଗଲାଣି ।

ପ୍ରଧାନ ରାସ୍ତା ଛାଡ଼ି ଗୋଟିଏ ଗଳିରାସ୍ତାରେ କାହ୍ନୁ ଯିବାକୁ ଆରମ୍ଭ କଲା । ଗଳିରେ କେତେ ବାଟ ଯାଇଚି, ଅନାଇଲା ଦୁଆର ମୁହଁରେ ଠିଆ ହୋଇଚି ଗଉରୀ । କାହ୍ନୁ ଦୁଆର ବନ୍ଧ ପାଖକୁ ଯାଇ ଡାକିଲା, ଗଉରୀ, ଗଉରୀ ।

ଗଉରୀ କବାଟ ବନ୍ଦ କରୁଥିଲା, କବାଟ ଫିଟାଇ ଦେଇ ଚାହିଁଲା । ଆରେ କାହ୍ନୁଆଇ ଯେ ! ଆସ ଆସ ।

କାହ୍ନୁ ଚାହିଁଲା ଗଉରୀ ମୁଣ୍ଡରେ ସିନ୍ଦୁର ନାହିଁ । ହାତରେ କାଚ ନାହିଁ । ଗଉରୀ କବାଟ ବନ୍ଦ କରି ବୁଲି ପଡ଼ିଲା ବେଳକୁ କାହ୍ନୁ ତାକୁ ଚାହିଁ ଠିଆ ହୋଇଚି । ଗଉରୀ ମୁହଁ ତଳକୁ କରି ଦେଲା ।

ଶୀର୍ଣ୍ଣ ପାଣ୍ଡୁର ମୁଖରେ ବାର୍ଦ୍ଧକ୍ୟର ଛାୟା ଖେଳି ଆସୁଛି । ଚିନ୍ତାର ଗଭୀର ରେଖାପାତ ହୋଇଚି ମୁହଁରେ । ଏ କଣ ସେଇ ଗଉରୀ ? ସେଦିନର ଚପଳା ହାସ୍ୟମୟୀ ଗଉରୀ, ଆଜି ଏ ଚିନ୍ତା-କ୍ଳିଷ୍ଟା ରୁଗ୍‌ଣା ଗଉରୀ କଣ ଏକ ?

ଗଉରୀ ମୁହଁ ଟେକି ଘରଆଡ଼କୁ ଯିବାକୁ ଲାଗିଲା । କାହ୍ନୁ ତା ପଛେ ପଛେ ଯିବାକୁ ଲାଗିଲା । ଗଉରୀ ପିଣ୍ଡାରେ ଖଣ୍ଡେ ସପ ପକାଇ ଦେଇ କହିଲା, ଠିଆ ହେଲ ଯେ, ବସନା । କାହ୍ନୁ ସପ

ଉପରେ ବସି ପଡ଼ିଲା । ମୁଣ୍ଡଟା ବୁଲାଉଥିଲା । ଖୁଣ୍ଟକୁ ଆଉଜି ବସି ପଡ଼ିଲା । ଗିଲାସେ ପାଣି ଦେଇ ପାରିବୁ ?

ଗଉରୀ ମାଟି ଗିଲାସରେ ଗିଲାସେ ପାଣି ଆଣି ଦେଲା । ପାଣି ପିଇସାରି ଗିଲାସ ରଖିଦେଲା ତଳେ । ଗଉରୀ କହିଲା, ଗିଲାସ ନୋଟା କୂଅରେ ପଡ଼ିଯାଇଚି ।

ତାଟିଆ ତ ନିଶ୍ଚୟ କୂଅରେ ପଡ଼ି ନ ଥିବ ? ତାଟିଆରେ ପାଣି ଆଣିଲନି ?

ଗଉରୀ କିଛି ସମୟ ଚୁପ୍ ରହି କହିଲା, ତାଟିଆ ଅଇଁଠା ହୋଇଛି ।

କାହ୍ନୁ ହସିଲା । ମୋ ଆଗରେ ଲୁଚଉଚୁ କାହିଁକି ? ମୁଁ ଜାଣି ସାରିଲିଣି, ନୋଟା ତାଟିଆ ସବୁ ବନ୍ଧା ପଡ଼ିଚି ।

ପିଲାଟି ଘର ଭିତରୁ କାନ୍ଦି ଉଠିଲା । ଗଉରୀ ପିଲାଟିକୁ ଆଣିଲା । ଦୁଇ ତିନବର୍ଷର ପୁଅ, ଶୀର୍ଣ୍ଣ ଦୁର୍ବଳ ଶରୀର । ମାମୁଁଙ୍କୁ ନମସ୍କାର କର ହରି ! ହରି କହିଲା, ଦଣ୍ଡବତ । କାହ୍ନୁ ଆଗରେ ହାତ ପତାଇ ହରି କହିଲା, ଭଗବାନ୍, ଭାତ ଦିଅ ।

ବେଶ୍ ଶିଖାଇଚୁ ତ ପୁଅକୁ ! ମୋଟେ ବର୍ଷେ ଭିତରେ ତୋର ଏତେ ପରିବର୍ତ୍ତନ ହୋଇଗଲା !

ଗଉରୀ କାନ୍ଥକୁ ଆଉଜି ବସି ପଡ଼ିଲା, ପରିବର୍ତ୍ତନ, ହଁ ପରିବର୍ତ୍ତନ ହୋଇଚି, ଯଥେଷ୍ଟ ପରିବର୍ତ୍ତନ ହୋଇଚି ।

ନୀରବ ରହି ଗଉରୀ ନଖରେ ଚିହ୍ନ ଆଙ୍କିବାକୁ ଲାଗିଲା । ବିକ୍ଷିପ୍ତ ମନକୁ ଏକ କରିବା ପାଇଁ ଏହା ଛଡ଼ା ଆଉ କଣ ଉପାୟ ଅଛି ? ହରି କିଛି ଦୂରରେ ଗୋଟାଏ ମାଟି କୁଣ୍ଢେଇ ନେଇ ବସିଚି, ଡାକୁଚି, ଭଗବାନ ! ଭାତ ଦିଅ, ଭାତ ଦିଅ ।

କାହ୍ନୁ କହିଲା, କହ ଭଗବାନ ଯୋତା ଦିଅ; ଭଗବାନ ଯୋତା ଦେବେ । ଭାତ ଦେବେ ନାହିଁ ।

ହରି କାହ୍ନୁ ମୁହଁକୁ ଚାହିଁଲା ବକ ବକ କରି । ତା ପରେ ପୁଣି ଡାକିଲା ଭଗବାନ ! ଭାତ ଦିଅ, ଭାତ ଦିଅ ।

ଅସ୍ତଗାମୀ ସୂର୍ଯ୍ୟର ରକ୍ତ କିରଣ ଦେବାଳୟ ଶୀର୍ଷରେ ପଡି ଚକ୍ ଚକ୍ କରୁଛି । ଗୋଟାଏ ଉଡ଼ାଜାହାଜ ଖୁବ୍ ତଳେ ଉଡ଼ି ବୁଲିଗଲା । ଆକାଶରେ ଖୁବ ଉପରେ ଦୁଇଟା ପକ୍ଷୀ ଉଡ଼ି ବୁଲୁଛନ୍ତି । ମୁକ୍ତ ପବନର ହିଲ୍ଲୋଳରେ ଭାସି ବୁଲିବା କି ଆନନ୍ଦ, କି ସୁଖକର ।

ଏତେଦିନ ଯାଏ ଦେଖା ନ ଥିଲ ଯେ !

କାହ୍ନୁ ଗଉରୀ ମୁହଁକୁ ଚାହିଁଲା, କହିଲା, କଣ କରିବ ? ଭାତ ପାଇଁ ବୁଲୁଥିଲି ଏଆଡ଼େ ସେଆଡ଼େ ।

ଗଉରୀ କହିଲା, ରାଧା ବାହା ହେଲା ଗୋଟାଏ ବଡ଼ ଅଫିସରକୁ । ଜାଣିଛ ନା ? ରାଧା ଖୁବ ସୁଖରେ ଅଛି ।

ରାଧାର ବାହାଘରକୁ ଯିବା ପାଇଁ ନିମନ୍ତ୍ରଣ ପାଇଥିଲା । କିନ୍ତୁ ଜାଣି ଜାଣି ଯାଇ ନାହିଁ ସେ । ଏକଦା ପ୍ରେମିକା ରାଧାର ସହିତ ଅନ୍ୟର ବିବାହ ଦେଖିବାକୁ ଯାଇଥାନ୍ତା ? ହୃଦୟର ଆରାଧ୍ୟା ଦେବୀ, ମାନସୀ ରାଧାର ମୃତ୍ୟୁ ଦେଖିବାକୁ ଯାଇଥାନ୍ତା ? ନ ଯାଇଛି ବରଂ ଭଲ ହୋଇଛି । ସେଦିନ ସୁରବାବୁଙ୍କ ସଙ୍ଗେ ଦେଖା ହୋଇଥିଲା । ଦେଉଳର ପ୍ରତିଜ୍ଞା କୁଆଡ଼େ ଗଲା ? ସୁରବାବୁ ଦାଢ଼ୀ ରଖିଛନ୍ତି । ହାଃ-ହାଃ-ହାଃ, ସୁରବାବୁ ସଂସାର ଛାଡ଼ିବେ ?

ଆକାଶରେ ଦୁଇଟି ପକ୍ଷୀ ନୀଡ଼ ଅଭିମୁଖରେ ଫେରୁଛନ୍ତି ବୋଧହୁଏ । କେଉଁ ଦୂରରୁ ଭାସି ଆସୁଛି, ହେ ପ୍ରିୟ ! ହେ ନିର୍ମମ ନିଷ୍ଠୁର ପ୍ରିୟ ! ଫେରିଆସ, ଫେରିଆସ··· ରାଧା କାହାର ନିଷ୍ଠୁର କାରାରେ ବନ୍ଦିନୀ । ତାକୁ ମୁକ୍ତି ଦେବାକୁ ହେବ ସେ ବନ୍ଧନରୁ ! କିନ୍ତୁ ରାଧା ବନ୍ଦିନୀ ତ ?

ମନର ରାଧା, ହୃଦୟର ରାଧା, ପ୍ରିୟା ମାନସୀ ପ୍ରେମିକା ରାଧା ମରି ନାହିଁ, ମରିଚି ସଂସାରି ରାଧା । ମାନସୀର ମୃତ୍ୟୁ ହୋଇ ନ ପାରେ । ସେଦିନର ପ୍ରେମିକା ରାଧା ଆଜି ବି ରହିଚି ଠିକ୍ ସେଇପରି; ମନର ମନ୍ଦିରରେ ବନ୍ଦୀ ହୋଇ ନାହିଁ । ଲୋତକର ବେଦୀରେ ଯାହାର ଅଭିଷେକ, ମନର କଳ୍ପନାରେ ଯାହାର ପ୍ରତିଷ୍ଠା, ସେ ବନ୍ଦୀ ହୋଇ ନ ପାରେ ।

ଗଉରୀର ଆର ବର୍ଷ ସ୍ୱାମୀ ଥିଲେ, ସଂସାର ହସି ଉଠୁଥିଲା, କିନ୍ତୁ ଏ ବର୍ଷ ସ୍ୱାମୀ ଚାଲି ଯାଇଛନ୍ତି । ଜଣକର ଅଭାବରେ ସୁଖର ସଂସାରରେ ଦୁଃଖର ହଳାହଳ ଖେଳି ଯାଇଚି ।

କାହ୍ନୁ ଉଠିଗଲା ଘରକୁ । କାନ୍ଥକୁ ମୁହଁ କରି ଗଉରୀ ବସିଚି । ଡିବି ନେଇ ଗଉରୀ ମୁହଁ ପାଖରେ ଦେଖାଇଲା । ଗଉରୀର ଶୁଭ୍ର ମୁହଁରୁ ଝରି ପଡୁଚି ଅଶ୍ରୁ କେତେ ବିନ୍ଦୁ । କାହ୍ନୁ କହିଲା, ଛି ଗଉରୀ, କାନ୍ଦୁଚୁ ? ଯାହା ହବାର ତ ହୋଇଯାଇଚି, ଆଉ ଭାବିଲେ କଣ ଫେରି ଆସିବ ?

ଚାଲି ଜଣା । ଘରର ଗୋଟାଏ କଣକୁ ପଡ଼ିଚି ଛିଣ୍ଡା ମଇଳା ଚାଦର, ସପ, ତକିଆ ଗୋଟାଏ । ଆଉ ଗୋଟାଏ କଣକୁ କେତେଟା ମାଠିଆ, ହାଣ୍ଡି । ଘରର ପ୍ରତି ଅଂଶରେ ଅତି କରୁଣ ଭାବରେ ଫୁଟି ଉଠିଚି ଦାରିଦ୍ର୍ୟ । ଏ ଦାରିଦ୍ର୍ୟର ଶେଷ ନାହିଁ ଯେପରି ! ପୃଥିବୀର ପ୍ରତି ଅଂଶକୁ ଘେରି ରହିଚି ଏ ବିକଟ ଦାରିଦ୍ର୍ୟ । ଦାରିଦ୍ର୍ୟର ପ୍ରଚଣ୍ଡ ଆଘାତରେ ପ୍ରତି ଗୃହ ଶ୍ମଶାନ ପାଲଟି ଯାଇଚି । ସ୍ୱର୍ଣ୍ଣପ୍ରସୂ ଭାରତରେ ଏ ଦାରିଦ୍ର୍ୟକୁ କିଏ ବରଣି କରି ଆଣିଲା ? ଭାରତର ଇତିହାସରେ, ଉତ୍କଳର ଗୌରବମୟ ଇତିହାସରେ, ଏ ଦାରିଦ୍ର୍ୟ କେବେ ଜନ୍ମ ନେଲା ? ଯେଉଁ ଦେଶ ବାରବାଟୀ ପରି ଦୁର୍ଗ ତିଆରି କରିଥିଲା, ସେ ଦେଶ ପୁଣି ଜନ୍ମ ଦେଇଚି ଆଧୁନିକ ଗଉରୀ ପରି-

ବାରକୁ । ପାଷାଣର କଠିନ ଦେହରେ, କୋଣାର୍କର ସୂକ୍ଷ୍ମ କଳାମୟ ପ୍ରସ୍ତର ଗାତ୍ରରେ, କଳାର ଗମ୍ଭୀର ମୂର୍ତ୍ତି ଯେଉଁଦିନ ରୂପ ପାଇଲା, ସେଦିନ କିଏ କଳ୍ପନା କରିଥିଲା ଏଇ ଭୋକା, ଦରିଦ୍ର ପରିବାରକୁ ? ନା ହୁଏତ ସେଦିନ । ଜନତାର ଶିଳ୍ପୀ ଆଖି ସୂକ୍ଷ୍ମକଳାରୁ ଆଗାମୀ ଶତ ଶତ ବର୍ଷ ପରେ ଏଇ ବୁଭୁକ୍ଷୁ ପରିବାର ଉପରେ ପଡ଼ି ପାରିନାହିଁ !

ଗଉରୀ ହରିକୁ ଧରି ଖେଳାଉଥିଲା । କାହ୍ନୁ କହିଲା, ଯାଉଚି, କାଲି ଆସିବି । ଏଇ ରଖ ଦଶ ଟଙ୍କା ଖର୍ଚ୍ଚ କରିବୁ ।

ପକେଟରୁ ନୋଟ ଖଣ୍ଡ ବାହାର କରି ଗଉରୀ ହାତରେ ଦେଲା । ଗଉରୀ କହିଲା, ନା, ନା, ଦରକାର ନାହିଁ, ବେଶ ଚଳି ଯାଉଚି ।

କାହ୍ନୁ ଗମ୍ଭୀର ହୋଇ ଡାକିଲା, ଗଉରି !

କାହ୍ନୁ ଚାଲିଆସିଲା । ରାସ୍ତା ଉପରେ ଚିତ୍ତ ଯାଉଚି । ଚିତ୍ତ କହିଲା, ହଲୋ, ବାଃ ଗୌରୀ ପାଖକୁ ଯାଇଥିଲୁ ନା ? ବେଶ୍ ଦେଖିବାକୁ ସେ, ସୁନ୍ଦରୀ ରୂପସୀ ଯୁବତୀ । ରାଧାକୃଷ୍ଣ ଅଭିନୟଟା ବେଶ୍ ଜମିବ ଏକା ! ନା, ଜମିଗଲାଣି ?

କାହ୍ନୁ କହିଲା, ଚିତ୍ତ !

ଚିତ୍ତ ହସି ହସି ସାଇକେଲ ଉପରେ ଉଠିଲା । ମନେ କରୁଥିବୁରେ ଏ ଅଭଗା ବନ୍ଧୁକୁ । ପ୍ରେମସ୍ରୋତରେ ଭାସିଯାଇ ଗରିବ ବନ୍ଧୁକୁ ଭୁଲିଯିବୁ ନାହିଁ । ଚିତ୍ତ ଚାଲି ଯାଉଚି । ଏଥର ଆଉ ପୋଲିସ ଭୟ ନାହିଁ, ଗଳି ରାସ୍ତା, ବିନା ଆଲୁଅରେ ଯାଇ ହେବ !

ଅନ୍ଧାରରେ ଉପର ମହଲାକୁ କାହ୍ନୁ ଉଠିଲା । ଦ୍ୱାର ଝାଣି ଦେଲା । ଦ୍ୱାର ଖୋଲିଗଲା । ଦିଆସିଲି ମାରିଲା । ମହମବତୀ ବଜାରରୁ ଆଣିବାକୁ ମନେ ପଡ଼ିଲା ନାହିଁ । ବର୍ତ୍ତମାନ ନ'ଟା ବାଜିବ ବୋଧ-

ହୁଏ । ଦୋକାନ ପଡ଼ିଯିବଣି । ଝରକା ଖୋଲି ଦେଲା । ପାଖ ଘରୁ ମାଂସର ତୃପ୍ତିକର ବାସନା ଭାସି ଆସୁଚି । ରେଡ଼ିଓରୁ ଭାସି ଆସୁଚି ତରୁଣୀ କଣ୍ଠର ଗାନ, ଛନ ଛନ ଯଉବନ ମୋର, ବନ୍ଧୁହେ ଝୁରି ମରେ···

ତଳେ ସପଟାଏ ପକାଇ କାହ୍ନୁ ଶୋଇ ପଡ଼ିଲା ।

ବାହାରେ ଲେଖା ହୋଇଛି ସାଇନ୍ ବୋର୍ଡ୍, ଏମ୍. କାନୁନଗୋ ଏମ୍. ଏସ୍. ସି., ପି. ଏଚ୍. ଡ଼ି. । ଗେଟ ମେଲି କରି ଭିତରକୁ ଯିବାକୁ ବସିଛି, ଗୋଟିଏ କଳା କୁକୁର ଛୁଟି ଆସିଲା ବାରଣ୍ଡାରୁ । କାହ୍ନୁ ପ୍ରାଣ ଭୟରେ ଗେଟ ବାହାରକୁ ଦଉଡ଼ି ଆସିଲା । ଆସିଲା ବେଳକୁ ପଥର ଝୁଣ୍ଟି ବୁଢ଼ା ଆଙ୍ଗୁଠି ଛିଣ୍ଡିଗଲା ।

ଚପରାଶି ଆସି କହିଲା, କାହାକୁ ଖୋଜୁଛନ୍ତି ।

କାହ୍ନୁ କହିଲା, କାନୁନଗୋ ଘରେ ଅଛନ୍ତି ?

ସା'ବ ବାହାରକୁ ଯାଇଛନ୍ତି ।

ଫେରିବେ କେତେବେଳେ ?

ଦଶଟା ପନ୍ଦରରେ ।

ମା ?

ମା ଶୋଇଛନ୍ତି ।

ଉଠିବେ କେତେବେଳକୁ ?

ଠିକ୍ ନାହିଁ ।

ବର୍ତ୍ତମାନ ଦେଖା ମିଳିବ ?

ନା, ଅପେକ୍ଷା କରନ୍ତୁ ।

ଚପରାଶି ନେଇ ବସାଇ ଦେଲା ବାହାର ଘରେ । କିଏ ଦେଖା କରିବାକୁ ଆସିଲେ ଏଇ ଘରେ ଅପେକ୍ଷା କରିବାକୁ ହୁଏ । ଗୋଟାଏ ସେକ୍ରେଟେରିଏଟ୍ ଟେବୁଲ । ତା ଚାରି ପାଖରେ କେତୋଟା ସୋଫା । କାନ୍ଥରେ ବିଦେଶୀ ତରୁଣୀଙ୍କର ଛବି । ପ୍ରତି ଅଙ୍ଗେ ଅଙ୍ଗେ ଫୁଟି ଉଠିଛି ଯୌବନର ଉଚ୍ଛୃଙ୍ଖଳତା ।. ଗୋଟାଏ ଫଟୋ କେତେ ଜଣ ଗୁଇନକ୍ ତରୁଣୀଙ୍କର ଉଲଗ୍ନ ଛବି । ମୁହଁରେ କୁତ୍ସିତ ହସ । କାହ୍ନୁ

ମୁହଁ ଫେରାଇ ଆଣିଲା । ଝରକା ଉପରକୁ ଝାରଡର ଅର୍ଦ୍ଧଲଗ୍ନ ଫଟୋର, ଗାନ୍ଧିଙ୍କ ଛବି ଥିବା କ୍ୟାଲେଣ୍ଡର ଗୋଟାଏ । କ୍ୟାଲେଣ୍ଡର ଉପରେ ଲେଖା ହୋଇଚି, ଗାନ୍ଧି ମାର୍କା ଗୁ ପାନ କରନ୍ତୁ ! ଫଟୋ-ଟାରୁ ଅଧେ ଉଇ ଖାଇଗଲାଣି । କେବଳ ମୁହଁରୁ ଅନୁମାନ କରିହୁଏ ଗାନ୍ଧିଙ୍କ ଛବି ବୋଲି ।

ଘରର ଗୋଟାଏ କୋଣକୁ ବଲଆର୍ଡ଼ ଟେବୁଲ । ତା ଉପରେ ଗୋଟାଏ ବିଲାତି ମଦ କାରଖାନାର ସଚିତ୍ର କ୍ୟାଲେଣ୍ଡର । ଚପରାଶି ଗୋଟାଏ ସିଗାରେଟ୍ ପ୍ୟାକେଟ୍ ଆଉ ଗୋଟାଏ ଉଆସିଲ ଆଣି ଦେଲା । ଖଣ୍ଡେ ସିଗାରେଟରେ ନିଆଁ ଲଗାଇଲା କାହ୍ନୁ ।

ସୁମିତ୍ରା କହିଚି ସନ୍ଧ୍ୟା ବେଳକୁ ସିନେମା ଦେଖିଯିବା ପାଇଁ । ଗଉରୀ ପାଖକୁ ତିନ ଦିନ ହେଲା ଯାଇ ନାହିଁ । ଏ ତିନ ଦିନ ଭିତରେ ଗଉରୀ କଣ କରୁଥିବ ? ସିଏ କଣ କରୁଥିଲା ? ରାଧାକୃଷ୍ଣ ଅଭି-ନୟଟା ବେଶ ଜମିବ ଏକା ! ଶିକ୍ଷିତ ଚଉର ଆଖିକୁ ଖରାପ କଲା କିଏ ? ଯେଉଁ ଦେଶର ଆକାଶରେ ସନ୍ନ୍ୟାସର ଗମ୍ଭୀର ଉଦାର ପ୍ରକାଶ, ଯେଉଁ ଦେଶର ବାୟୁରେ ଶତ ଶତ କୋଟି କୋଟି ଦେବ ଦେବୀଙ୍କର ପବିତ୍ର ନିଶ୍ୱାସ, ଯେଉଁ ଦେଶର ମାଟିରେ ଲକ୍ଷ୍ମୀଙ୍କର ନିତ୍ୟ ଅଭିସାର, ସେ ଦେଶର ଆଖିରେ ଏ ଖରାପ ଦୃଷ୍ଟି, ଏ ବିକୃତ ଦୃଷ୍ଟି କେବେ ଆତ୍ମ ପ୍ରକାଶ କଲା ?

ଉପରେ ଫ୍ୟାନ୍‌ଟା ବୁଲି ବୁଲୁଚି ଅବିଶ୍ରାନ୍ତ ଭାବରେ । ଘର ଭିତରୁ ଉତ୍ତାପ ବାହାରୁଚି ଯେପରି ! କେଉଁ ବନ୍ଦୀ ଆତ୍ମାର କରୁଣ ଦୀର୍ଘଶ୍ୱାସ !

ସୁମିତ୍ରା, ଦେହ ପ୍ରତି ବିନ୍ଦୁରେ ଯାହାର ଉଚ୍ଛୁଳା ଯୌବନ, ସାରା ଶରୀରରେ ଯାହାର ଅପରୂପ ଲାବଣ୍ୟର ଅଫୁରନ୍ତ ବିକାଶ, ସେଇ ସୁନ୍ଦରୀ ଚଞ୍ଚଳା ସୁମିତ୍ରା ତାକୁ ଭଲପାଏ । ଭଲପାଏ ? ଭଲ

ଯାଏ ତାର ବିକଟ ଦାରିଦ୍ର୍ୟକୁ ନା ତୁରନ୍ତ ଯୌବନକୁ ? ଯେଉଁ ସୌନ୍ଦର୍ଯ୍ୟର ଅନ୍ତରାଳରେ ଭଲ ପାଇବାର ମଦ୍ରମୟ ପ୍ରକାଶ, ସେ ସୌନ୍ଦର୍ଯ୍ୟ କେଉଁଦିନୁ ଲୋପ ପାଇଛି ବାସ୍ତବତାର ନିଷ୍ଠୁର ଆଘାତରେ ।

ସହରର ଆକାଶରେ ମେ ମାସର କ୍ଷୁଧିତ ପ୍ରପୀଡ଼ିତ ସୂର୍ଯ୍ୟର ଉଗ୍ର ପ୍ରକାଶ । ପ୍ରତି ବିନ୍ଦୁରେ ଅଗ୍ନି ସ୍ଫୁଲିଙ୍ଗ ବୃଷ୍ଟି ହେଉଛି ଯେପରି ! ସିଗାରେଟ ପ୍ୟାକେଟରୁ ଆଉ ଗୋଟାଏ ସିଗାରେଟ କାଢ଼ି ନିଆଁ ଲଗାଇଲି । ସୁମିତ୍ରାକୁ ଭଲପାଇବା କଣ ଅନ୍ୟାୟ ? ପାପ ? ବନ୍ଧୁ ସନ୍ତୋଷର ସ୍ତ୍ରୀ ସୁମିତ୍ରା କଣ ଅନ୍ୟର ପ୍ରେମିକା ହୋଇ ନ ପାରେ ? ସନ୍ତୋଷ ମଦ ଖାଏ, ସୁମିତ୍ରାକୁ ଭଲ ପାଏନାହିଁ । ସୁମିତ୍ରା ତାକୁ ଚାହେଁ ନାହିଁ । କାହାର ଅନ୍ୟାୟ ? ସୁମିତ୍ରାର ନା ସନ୍ତୋଷର ? ସୁମିତ୍ରାର କରୁଣ ଆହ୍ୱାନ ଏଇ ପ୍ରଚଣ୍ଡ ରୌଦ୍ରର ପ୍ରତି କିରଣରେ ଭାସି ଆସୁଛି ଯେପରି, ହେ ସୁନ୍ଦର, ହେ କମନୀୟ, ଆସ, ଆସ···

ରାଧା ବିଳାସ ବ୍ୟସନର ଆବେଷ୍ଟନ ଭିତରେ ହୁଏତ ମନେ ରଖି ନ ଥିବ । ସେ ଦିନର ଚପଳା ରାଧା ଆଜି କଣ ସେହିପରି ଥିବ ? ସେ କାହିଁକି ଆସିଲା ? ରାଧାର ସ୍ୱାମୀ ସରକାରୀହାକିମ । ଯଦି ଖଣ୍ଡେ ଚିଠି ଅନ୍ତତଃ ମିଳିପାରେ । ସନ୍ତୋଷ ପାଖରୁ ସେ ଚାଲି ଆସିବ ।

ବାହାରେ ବୈଶାଖର ରୁଦ୍ରତପ୍ତ ସୂର୍ଯ୍ୟକିରଣ ଝକ୍ ଝକ୍ କରୁଛି । ରାସ୍ତା ଉପରେ ଛୁଟିଛି ଯାନ ବାହାନର କ୍ଷୀଣ ସ୍ରୋତ, କେଉଁ ଏକ କ୍ଷୀଣ ସ୍ରୋତା ନଦୀ ପରି । ଗୋଟାଏ ଫେରିବାଲା ଚିତ୍କାର କରି ଡାକୁଛି, ଆଇସ୍‌କ୍ରିମ···ଏଗାରଟା ବାଜିଲା । ବାବୁ ତ ଆସିଲେ ନାହିଁ ! ଅଫିସ ସମୟ ହୋଇଗଲାଣି । ଫ୍ୟାନଟା ବୁଲି ଚାଲିଛି ଠିକ ଆଗ ପରି । ଓଃ, କି ଗରମ ହେଉଛି !

ବାପା ଚିଠି ଦେଇଛନ୍ତି । ତୋ ପାସ ପାଇ ଯେତିକି ଆନନ୍ଦ ଅନୁଭବ କଲି ତାଠୁଁ ବେଶୀ ଦୁଃଖ ଅନୁଭବ କଲି । ଖବରରେ ଭୁଲିବା କଥା ଅବିଶ୍ୱାସ କରି ପାରିଲି ନାହିଁ । କାରଣ ମୁଁ ଜାଣେ ତୁ ସେଥିରେ ଆନନ୍ଦ ଅନୁଭବ କରୁ । ପ୍ରତିବର୍ଷ ପରୀକ୍ଷା ପରେ ତୁ ସେଠା ଛାଡ଼ି ନ ଆସି ଏହିପରି କଷ୍ଟ ସହି ସେଠି ଅଖିଆ ଅପିଆ ବରଂ ପଡ଼ି ରହୁ, ଏଠାକୁ ଆସୁନାହିଁ । ତୋତେ ସେଠା ସାଥି ଭଲ ଲାଗେ । ବାଛୁରୀକୁ ବନ୍ଧନ ମୁକ୍ତ କରିବା ମାତ୍ରକେ ସେ ଅସମ୍ଭାଳ ହୋଇ ମା ପାଖକୁ ଦୌଡ଼େ । ପ୍ରତ୍ୟେକ ଅବସର ପାଇବା ମାତ୍ରକେ ନିଜର ବାପମାଙ୍କ ପାଖକୁ ଚାଲିଯାନ୍ତି । ମୁଁ କାହାକୁ କହିବି ? ମନ ଦୁଃଖ ମନରେ ମାରେ । ତୋ ଅବସ୍ଥା ବୋଉକୁ ବେଶୀ ବାଧେ, ତୋ ମା ନିଜର ଦୁଃଖଟାକୁ ଗୁପି ନପାରି ମୋତେ ବାରମ୍ବାର କହି ପକାଏ । ତାକୁ ବେଶୀ ବାଧିବାର କାରଣ ବୁଝି ପାରୁଥିବୁ । ତୁ ଯେତେବେଳେ ପିଲା ଥିଲୁ ଏ କନଷଟା ହୁଏତ ବୁଝି ପାରୁ ନଥିବୁ । ବୟସ ବୃଦ୍ଧି ସଙ୍ଗେ ଏହା ଉପଲବ୍ଧି କରିବା କଥା । ଅନୁଭବୀ ତୁ; ସେ କଥା ଅନୁଭବ କରୁଥିବୁ । ତୋର ଗତ ପରୀକ୍ଷା କଥା, ପାଶ୍ କରି ନାହୁଁ ଜାଣି ଦୁଃଖିତ ହେଲି । ମୂଳିଆ ହୁଡ଼େ ଦିନେ, ଚଷା ବର୍ଷେ, ମୂଳିଆ ହିସାବୁ ଦିନ ହୁଡ଼େ ନାହିଁ, ଚଷା ହିସାବୁ ବର୍ଷ ହୁଡ଼େ ନାହିଁ । ତୁ ପରୀକ୍ଷାରେ ବର୍ଷେ ହୁଡ଼ିଲୁ, ୨ୟ ବର୍ଷ ହୁଡ଼ିଲୁ ; ୩ୟ ବର୍ଷ...କାହାକୁ କହିବି ? କେତେ ଆଶା, କେତେ ଆକାଂକ୍ଷା ସବୁ ଶୂନ୍ୟ ଆକାଶରେ ଶରଦ୍ଦିନ ପାଣି ମିଳାଇ ଗଲା । ଚାରିଦିଗ ଅନ୍ଧାର ଦେଖା ଯାଉଛି...ହତଭାଗ୍ୟ ମୁଁ, ମୋର ଭାଗ୍ୟ ଖରାପ । କେଉଁ ଜନ୍ମରେ ଏତେ ପାପ କରିଥିଲି ଯେ ଏ ଜନ୍ମରେ ଏତେ ଦୁଃଖ ଭୋଗ କରୁଛି । କାନ୍ଦି କାନ୍ଦି ଆଖିରୁ ଲୁହ ସରିଯାଇଛି, ଆଉ ଲୁହ ନାହିଁ କାନ୍ଦିବାକୁ...ତୁ ପିଲା, ବାପମାଙ୍କ ଦୁଃଖ ବୁଝି

ପାରିବୁ ନାହିଁ । ଯେତେବେଳେ ବାପ ହେବୁ, ସେତେବେଳେ ବୁଝିବୁ ଏ ଦୁଃଖ···

ସେଦିନ ସୁନିନାକୁ ସମୁଦ୍ର କୂଳରେ ଏକାକିନୀ ଛାଡ଼ି ଚାଲି ଆସିଥିଲା; ସେ କ'ଣ ଭାବଥିବ ? ଭାବଥିବ କାହ୍ନୁ ଦୁର୍ବଳ, କାହ୍ନୁ ଭୀରୁ, କାପୁରୁଷ !

ଜୀବନ ସଂଗ୍ରାମରେ ପରାଜିତ କାହ୍ନୁକୁ ଯଦି କିଏ କହେ ଭୀରୁ ଦୁର୍ବଳ କାପୁରୁଷ ତେବେ ଭୁଲ ରହିଲା କେଉଁଠି ? କି ଶୋଚନୀୟ ସେ ପରାଜୟ ! କିନ୍ତୁ ମର୍ମନ୍ତୁଦ ଜୀବନର ସେ ଉଦ୍ଭଟ ବିଦ୍ରୁପ ! ଜୀବନକୁ ଯଦି ହତ୍ୟା କରାଯାଇ ପାରନ୍ତା ! ଜୀବନ ସଂଗ୍ରାମରେ ଜୟ ଲାଭ କରିବା ପାଇଁ କେତେ ସ୍ୱେଦ, କେତେ ଅଶ୍ରୁ, କେତେ ରକ୍ତଦାନ କରା ହେଲା, କିନ୍ତୁ କି ପ୍ରତିଦାନ ମିଳିଲା ? ମନ ହୃଦୟର କୋଣେ କୋଣେ ଶତ ଶତ କ୍ଷତ ଏବେ ବି ପ୍ରାଣକୁ ଦହନ କରେ ! କି ମର୍ମନ୍ତୁଦ ସେ ଯନ୍ତ୍ରଣା !

ନମସ୍କାର !

କାହ୍ନୁ ମୁଣ୍ଡ ଟେକି ଦେଖିଲା, ଆଗରେ ରାଧା । କହିଲା, ନମସ୍କାର !

କେତେବେଳୁ ଆସିଲଣି ?

ପ୍ରାୟ ନଅଟା ବେଳୁ ।

ଖାଇସାରି ଶୋଇ ପଡ଼ିଥିଲି, ବର୍ତ୍ତମାନ ବାରଟା ବାଜିଲାଣି ।

ରାଧା ଚାଲିଲା ଆଗରେ, ତା ପଛେ ପଛେ କାହ୍ନୁ । ଉପର ମହଲାର ଗୋଟିଏ ରୁମ୍‌ରେ ଦୁହେଁ ଯାଇ ପହଞ୍ଚିଲେ । ରୁମ୍‌ର ଚତୁର୍ଦ୍ଦିଗରେ କେତେଟା କୁସନ୍ ଚେୟାର ଓ ସୋଫା ବିକ୍ଷିପ୍ତ ଭାବରେ ପଡ଼ିଛି । ଗୋଟାଏ ଟ୍ୱିଷ୍ଟ ଟେବୁଲ ଉପରେ ଦାମିକା ରେଡ଼ିଓ । କେତେଟା ଆଲମିରାରେ ବଡ଼ ବଡ଼ ବହି ।

କାହ୍ନୁ କହିଲା, ବାଃ ବଡ଼ ଇଣ୍ଟରେଷ୍ଟି ତ ।

କିନ୍ତୁ ପାର୍ଦ୍ଧ ପଚିଶ ବର୍ଷ ହେଲା ଆଲମିରାର ଗୁଡ଼ ଖୋଲି ନାହିଁ, ତାଙ୍କୁ ପଢ଼ିବାକୁ ଫୁରସତ ନାହିଁ ।

କାନ୍ଥର ଗୋଟାଏ ପାଖରେ ମି: କାନୁନଗୋଙ୍କର ପ୍ରକାଣ୍ଡ ଟେବିଲ ଚଳ । ତଳକୁ ଲେଖା ହୋଇଚି ମି: ଏମ୍ କାନୁନଗୋ, ୧୨ ଫେବ୍ରୁଆରୀ । ଖୁବ୍ ନିକଟରେ ତିଆରି ହୋଇଚି ନିଶ୍ଚୟ । ବେଶ୍ ଥଣ୍ଡା ଲାଗୁଚି ଘରଟା । ଏୟାର କନ୍ଡ଼ିସନଡ଼୍ ବୋଧହୁଏ ।

୧୨ ଫେବୃଆରୀ···ଟେବୁଲ ଉପରେ ନିଷ୍ପ୍ରଭ ଭାବରେ ଜଳି ଯାଉଥିଲା କିରୋସିନ ଲ୍ୟାମ୍ପଟି । ରାଧା କହିଥିଲା, ତମକୁ ଭଲପାଏ, ଭଲପାଏ ପ୍ରିୟ । ହେ ନିଷ୍ଠୁର, ହେ ନିର୍ମମ, ହେ ସୁନ୍ଦର, ହେ ମଙ୍ଗଳ, ଜାଗ ଜାଗ । ମୋର ଅନ୍ତରର ରୁଦ୍ଧ ବେଦନାକୁ କେତେ ଦିନ ରୁଦ୍ଧ କରି ରଖିଥିବ ? ମତେ ମୁକ୍ତି ଦିଅ, ମୁକ୍ତିଦିଅ । ନା, ନା, ରାଧା କଣ ଏୟା କହିଥିଲା ? ରାଜଶ୍ରୀ କହୁଥିଲା, ରାଧା ସୁରବାବୁଙ୍କୁ ଭଲପାଏ । ଦୁହେଁ ମନ୍ଦିରରେ ପ୍ରତିଜ୍ଞା କରିଛନ୍ତି ଯଦି ଦୁହେଁ ବିବାହିତ ହୋଇ ନ ପାରନ୍ତି ତେବେ ଅବିବାହିତ ରହିବେ ଚିରଦିନ । ରାଧା ବିବାହ କରିଚି, ସୁରବାବୁ ଦାଢ଼ୀ ଛାଡ଼ିଛନ୍ତି, ସନ୍ନ୍ୟାସ ଗ୍ରହଣ କରିବେ । କହିବେ, ଏ ସଂସାର ମିଥ୍ୟା, କେହି ନୁହେଁ କାହାର । ଶୁଷ୍କ ଆଦର୍ଶବାଦରେ ଭୁଲି ଯିବାକୁ ଚେଷ୍ଟା କରିବେ ଦିନେ ଜଣେ ସୁନ୍ଦରୀ ବାଳିକାକୁ ସେ ଭଲ ପାଉଥିଲେ, ଏକ ଦୁର୍ବଳ ମୁହୂର୍ତ୍ତରେ ତାଙ୍କୁ ଏକ ବାଳିକା ଆକର୍ଷଣ କରିଥିଲା । କିନ୍ତୁ କିଏ କହିପାରେ ଆଗାମୀ ସେଇ ମୁହୂର୍ତ୍ତରେ ମନର ମନ୍ଦିରରେ ମାନସୀ ରାଧାର ରୂପ ନାଚି ନ ଉଠିବ ବୋଲି ? ମାତର ଶାସନ, ଶାସ୍ତ୍ରର ଉପଦେଶ, ନୈତିକତାର କଠୋର ବନ୍ଧନକୁ

ଘୂର୍ଣ୍ଣି କରି ନାଚି ଉଠିବ ହୁଏତ ଷୋଡ଼ଶୀ ରାଧାର ସକରୁଣ ଲଜ୍ୟାନତ ମୁଖ ।

ରାଧା କହିଲା, ବସ, ଠିଆ ହେଲ ଯେ ।

ଭାରି ଗରମ ଲାଗୁଚି !

ସତେ ନା କଣ ? ଘରଟା ଯେ ଏୟାର କଣ୍ଡିସନଡ଼ ।

ଓଃ ! କାହ୍ନୁ ଗୋଟାଏ କୁସନ୍ ଚେୟାରରେ ବସିପଡ଼ିଲା ।

ରାଧା ଉଠିଗଲା ସିଗାରେଟ ଆଣିବାକୁ । ରାଧାର ଚକ୍‌କଣ କେଶଗୁଚ୍ଛ ବର୍ତ୍ତୁଳ ନିତମ୍ବ ଉପରେ ନାଚି ନାଚି ଖେଳ ବୁଲୁଚି । ଧୀର ପଦପାତରେ ପଦ୍ମ ଫୁଟି ଉଠୁଚି ଯେପରି । ଘରର ଅବ-ହାଓ୍ୟାରେ କେମିତି ଗୋଟାଏ ପ୍ରାଚୁର୍ଯ୍ୟର ଐଶ୍ବର୍ଯ୍ୟର ଉଚ୍ଛୃଙ୍ଖଳତା ଭରି ରହିଚି । ଝରକାର ରେଲିଂ ଦେଇ ଦେଖା ଯାଉଚି ସହରର ସୁଉଚ୍ଚ ପ୍ରାସାଦମାଳା । ଏ ପ୍ରାସାଦମାଳା ଯେପରି ଲୁଚାଇ ଦେଇଚି ତାର ପ୍ରାଚୁର୍ଯ୍ୟ ଓ ଐଶ୍ବର୍ଯ୍ୟ ମଧ୍ୟରେ ଜୀବନର ସମସ୍ତ ତିକ୍ତତା, ବଞ୍ଚିବାର ବିକଟ ସଂଗ୍ରାମ, ଆଉ ଦାରିଦ୍ର୍ୟର ସମସ୍ତ ଅଭିଶାପ । ପ୍ରାସାଦ ଉପରକୁ ବଢ଼ିବାରେ ଲାଗିଚି, ଏ ବଢ଼ିବାର ଯେପରି ଶେଷ ନାହିଁ ! କାନ୍ଥରେ ମିଃ କାନୁନଗୋଙ୍କ ମୁଖରେ ଫୁଟି ଉଠିଚି ଗୋଟାଏ ବିକୃତ ଉପହାସ । କାହ୍ନୁର ଦାରିଦ୍ର୍ୟ ପ୍ରତି, ତାର ଅଭିଶପ୍ତ ଜୀବନ ପ୍ରତି, ତାର ବିରାଟ ପରାଜୟ ପ୍ରତି ଯେପରି ଏ ଉପହାସ । ଆଉ ହୁଏତ ତାର ବ୍ୟର୍ଥ ପ୍ରେମ ପ୍ରତି ।

ରାଧା ସିଗାରେଟ ଟିଣଟା ଆଣି ଥୋଇଦେଲା ଟେବୁଲ ଉପରେ । କାହ୍ନୁ ଟିଣରୁ ଗୋଟାଏ ସିଗାରେଟ ବାହାର କଲା ।

ସିଗାରେଟ ଲାଇଟର ଡ୍ରୟରରେ ଅଛି ।

ସିଗାରେଟରେ ନିଆଁ ଲଗାଇଲା । ସିଗାରେଟଟା ପୋଡ଼ି ପୋଡ଼ି ଧ୍ୱଂସ ହୋଇ ଯାଉଚି, ତା ସଙ୍ଗେ ସଙ୍ଗେ ତା ଜୀବନକୁ ମଧ୍ୟ

ଧ୍ୱଂସ କରିବାକୁ ବସିଛି ଯେପରି । କାହ୍ନୁ କାଶି ଉଠିଲା ଜୋରରେ ।

ରାଧା କହିଲା, ଏତେ ସିଗାରେଟ ଖାଅ ନାହିଁ, ବେଶୀ ସିଗାରେଟ ଖାଇଲେ ସ୍ୱାସ୍ଥ୍ୟ ଖରାପ ହୁଏ ।

କାହ୍ନୁ ହସି ଉଠିଲା । କି ବିକଟାଳ ସେ ହସ, କି କୁତ୍ସିତ ସେ ହସ ! କାହ୍ନୁ ଭିତରୁ କାହ୍ନୁର ପ୍ରେତାତ୍ମା ଯେପରି ଉପହାସ କରି ଉଠୁଛି ! କାହ୍ନୁର କଣ ସ୍ୱାସ୍ଥ୍ୟ ଅଛି ? କାହ୍ନୁର କଣ ଦେହ ଅଛି ? ଅଛି ବିକଟ ଦାରିଦ୍ର୍ୟ, ଅଭିଶପ୍ତ ଜୀବନ, କ୍ଷୁଧା, ଅନାଟନ, ମୃତ୍ୟୁଚିନ୍ତା !

ରାଧା କହିଲା, ବାହାଘରକୁ ତ ଗଲନାହିଁ ! ହଁ କାହିଁକି ଯାଇଥାନ୍ତ, ମୁଁ ତମର କିଏ କି ?

କାହ୍ନୁ ନୀରବରେ ସିଗାରେଟଟା ଟାଣିବାକୁ ଲାଗିଲା । ଏହାର କି ଉତ୍ତର ଦେବ ସେ ? ତାର ମାନସୀ ପ୍ରତିମାର ଜୀବନ୍ତ ସମାଧି କପରି ସହ୍ୟ କରିଥାନ୍ତା ସେ ? ରାଧାର ଆଖିରେ କାହିଁ ସେଇ କରୁଣ ଭାବ ? ତାର କାହିଁ ସେ ଢଳ ଢଳ ଆଖି ? କାହିଁ ସେ ଛଳ ଛଳ ମୁହଁ ? କାହିଁ ତାର ନୃତ୍ୟ ଚପଳ ଦେହର ଲୀଳାୟିତ ଭଙ୍ଗୀ ?

ଏ ବର୍ଷ ପରୀକ୍ଷା ଦେଇଥିଲ ?

ଦେଇଥିଲି ।

କ'ଣ ହେଲା ?

ଏଥର ରାଧା ଖବର କାଗଜ ପଢ଼ିନାହିଁ, ପଢ଼ିବାକୁ ହୁଏତ ଅବସର ପାଇନାହିଁ । ହୁଏତ ଦରକାର ନାହିଁ । ଅତୀତର ଶୁଭା-କାଂକ୍ଷିଣୀ ରାଧା ଆଜି ଶୁଭକାଂକ୍ଷିଣୀ ହୋଇ ନାହିଁ ।

ରାଧା ଆଉ ଥରେ ପଚାରିଲା, କଣ ହେଲା ?

କାହ୍ନୁ ସଂକ୍ଷେପରେ କହିଲା, ନା ।

କଣ ନା

ନା ।

ଫେଲ ହୋଇଗଲ ? କଣ କରାଯାଏ ! ଯାହା ଭାଗ୍ୟରେ ଥିଲା ।

ଘର ଭିତରକୁ ପଶି ଆସିଲା ଆଠ ବର୍ଷର ବାଳକଟିଏ । ରାଧା କହିଲା, ଏ ମୋର ପୁଅ ।

କାହ୍ନୁ ଆଶ୍ଚର୍ଯ୍ୟ ହୋଇ ପଚାରିଲା, ତୋ ପୁଅ ? ମାନେ ?

ରାଧା ହାଃ-ହାଃ ହୋଇ ହସି ଉଠିଲା, ମାନେ ଆଉ କଣ ହୋଇ ପାରେ ? ପୁଅ । ମୁଁ ବାହା ହୋଇ ଆସିଲାବେଳକୁ ଆଠ ବର୍ଷ ହୋଇଥିଲା ଯୁାକୁ । ଯୁା ଉପର ଭଉଣୀକୁ ଅଠର ବର୍ଷ, ମାର ବାହାଘର ହେବା ପୂର୍ବରୁ ଝିଅର ବାହାଘର ହୋଇ ସାରିଥିଲା । ବଡ଼ ସୁନ୍ଦର ଚିତ୍ର ଆଙ୍କିପାରେ ଏ । ମଣ୍ଟୁ, ଗଲୁ ଆର ଘରୁ ତୋ ଡ୍ରଇଁ ଖାତାଟା ଆଣିବୁ ।

ମଣ୍ଟୁ, ରାଧାର ପୁଅ ମଣ୍ଟୁ, ଚାଲିଗଲା ।

ତାର କୁଆଡ଼େ ଚିତ୍ର ଆଙ୍କିବାରେ ଦକ୍ଷତା ଅଛି, ବହୁତ ପ୍ରାଇଜ ପାଇଲାଣି, ଆଉ କେତେ ବର୍ଷ ପରେ ତାକୁ ଇଂଲଣ୍ଡ ପଠାଇବାକୁ ଇଚ୍ଛା କରୁଛନ୍ତି ।

ମଣ୍ଟୁ ଡ୍ରଇଁ ଖାତା ଧରି ପହଞ୍ଚିଲା । କାହ୍ନୁ ତା ହାତରୁ ଡ୍ରଇଁ ଖାତା ନେଇ ଚିତ୍ର ଦେଖିବାରେ ଲାଗିଲା, ବାଃ ବଡ଼ ସୁନ୍ଦର ତ ଛବି ଗୁଡ଼ାକ ! ପ୍ରଥମ ଛବିଟା ଗୋଟାଏ ମଣିଷର । ତଳେ ମଣିଷ ବୋଲି ଲେଖା ହୋଇ ନ ଥିଲେ ଜଣେ ହୁଏତ ଭାବନ୍ତା ତାକୁ କେତେଟା ଦ୍ୱିଭୁଜ ଓ ଚତୁର୍ଭୁଜର ସମନ୍ୱୟ ବୋଲି । ବର୍ଣ୍ଣ ଆର୍ଟିଷ୍ଟ, ନିଶ୍ଚୟ ! ବଡ଼ ଲୋକମାନଙ୍କୁ ସେମାନଙ୍କର ଐଶ୍ୱର୍ଯ୍ୟ ବିଶିଷ୍ଟ କର,

ଚିତ୍ରଶିଳ୍ପୀ, ନାଟ୍ୟକାର, ସଙ୍ଗୀତଜ୍ଞ, ଐତିହାସିକ କିମ୍ବା ନେତା ରୂପେ ସୃଷ୍ଟି କରେଚି ! ସମ୍ପଦ ଆସିଲେ କଳା କି ଶୀଘ୍ର ଆସେ !

ମଣ୍ଟୁ କହିଲା, ବୋଉ ତୋ କାନ ଦେଖା···

ରାଧା କହିଲା, ଛିଃ, ଭଦ୍ରଲୋକ ବସିଛନ୍ତି, ତୁ ଯା···

କାହ୍ନୁ ପଚାରିଲା, କଣ ?

ମୋ କାନରେ ପରୀକ୍ଷା କରିବ, ବାପାଙ୍କ ପକେଟ୍‌ରେ ବି ।

ବାଃ, ଭାରି ଗୁଣବନ୍ତ ଧୁନ୍ନ ସନ୍ତାନ ତ !

ମଣ୍ଟୁ ତ୍ରାଇଁ ଖାତା ଧରି ନାଚି ନାଚି ଚାଲିଗଲା ।

ରାଧା କହିଲା, ଦେଖିଚ ମଣ୍ଟୁ ବାପାଙ୍କୁ ?

ଦେଖି ନାହିଁ ଯଦିଓ, ଫଟୋଟାରୁ ଅନୁମାନ କରୁଚି—

ହଁ, କେତେ ବର୍ଷ ତାଙ୍କୁ ଜାଣ ?

ଚାଳିଶ ଖଟେଣ୍ଟି ହେବ ।

ସତାବନ, ମୋଠାରୁ ପ୍ରାୟ ଚାଳିଶ ବର୍ଷ ବଡ଼; ମୁଁ ତାଙ୍କର ପଞ୍ଚମ···ରାଧା ହସି ଉଠିଲା । ହସରେ ଘରଟା ଭାଙ୍ଗି ପଡ଼ିବ ଯେପରି ।

କାହ୍ନୁ ଡାକିଲା, ରାଧା !

ରାଧା ହସିବାରେ ଲାଗିଲା, ହାଃ-ହାଃ-ହାଃ···

ରାଧା !

କଣ ?

ଏ ବିବାହ ଅନ୍ୟାୟ !

ରାଧା ହସି ହସି କହିଲା, ସତେ ନା କଣ ? କିନ୍ତୁ ମୁଁ ତ ତାଙ୍କୁ ବାହା ହୋଇ ନାହିଁ, ହୋଇଚି ତାଙ୍କ ଅଜସ୍ର ସମ୍ପଦକୁ । ତେଣୁ ଦୁଃଖ ହେବ କାହିଁକି ? ମୁଁ ବେଶ୍ ଆନନ୍ଦରେ ଅଛି । ଚତୁର୍ଦ୍ଦିଗରେ ଐଶ୍ବର୍ଯ୍ୟର ଚକ୍ଲୀରରେ ମୁଁ ଭୁଲି ଯାଇଚି ମୋର ଦୁଃଖ,

ଅଶ୍ରୁ ! କି ଶାନ୍ତିପ୍ରଦ ଏ ସମ୍ପଦ ! ଭଗବାନ, ଚିରକାଳ ଏ ଧନର ଜୟ ହେଉ ! ଏ ଐଶ୍ବର୍ଯ୍ୟର ଜୟ ହେଉ !

ଘଣ୍ଟାରେ ଟଂ ଟଂ ହୋଇ ଗୃରିଟା ବାଜିଲା । କାହ୍ନୁ ଉଠି ପଡ଼ି କହିଲା, ଯାଉଚି ରାଧା; ସମୟ ହୋଇଗଲାଣି, ଆଉ କେତେବେଳେ ଅସିବ ।

ରାଧା ଅନ୍ୟମନସ୍କ ଭାବରେ ଉତ୍ତର ଦେଲା, ହଁ !

ଛି ରାଧା ଏସବୁ କଣ !

ରାଧା କାନ୍ଦି ଉଠିଲା । କାହ୍ନୁ ଆଖିରୁ ଲୁହ ପୋଛି ଦେଇ କହିଲା, ଏତୁଟିଏ ହେଲୁଣି ବୁଦ୍ଧି ହେଲା ନାହିଁ ।

ରାଧା ଶାନ୍ତ ହୋଇ କହିଲା, ବେଳେ ବେଳେ ବଡ଼ ଦୁର୍ବଳ ହୋଇ ପଡ଼େ, ଜାଣେନା କାହିଁକି ଏପରି ହୁଏ । କେତେ ଥର ମନକୁ ଶାସନ କରିଚି କେତେ ଥର ହୃଦୟର ଆବେଗକୁ ଦମନ କରିଚି, ତଥାପି ଏ ଦୁର୍ବଳତା ବାହାରି ପଡ଼େ ।

କାହ୍ନୁ ଘର ଭିତରୁ ବାହାରିକି ଗୃଲି ଆସିଲା । ଦ୍ବାରବନ୍ଧ ପାଖରେ ରାଧା ହାତକୁ ସିଗାରେଟ ଟିଣଟା ବଢ଼ାଇ ଦେଇ କହିଲା, ନେଇ ଯାଅ ଏତକ ।

କାହ୍ନୁ ଆସିଲା ରାସ୍ତା ଉପରକୁ । ଏବେ ବି ସୂର୍ଯ୍ୟର ଉତ୍ତାପ କମ୍ ହୋଇ ନାହିଁ । ଗୃରିଟା ବାଜି ଗଲାଣି । ଆଜି ଅଫିସକୁ ଯାଇ ପାରିଲା ନାହିଁ । ସୁମିତ୍ରା କହିଚି ସିନେମା ଦେଖିଯିବା ପାଇଁ । ସମୟ ହୋଇଗଲାଣି । ଆଜି ଅଫିସକୁ ଯାଇ ନାହିଁ; ସନ୍ତୋଷ ବିରକ୍ତ ହୋଇ ପାରେ । ହେଉ, କ୍ଷତି କଣ ?

ମନେଅଛି ? ମନେଅଛି ସେଦିନର କଳ୍ପନା ଓ ଜଳ୍ପନା ? ମନେଅଛି ସେଦିନର ସ୍ପର୍ଶ ଓ ଝଙ୍କାର ? ମନେଅଛି ଗୋଟିଏ ପରମ କୋମଳ ଅଙ୍ଗଲତାର ନିବିଡ଼ ଉଷ୍ଣ ସ୍ପନ୍ଦନ ? ଅତୀତର

ସେଇ ମୁହୂର୍ତ୍ତରେ···ତାର ସଦ୍ୟସ୍ନାତ କପାଳରେ ଲାଗି ରହିଥିଲା ଚନ୍ଦନର ବିନ୍ଦୁ, କରୁଣ ଆଖିରେ ସ୍ନିଗ୍ଧ ଗୃହିଣୀର ବିହ୍ୱଳତା । ପୂଜାରତା ରାଧାର ଆରକ୍ତ ଗଣ୍ଡରେ ଜମି ଉଠିଥିଲା ସଲ୍ଲଜ ଭଙ୍ଗୀ । ପ୍ରଶାନ୍ତ ନୀରବ ରାତ୍ରୀର ସ୍ନିଗ୍ଧ ବକ୍ଷେର ମୁହୂର୍ତ୍ତ ପରି ସେ ହୁଏତ ସ୍ନିଗ୍ଧ, ମଧୁର । ରାଧା ଆଜି ବର୍ତ୍ତମାନର ସ୍ପର୍ଶରେ ତାର ଅସ୍ତିତ୍ୱ ହରାଇ ବସିଛି । ରାଧାକୁ ଭୁଲିବାକୁ ପଡ଼ିବ ଅନେକ ଜିନିଷ ମନେ ରଖିବା ପାଇଁ । ରାଧାକୁ ତ୍ୟାଗ କରିବାକୁ ପଡ଼ିବ ଜୀବନର ବିରାଟ ଲକ୍ଷ୍ୟ ପାଇଁ—ଅଥଚ ଜୀବନର ସେ ବିରାଟ ଲକ୍ଷ୍ୟ କଣ ?

ରାଧା, ମାନସୀ ପ୍ରେମିକା ରାଧା କାହିଁ ତୁମେ ? କେଉଁ ଦୂରରେ ଅଜଣା ପାଷାଣ ପୁରୀରେ ହୁଏତ ବନ୍ଦିନୀ ତୁମେ । ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ନିଷ୍ଫଳ ପ୍ରତୀକ୍ଷାରେ ଅଶ୍ରୁ ଢାଳୁଛ ! ନା, ନା, ତୁମେ ଭୁଲିଛ ମୋର ଅସ୍ତିତ୍ୱ । ଭୁଲିଯାଇଛ ଅତୀତର ସେ ମଧୁମୟ ସ୍ମୃତି-ବହୁଳ ମୁହୂର୍ତ୍ତ ! ହରାଇଛ ସେଦିନର କମ୍ପନ । କ୍ଷତି କଣ ? ତମର ତାହା ଦୋଷ ନୁହେଁ, ତମର ତାହା ଦୁର୍ବଳତା ନୁହେଁ; ସ୍ୱାଭାବିକ ! ମନୁଷ୍ୟର ଗତି ପଥରେ ବିସ୍ମରଣ ଆବଶ୍ୟକ ।

ରାଧାର ଫଟୋଟି ପକେଟରୁ ବାହାର କଲା କାହ୍ନୁ । ଅନେକ ଦିନ ତଳର ସଂଗ୍ରହ । ଟିକି ଟିକି କରି ଚିରି ଫିଙ୍ଗିଦେଲା ରାସ୍ତା ଉପରକୁ । ଆଜି ମାନସୀ ରାଧାର ମୃତ୍ୟୁ ହୋଇଯାଇଛି ଅତି କରୁଣ ଭାବରେ ।

ହେ ପ୍ରିୟ, ହେ ବନ୍ଧୁ, ହେ ସାଥି ! ବିଦାୟ, ବିଦାୟ ! ଜାଣେନା ଆଉ କେବେ ଭବିଷ୍ୟତରେ ତମ ସହିତ ସାକ୍ଷାତ ହେବ କି ନାହିଁ, ଜାଣେନା ଆମର ସେ ମଧୁ ମୁହୂର୍ତ୍ତ କେବେ ପ୍ରତ୍ୟାବର୍ତ୍ତନ କରିବ କି ନା, ତଥାପି ଆମର ମିଳନ, ଆମର ସାକ୍ଷାତର ଆଉ ଆବଶ୍ୟକତା କଣ ? ଜୀବନର ଗତିପଥରେ ଦୁହେଁ ଦୁଇ ବାଟ

ଗନ୍ତପଥରେ ଆଗେଇ ଚାଲିବେ । ଏଥିରେ ଆଜ ସାକ୍ଷାତ ହୋଇ ପାରେନା, ହେବା ଅସମ୍ଭବ । ତେଣୁ ହେ ସାଥି, ହେ ବନ୍ଧୁ ! ବିଦାୟ, ବିଦାୟ ।

ଚତୁର୍ଦ୍ଦିଗ ଯେପରି ଚିତ୍କାର କରି ଉଠୁଛି; ବିଦାୟ, ବିଦାୟ ! ଜୀବନର ଶେଷ ଗନ୍ତପଥ ମଣିଷକୁ ଉପହାର ଦେଇଛି ଏକମାତ୍ର କରୁଣ ବିଦାୟ ! କେଉଁ ଏକ କରୁଣ ଗୁଞ୍ଜରଣ ଭାସି ବୁଲୁଛି ଯେପରି ତପ୍ତ ସମୀରଣରେ । ରାଧା ପାଖକୁ କାହିଁକି ଯାଇଥିଲା ସେ ? ରାଧାର ଶୋଚନୀୟ ମୃତ୍ୟୁରେ ଆନନ୍ଦ ପାଇବା ପାଇଁ ? ମାନସୀ ରାଧାକୁ କ୍ଷତ ବିକ୍ଷତ ରୂପେ ଦେଖିବା ପାଇଁ ?

ଗୋଟାଏ ଟାଉନ ବସକୁ ଉଠିଗଲା କାହ୍ନୁ । କଣ୍ଡକ୍ଟର ପଚାରିଲା, କେଉଁଠି କି ?

ଷ୍ଟେସନ । ଚାରଣିଟାଏ ବଢ଼ାଇ ଦେଲା କଣ୍ଡକ୍ଟର ହାତକୁ । କଣ୍ଡକ୍ଟର ଗୋଟାଏ ଟିକେଟ ଆଉ ଅଣାଟିଏ ବଢ଼ାଇ ଦେଲା । ବସ ପୂର୍ଣ୍ଣ ହୋଇ ଯାଇଛି । ଅନେକ ବେଳୁ ପାନ ଖଣ୍ଡେ ପଡ଼ିଥିଲା ପକେଟରେ । କାହ୍ନୁ ପାନ ଚୋବାଇବାକୁ ଲାଗିଲା । ଉଃ, କି ଗରମ ! ମୁଣ୍ଡ ପାଗଳ ହୋଇଯିବ ଏ ଗରମରେ । ଟାଉନ ବସଟା ଗୋଟାଏ କରୁଣ ଆର୍ତ୍ତନାଦ କରି ଛୁଟିଛି ଷ୍ଟେସନ ପଥରେ । ପୃଥିବୀର ନିଷ୍ଠୁର ବନ୍ଧନରେ ଚିତ୍କାର କରି ଉଠୁଛି ହୁଏତ ମୁକ୍ତି ପାଇଁ । ସହରର କୋଳାହଳ କପରି ବିରକ୍ତିକର ଲାଗୁଛି । ଏ କୋଳାହଳକୁ ଧ୍ୱଂସ କରାଯାଇ ପାରନ୍ତା ଯଦି ! ରାଧାର ଆନତ ଆଖିରୁ ବହିଚାଲିଛି ଅଶ୍ରୁର ଧାର, ସେ ଚିତ୍କାର କରି ଉଠୁଛି, କାହ୍ନୁର ଜୟ ହେଉ··· ନା, ନା, ଧନର ଜୟ ହେଉ, ଧନର ଜୟ ହେଉ··· । ଅନ୍ତର ତଳୁ କିଏ ଯେପରି ବାରମ୍ବାର ଚିତ୍କାର କରି ଉଠୁଥିଲା, ହେ ସାଥୀ, ହେ ବନ୍ଧୁ ବିଦାୟ, ବିଦାୟ !

କାହ୍ନୁ ବିରକ୍ତରେ ବାହାରକୁ ଅନାଇଲା ।

ଷ୍ଟେସନ ।

ଷ୍ଟେସନର **ମଝର** ଗ୍ୟାରେଜ ପାଖ ରେଲିଂ ଉପରେ ବସି ରହିଛନ୍ତି କେତେଜଣ ତରୁଣୀ । ମୁଖରେ ଶସ୍ତା ପାଉଡର, ଦେହରେ ବମ୍ବେ ପ୍ରିଣ୍ଟରସ୍‌ର ଛପା ଶାଢ଼ୀ, ଆଉ କାହାର ପ୍ରଦତ୍ତ ରଙ୍ଗୀନ ବ୍ଲାଉଜ୍ । ଦେହର ବେଶବିନ୍ୟାସ, ସୁସଜ୍ଜିତ କବରୀ ଲୁଚାଇ ପାରୁନି ଶୀର୍ଣ୍ଣ ରୋଗାକ୍ରାନ୍ତ ଆଉ କରୁଣ ଯୌବନକୁ । ମୁଖରେ ରୋଗ ଆଉ ବୟସର ସୁସ୍ପଷ୍ଟ ଛାୟା । ସେମାନଙ୍କ କବରୀରୁ ଭାସିଆସୁଚି ଗୋଟାଏ ଶସ୍ତା ଏସେନ୍‌ସର ବିରକ୍ତିକର ଗନ୍ଧ । ସନ୍ଧ୍ୟାର ମ୍ଳାନ ଆଲୋକରେ ଆଖିରେ ପଡ଼ନ୍ତି ସେମାନଙ୍କର ଦେହ ମଧ୍ୟର ଗନୋରିଆ ଆଉ ସିଫିଲିସ୍ ଜୀବାଣୁଗଣ ।

ନିକଟରେ ଥିବା କଲେଜ ଉପରେ ଉଡୁଚି ସ୍ୱାଧୀନ ଭାରତର ମୁକ୍ତ ନାଗରିକଙ୍କର ପ୍ରତୀକ ରୂପେ ଜାତୀୟ ପତାକା । ଜୀର୍ଣ୍ଣ ଶୀର୍ଣ୍ଣ ପତାକା ମୃଦୁ ପବନର ହିଲ୍ଲୋଳରେ ନାଚି ନାଚି ଉଠୁଚି ।

ହେ ସ୍ୱାଧୀନ ଭାରତର ନାଗରିକ ଗଣ ! ଏ ସ୍ୱାଧୀନତା କଣ ତମର କ୍ଷୁଧା ନିବାରଣ କରି ପାରିନି ? ନବଭାରତର ନୂତନ ସୂର୍ଯ୍ୟୋଦୟ ପାରିନିକି ଲୁଚାଇ ତମ ଜୀବନର ସମସ୍ତ ରିକ୍ତତା, ସମସ୍ତ ଅଭିଶାପ ?

କେତେ ଜଣ ଯୁବକ, କଲେଜ ଛାତ୍ର ବୋଧହୁଏ, ସେମାନଙ୍କ ନିକଟରେ ବ୍ୟସ୍ତ ଭାବରେ ବୁଲୁଥାନ୍ତି । ଗୋଟାଏ ଭିକାରୀ ଆସି ହାତ ପତାଇଲା । ଭିକାରୀର ସମସ୍ତ ଶରୀରରେ ଦୈନ୍ୟ ଓ କ୍ଷୁଧାର ବୀଭତ୍ସ ବିବରଣ । ଶତଜୀର୍ଣ୍ଣ ଅପରିଷ୍କୃତ ପରିଚ୍ଛେଦ ମଧ୍ୟରେ ଫୁଟି ଉଠିଚି ଜୀବନର ଅସଂଖ୍ୟ କ୍ଷତ, ଅସଂଖ୍ୟ ଅଭାବ, ଅଜସ୍ର ଯନ୍ତ୍ରଣା !

ଭିକାରୀଟି କଲେଜ ଯୁବକମାନଙ୍କ ଆଗରେ ତାର ଶୀର୍ଣ୍ଣ ରୋଗ ପାଣ୍ଡୁର ହାତ ଦୁଇଟି ଦେଖାଇ ଅସ୍ପଷ୍ଟ ସ୍ୱରରେ କହିଲା, ବାବୁ ପଇସାଟିଏ !

ଜଣେ କହି ଉଠିଲେ, ସିଗାରେଟ ଖଣ୍ଡେ ଖାଇବାକୁ ପଇସା ମିଳୁନି, ଆଉ ତତେ ଦବୁ ? ଯା, ଯା—

ଭିକାରୀଟି ପୂର୍ବ ପରି ଚିତ୍କାର କରି ଉଠିଲା, ଖାଇନାହିଁ ବାବୁ !

ଜଣେ ଯୁବକ ସେଇ ତରୁଣୀମାନଙ୍କ ଆଡ଼ରେ ଚାହିଁ କେଉଁ ଏକ ସଙ୍ଗୀତର ମୃଦୁ ଆଳାପ କରୁଥାନ୍ତି । ଆଉ ଜଣେ ଭିକାରୀକୁ ଧରି ଠେଲି ଦେଲେ । ଭିକାରୀ ତଳେ ପଡ଼ିଗଲା । ଜଣେ କହୁଥାନ୍ତି, ଯେତେକ ଭିକାରୀ ସବୁ ଚୋରର ବଦମାସ ପକେଟମାରର ଦଳ, ପଇସା, ପଇସା ! ଯେପରି ପଇସା ଛଡ଼ା ଏ ପୃଥିବୀରେ ଆଉ କିଛିସୁ ସୁନ୍ଦର ଜିନିଷ କିଛି ନାହିଁ !

ସେମାନେ ଆଗେଇ ଗଲେ ସେଇ ତରୁଣୀମାନଙ୍କ ଆଡ଼ରେ । ବିଟ୍‌ରେ ଥିବା କନଷ୍ଟେବଲ୍ ସେ ଆଡ଼ରେ ଦୃଷ୍ଟିପାତ କରିଛି । ଓଠରେ ତାର ଦୁଷ୍ଟ ହସ ।

ଦେଶର ସ୍ୱାଧୀନ ପତାକା ଆକାଶରେ ଉଡ଼ୁଛି କପଟ ଖିନ୍ନସ୍ଥ ଭାବରେ । ଆଗର ନିର୍ଭୀକତା ଯେପରି ଆଉ ନାହିଁ । ଅସ୍ପଷ୍ଟ ସ୍ୱରରେ କହି ଉଠୁଛି ସେ—ମାମେକଂ ଶରଣଂ ବ୍ରଜ, ମାମେକଂ···ମୋର ଆଶ୍ରୟ ନିଅ, ମୋର ଆଶ୍ରୟ ନିଅ !

କାହ୍ନୁ ପ୍ଲାଟଫର୍ମ ଉପରେ ବ୍ୟସ୍ତ ଭାବରେ ପଦଚାରଣ କରିବାକୁ ଲାଗିଲା । କ'ଣ ଭାବୁଥିଲା ସେ ? ନା, ନା, କିଛି ନୁହେଁ । ଷ୍ଟେସନ କାହିଁକି ଆସିଲା ?, ବରଂ ସେତିକି ପଇସାରେ କିଛି ଜଳଖିଆ ଖାଇଥିଲେ ହୋଇଥାନ୍ତା । ଆଜି ଅଫିସକୁ ଯାଇ ନାହିଁ, କାହିଁକି

ଯ ଗଲା ? ହିଁ, କାହିଁକି ? ସନ୍ତୋଷ ପଚାରିଲେ କି ଉତ୍ତର ଦେବ ? କହିବ, ରାଧା ପାଖକୁ ଯାଇଥିଲି । ନା-ନା-ନା କିଛି ନୁହେଁ । ମିଛ, ମିଛ ! ଦେହ ଖରାପ ଥିଲା, ମୁଣ୍ଡ ବୁଲାଉଥିଲା । କ'ଣ କହିବ ସେ ? ଓଃ ! କି ବିରକ୍ତିକର ଏ ଜୀବନ ! ପଞ୍ଜୁରୀର ବନ୍ଦୀ ବିହଙ୍ଗ ପରି ତାର ଆଜି ସ୍ୱାଧୀନତା ନାହିଁ । ଗତର ହିଲ୍ଲୋଳ ପାଦରୁ ଆଜି କାଢ଼ି ନେଇଛି ପରାଧୀନତା ! ପଞ୍ଜୁରୀର ଲୌହ ବେଷ୍ଟନୀ ମଧ୍ୟରେ ଗତିମୁକ୍ତ ପକ୍ଷ ତାର ଭାଙ୍ଗି ପଡ଼ିଛି !

ରେଲିଂ ଉପରେ ସେଇ ତରୁଣୀଗଣ, ଦେହର ମାଂସ ବିକ୍ରି ଯାହାଙ୍କର ବଞ୍ଚିବା ପାଇଁ ଏକମାତ୍ର ପଥ, ଦେଶର ଅଗଣିତ ଭବିଷ୍ୟତ କର୍ମଧାରଙ୍କର ମାଂସ କ୍ଷୁଧା ନିବାରଣ କରିବା ଯାହାଙ୍କର ଧର୍ମ, ମାଂସ ଶେଷ ହୋଇ ଆସିଲେ କ'ଣ କରିବେ ? ହେ ସ୍ୱାଧୀନ ବନ୍ଧୁ, ଭାବିଛ କି କେବେ ସେମାନଙ୍କର ଭବିଷ୍ୟତ ? ଭାବିଚ କି କେବେ ସେମାନଙ୍କର ବଞ୍ଚିବାର ଉପାୟ ? ନା, ନା, ସ୍ୱାଧୀନତା ସୂର୍ଯ୍ୟର ପ୍ରଖର ରଶ୍ମି ଆଖିକୁ ତମର ଅନ୍ଧ କରି ଦେଇଛି । ତମର ବଧିର କର୍ଣ୍ଣରେ ବାଜି ନାହିଁ ଅସଂଖ୍ୟ କୋଟି କୋଟି ନର ନାରୀଙ୍କର ଏଇ ଆକୁଳ କ୍ରନ୍ଦନ ।

ସେଇ ତରୁଣୀଗଣ । ମନ୍ଦ କଣ ? କାହ୍ନୁ ଆଗେଇ ଗଲା ସେମାନଙ୍କ ଦିଗରେ । ନା, ଅନ୍ୟାୟ, ଅପରାଧ । ଅପରାଧ ! ଏଇ ବାର୍ଦ୍ଧକ୍ୟକୁ ଲୁଚାଇବା ପାଇଁ ନିଜକୁ ଅପୂର୍ବ ଭାବରେ ସଜାଇ ବସିଛି ସେ ଯେଉଁ ବିଳାସିନୀ, ସେ ଚାହିଁଛି । ଆଖିରେ ତାର ବ୍ୟର୍ଥତାର ଭାଷା ଓ କାହାଣୀ । କ୍ଷୁଧାର ମର୍ମନ୍ତୁଦ ଯନ୍ତ୍ରଣା ଖେଳି ଉଠିଛି ତାର ସାରା ଦେହରେ । ସମସ୍ତେ ଚାଲିଗଲେଣି । କିନ୍ତୁ ବିଚରା ଏକାକିନୀ ବସି ରହିଛି କେଉଁ ମାଂସ ପିପାସୁ ବିଳାସୀର ପ୍ରତୀକ୍ଷାରେ । ସେ ବିଳାସୀ କଣ ଆସିବ ? ଆସିବ ତାର ବାର୍ଦ୍ଧକ୍ୟର ମାଂସକୁ ଖାଇବା ପାଇଁ ? ନା, ଆସିବ ନାହିଁ

ସେ ଜାଣେ, କେହି ଆସିବେ ନାହିଁ । ତଥାପି ପ୍ରତୀକ୍ଷାରେ ବ୍ୟସ୍ତତା ନାହିଁ, ହରାଇବାରେ ଦୁଃଖ ନାହିଁ, ପାଇବାରେ ହୁଏତ ଆନନ୍ଦ ହେବ ନାହିଁ । ତଥାପି ବସିଚି—କେଉଁ ଏକ ଉଦାର ତପସ୍ୱୀପରି, ନିଜର ଉଦାରତାରେ ପୁଣ୍ୟ ପାଇବା ପାଇଁ ! ଅପରାଧ ? ଯଦି ତାକୁ ଏକ ଟଙ୍କା ଦିଆଯାଏ ତାର ମାଂସର ବିନିମୟରେ, କ୍ଷତି କଣ ? ତାର ବଞ୍ଚିବାରେ ଯେ ସାହାଯ୍ୟ ହେବ ! କିନ୍ତୁ ଅନ୍ୟାୟ ଅପରାଧକୁ ବଞ୍ଚିବାପାଇଁ ସାହାଯ୍ୟ ଦେବା କଣ ଉଚିତ ? ବଞ୍ଚିବ କିପରି ? ମାଂସ ସରିଯାଇଚି, ଯୌବନ ଲିଭିଯାଇଚି, କିନ୍ତୁ ସରି ନାହିଁ ବଞ୍ଚିବାର ଆକାଙ୍‌କ୍ଷା, ଲିଭି ନାହିଁ ବିକଟ କ୍ଷୁଧା, ହଜି ନାହିଁ ଜୀବନର ରୁକ୍ଷତା, ଦୈନ୍ୟର ନିର୍ମମ ଅଭିଶାପ !

ବେଶୀ ଦୂର ଯିବାକୁ ପଡ଼ିଲା ନାହିଁ, ସେ ରେଲିଂ ଉପରୁ ଉଠି ଆସିଲା ଆପେ । 'ବାବୁ' । କାହ୍ନୁକୁ କହିବାକୁ ଅବସର ନ ଦେଇ ଆଗେଇ ଚାଲିଲା ସେ । କାହ୍ନୁ ତା ପଛେ ପଛେ ଚାଲିଲା । ବାରମ୍ବାର ପଛକୁ ଚାହୁଁଥାଏ । ମନରେ ସନ୍ଦେହ, ଶିକାର ଖସି ଯାଇ ପାରେ ।

ନିର୍ଜନ ପ୍ରାନ୍ତର । ରାସ୍ତା କଡ଼ରେ ମ୍ୟୁନିସିପାଲିଟିର ମ୍ଳାନ ଆଲୋକ ସ୍ତମ୍ଭ । ସେ ଆଲୋକ ସ୍ତମ୍ଭର ନିକଟରେ ଠିଆ ହୋଇ ଡାକିଲା, ବାବୁ !

କାହ୍ନୁ ଆଗେଇ ଗଲା । ମୁହଁରେ ବୟସର ଗଭୀର ରେଖାପାତ । ଆଖି ତଳେ ଗଭୀର କଳାରେଖା । କପାଳର କୁଞ୍ଚିତ ରେଖା କହୁଥିଲା ତାର ବଞ୍ଚିବା ପାଇଁ କି ଅବିଶ୍ରାନ୍ତ ସଂଗ୍ରାମ ! କାହ୍ନୁ ତା' ହାତରେ ଗୋଟିଏ ଟଙ୍କା ଦେଲା । କାହ୍ନୁର ହାତକୁ ଧରି ପକାଇ ସେ କହିଲା, ବାବୁ ବେଶୀ ଦୂର ନୁହେଁ ।

ବିସ୍ତୀର୍ଣ୍ଣ ପ୍ରାନ୍ତର । ଦୁହେଁ ଯାଇ ବସିଲେ । କାହ୍ନୁ ପଚାରିଲା, ତମ ନାଁ କ'ଣ ?

ସୀତା ।

ବାଃ, ବେଶ୍ ସୁନ୍ଦର ନାଁ ଟିଏ ତ !

ଚାରି'ଣା ପଇସା ଦଅ, ଟଙ୍କାଟିଏ କାହିଁକି ଦେଲ ? ଦରକାର ନାହିଁ ।

ମୁଁ ଫେରାଇ ନେବାକୁ ଚାହେଁ ନାହିଁ ।

ସୀତାର ବକ୍ଷ ଭେଦ କରି ଗୋଟିଏ ଦୀର୍ଘଶ୍ୱାସ ବାହାରିଗଲା । ଆକାଶରେ ଦ୍ୱିତୀୟାର ବଙ୍କିମ ଚନ୍ଦ୍ର । ତଳେ ବସ୍ତିର ନିର୍ଜନ ପ୍ରାନ୍ତରରେ ବୟସ୍କା ସୀତା ଆଉ କାହ୍ନୁ !

ଭିନ୍ନ ଓଳି ହେଲା ଉପାସ ବାବୁ !

ସତେ !

ଆଜିକାଲି ଆଉ କେହି ଆସୁନାହାନ୍ତି । ଝିଅଟିଏ ଥିଲା । ସେ ଚାରି ବର୍ଷ ହେଲା ମରିଗଲାଣି । ସେ ଯଦି ବଞ୍ଚିଥାଆନ୍ତା !

କାହ୍ନୁ ଉଠିକରି ଯିବାକୁ ବାହାରିଲା । ତା ହାତ ଧରି ପକାଇ ସୀତା କହିଲା, ବାବୁ !

ନା, ମୁଁ ଯାଉଛି ।

ସୀତା ଟଙ୍କାଟା ପଣତରୁ ବାହାର କଲା, ତମ ଟଙ୍କା ନିଅ ତେବେ ।'

ନେବି ନାହିଁ ।

ଜାଣେ, ମୋ ବୟସ ତ ଗଡ଼ିଗଲାଣି । ଝିଅଟା ଯଦି ବଞ୍ଚିଥାଆନ୍ତା ! ଆଉ ଥରେ ତାର ରୁଗ୍ଣ ପିଞ୍ଜର ଭେଦ କରି ଗୋଟିଏ ଦୀର୍ଘଶ୍ୱାସ ବାହାରି ଗଲା ।

କାହ୍ନୁ ରାସ୍ତା ଉପରକୁ ଉଠିଆସିଲା । ଆଗରେ ଆସି କାର୍‌ଟାଏ ବ୍ରେକ୍ କଲା ।

ମଟରର ଭିତରୁ ସୁମିତ୍ରା ଡାକିଲା, ବାଃ ! ତମକୁ କେତେ ଖୋଜିଲିଣି, ଆସ ।

ସୀତା ଡାକ ପକାଇଲା, ବାବୁ ଠିକ୍କା ନଅ—ନଅ । କାହ୍ନୁ ମଟରରେ ବସି ସାରିଥିଲା । କହିଲା, ଚାଲ ।

ସୁମିତ୍ରା ତୀବ୍ର ବେଗରେ କାର ଛୁଟାଇଦେଲା । ସୀତାର ଚିତ୍କାର ଲିଭିଗଲା ମଟରର ଶବ୍ଦରେ ।

ଛି, ଛି, ତମେ ଏତେ ତଳକୁ ଯାଇପାର ?

କାହ୍ନୁ କହିଲା, କଣ ହେଲା କି ?

କଣ ହେଲା କି ? ମୁଁ ଜାଣେ ନାହିଁ କହୁଛ ! ସେ ଟାଙ୍ଗିଆରେ କିଏ ଡାକୁଥିଲା, ନଅ, ନଅ ! ବାସ୍ତବିକ ତମେ ଏତେ ଖରାପ ହୋଇ ପାର ମୋର ଧାରଣା ନଥିଲା ।

ସତେ !

ଏତେ ବୁଦ୍ଧିମାନ ହୋଇ ଏପରି କରିବା କଣ ଉଚିତ ?

ମଟରର ତୀବ୍ର ଆଲୋକରେ କାହାର ଏ ଭୟାର୍ତ୍ତ, ଶୀର୍ଣ୍ଣ, ରୋଗ ପାଣ୍ଡୁର ମୁଖ ? ସୀତାର ? ହା-ହା-ହା-ସୀତାର ! ସତୀ ସାଧ୍ୱୀ ସୀତାର ନା, ନା, ବିଳାସିନୀ ସୀତାର, ଯାହାର ଅନୁଶୋଚନା ସେଇ ମୃତ ଝିଅଟି ପାଇଁ ଯେତେ ନୁହେଁ, ସେତେ ତାର କୋମଳ ସ୍ୱାଦୁ .ମାଂସ ପାଇଁ, ସ୍ୱାଧୀନ ଭାରତର ଅଗଣନ ରୂପପିପାସୁ ନାଗରିକମାନଙ୍କ ପାଇଁ । ଯେଉଁ ତରୁଣୀର ପେଷୀ ବହୁଳ ଚିକ୍କଣ ମାଂସ ଶାନ୍ତି ଦେଇଥାନ୍ତା ଅସଂଖ୍ୟ ବିଳାସୀ ଦେଶର ଭବିଷ୍ୟତଙ୍କୁ, ତାହା ଆଜ ପୃଥିବୀ, ବାୟୁ ଓ ଜଳର ସ୍ପର୍ଶରେ ଶୂନ୍ୟ ହୋଇ ଯାଇଚି ! କି ନିର୍ମମ ଏଇ ପ୍ରକୃତି ! କି ନିଷ୍ଠୁର ସେ ବିଧାତା ! କି ହୃଦୟହୀନ ସେ ଭଗବାନ !

ଆଜ କାହିଁକି ଅଫିସ ଗଲନାହିଁ ଶୁଣେ ?

ଶୁଣିବା ଦରକାର ନାହିଁ ।

ତଥାପି, ଜାଣିବାକୁ ଚାହୁଁଛ ।

ଜାଣିବାକୁ ଚାହିଁଲେ, ଶୁଣିବାକୁ ପଡ଼ିବ । ତେଣୁ—

ତେଣୁ ଶୁଣିବାକୁ ଚାହୁଁଥିଲ ।

ଦେହ ଖରାପ ଲାଗିଲା !

ମିଛ ।

କାମ ଥିଲା ।

ମିଛ ।

ଶୋଇ ପଡ଼ିଲ ।

ମିଛ କଥା ।

ସତେ !

ସୁମିତ୍ରା ଖେଁ ଖେଁ ହୋଇ ହସି ଉଠିଲା ।

କାହ୍ନୁ କହିଲା, ତେବେ ?

କହିବା ଦରକାର ନାହିଁ ।

ପଚାରୁଥିଲ କାହିଁକି ?

ଜାଣେ, ତମେ ପରା ରାଧା ଘରକୁ ଯାଇଥିଲ ।

କାହ୍ନୁ ଅନାଇଲା ବାହାରକୁ । ସୁଉଚ୍ଚ ପ୍ରାସାଦମାଳା, ଆକାଶ ବକ୍ଷକୁ ଗର୍ବିତ ଭାବରେ ସ୍ପର୍ଶ କରୁଛି । ସାଇନ୍ ବୋର୍ଡ଼, ସେଠ୍ କିଶନ୍ ଦୟାଲ ଧରମ ଚାନ୍ଦ, ସେଠ୍ ରାମଗୋପାଳ, ସେଠ୍ ମଦନ ଲାଲ, ଜୟଚାନ୍ଦ୍ ବ୍ୟାଙ୍କ; ସେଠ୍ ବନାରସୀ ଦାସ ମଦନ ଦାସ, ଜୁଏଲରସ୍, ଅଳଙ୍କାର ବ୍ୟବସାୟୀ, ନାସ୍‌ନାଲ ଇନ୍‌ସୁରେନ୍‌ସ କୋ:, ନରେନ୍ଦ୍ର ସାହୁଙ୍କର ମିଷ୍ଟାନ୍ନ ଭଣ୍ଡାର···। ଏଇ ପ୍ରାସାଦମାଳା ଭିତରୁ ଉଠୁଛି ଯେପରି ସୀତାର ଦୀର୍ଘଶ୍ୱାସ, ଝିଅଟା ଯଦ ବନ୍ଧା ଥାଆନ୍ତା ! ବାସ୍ତବିକ ଝିଅଟା ଯଦ ବନ୍ଧା ଥାଆନ୍ତା ! ଏଇ ଗୋଟାଏ ଚକ୍‌ସା ସବଙ୍କ ବର୍ତ୍ତମାନ ଧକ୍‌କା ଲାଗିଥାନ୍ତା, ସୁମି ଦେଖିକର ନଥ,

ଆକ୍‌ସିଡ଼େଣ୍ଟ । ସୁମିତ୍ରା ମଟର ଡ୍ରାଇଭ୍ କରିବାରେ ଲାଗିଛି । ମିଥ୍ୟାବାଦୀ ! କିଏ ମିଥ୍ୟାବାଦୀ ? କାହ୍ନୁ ନା ସୁମିତ୍ରା ? କାହ୍ନୁ, କାହ୍ନୁ । କାହିଁକି ମିଛ କହିଲି ? ସୁମିତ୍ରା ଜାଣିଲେ କ୍ଷତି ବା କଣ ? ଭୁଲ, ଭୁଲ ହୋଇଗଲା । ଏହାକୁ ସଂଶୋଧନ କରିବାର ଉପାୟ ନାହିଁ ? ସୁମି, ସୁମି, ଏ କଣ ? ଥିଏଟର ଯିବନା କଣ ?

ସୁମିତ୍ରା ମଟରକୁ ଥିଏଟରର ଗ୍ୟାରେଜ ଭିତରେ ପୂରାଇ ପୂରାଇ କହିଲା, ନଷ୍ଟସ୍ୟ !

ନା, ନା, ଆଜି ଥାଉ କାଲି ବରଂ ଯିବା ।

କାହିଁକି ?

କେମିତି ଖରାପ ଲାଗୁଛି ।

ନା, ଆଉ କେଉଁ ରାଧା ପାଖକୁ ଯିବ ?

କି ତୀବ୍ର ସୁମିତ୍ରାର ଏ ଦଶଂନ ! ହୃଦୟର ପ୍ରତି ଅଂଗକୁ ଦଂଶନ କରୁଛି !

ସୁମି, ଚାଲ ଆଜି ଥାଉ ।

ସୁମିତ୍ରା ମଟର ଗ୍ୟାରେଜ ଭିତରୁ ମଟର ବାହାର କଲା । ମଟର ରାସ୍ତା ଉପରେ ଛୁଟିଲା । ଆଗରେ ନରସିଂହ ରୋଡ଼, ପ୍ରଧାନ ମନ୍ତ୍ରୀଙ୍କ ନାମ ଅନୁସାରେ ଦିଆଯାଇଛି । ଟ୍ୱାଇଲାଇଟ୍ ବାର, ଗ୍ରୀନ୍ ବାର—ଆଉ ପାଖକୁ ମହାତୀର୍ଥ ବେଶ୍ୟାପଲ୍ଲୀ, ସେ ପଟକୁ ଦେଶୀ ମଦ ଦୋକାନ ଗୋଟାଏ । ପଞ୍ଚାଏ ବାହାରି ଆସିଲେ ସେଇ ଗ୍ରିନ୍ ବାର ଭିତରୁ···

ମଟର ଚାଲିଛି, ଆଧୁନିକ ସଭ୍ୟତା ଓ ସଂସ୍କୃତିର କେନ୍ଦ୍ରସ୍ଥଳୀ ମଧ୍ୟରେ । ଏଇ ଗୋଟାଏ ମାତାଲ ନା, ନା, ଗୋଟାଏ ସଭ୍ୟ ସଂସ୍କୃତ ମଟର ଆଗରେ ପଡ଼ି ଯାଇଥାନ୍ତା । ସେ ଯଦି ପ୍ରଧାନ ମନ୍ତ୍ରୀ ହୁଅନ୍ତା ! ଦେଶଟାର ନାମକରଣ ତା ନାମ ଅନୁସାରେ କରନ୍ତା ।

ଆଗାମୀ ଶତ ଶତ କୋଟି କୋଟି ବର୍ଷ ଧରି ନାଗରିକଗଣ ଭୁଲି ପାରନ୍ତେ ନାହିଁ ତାଙ୍କୁ । ସହରର ରାଜପଥ ଉପରେ ଶୋଭାଯାତ୍ରା ମଧ୍ୟରୁ ଚିତ୍କାର ଶୁଭନ୍ତା, ମହାତ୍ମା କାହ୍ନୁଙ୍କର ଜୟ ହେଉ, ମହାତ୍ମା— । ପ୍ରଧାନ ମନ୍ତ୍ରୀ ରାଜନୈତିକ ନେତା ମାନ୍ୟବର ନରସିଂହ ଜଣେ ଐତିହାସିକ, କବି, ଚିତ୍ରକର, ନାଟ୍ୟକାର । ସଙ୍ଗୀତ ସଭାର ସଭାପତିତ୍ୱ ମଧ୍ୟ କରିଚନ୍ତି ! ସେ ଯଦି ହୋଇ ପାରନ୍ତା ଏକାଧାରରେ ଐତିହାସିକ, ଚିତ୍ରକର, ନାଟ୍ୟକାର, ସଙ୍ଗୀତଜ୍ଞ ! ଇତିହାସ କାହା ବିଷୟରେ ଲେଖନ୍ତା ? ଏଇ ଐତିହାସିକ ନରସିଂହ ରେଡ୍ଡି ବିଷୟରେ ନା, ସେଠ୍ କଣନ ଦୟାଲ ଧରମ ଗୁନ୍ଦଙ୍କ ବିଷୟରେ, ନା ସୀତାର ସେଇ ଝିଅଟି ବିଷୟରେ ? ଜନବହୁଳ ରାଜପଥ ଉପରେ ଶୋଭାଯାତ୍ରା ଚିତ୍କାର କରି ଉଠନ୍ତା, ଏଇ ନରସିଂହ ରେଡ୍ଡି ଅଧିବାସିନୀ ଓ ଅଧିବାସୀଗଣ ଚିତ୍କାର କରି ଉଠନ୍ତେ, ଐତିହାସିକ କାହ୍ନୁଙ୍କର ଜୟ ହେଉ··· । ବାସ୍ତବିକ କାହ୍ନୁର ଜୟ ହେବ । ମୃତ୍ୟୁରେ ନା ଜୀବନରେ ? ଦୁଃଖରେ ନା ଆନନ୍ଦରେ ? ଅନ୍ଧକାରରେ ନା ଆଲୋକରେ ?

ମଟର ଜଣକ ଗେଟ୍ ପାଖରେ ରହିଲା । ହର୍ନ ଦେବାରୁ ଜଣେ କିଏ ଆସି ଗେଟ୍ ଖୋଲି ଦେଲା । ଗେଟ୍ ଭିତରକୁ ମଟର ନେଉ ନେଉ ସୁମିତ୍ରା ପଚାରିଲା, ମା କାହାନ୍ତି କିରେ ?

ଦରଓ୍ୱାନଟି କହିଲା, ଅଛନ୍ତି ।

ବାବୁ ?

ସାବ ଟୁରରେ ଯାଇଛନ୍ତି ।

ଜଣେ ସୁଶ୍ରୀ, ଆଧୁନିକ ତରୁଣୀ ଦେଖା ଦେଲେ । ଇଲେକଟ୍ରିକ୍ ଆଲୋକ ତାଙ୍କର ସୌନ୍ଦର୍ଯ୍ୟକୁ ଶତ ଗୁଣ ବୃଦ୍ଧି କରୁଚି । ପାହାଚରେ ଓହ୍ଲାଇ ଆସି କହିଲେ, କିଏ ସୁମିତ୍ରା ? ବାଃ ଭାରି

ଭଦ୍ର ତ ତୁ ! ସେ ଦିନ କହିଗଲୁ ଆସିବା ପାଇଁ, ଯାଇଚୁ ଯେ ଯାଇଚ ଦେଖାନାହିଁ ।

ସୁମିତ୍ରା ମଟରର ଷ୍ଟାର୍ଟ ବନ୍ଦ କରି ବାହାରକୁ ଡେଇଁପଡ଼ିଲା । କଣ କରିବି, ଉତ୍ତର ହୋଇଗଲା···

ତରୁଣୀ ଜଣକ ଟିକିଏ ବିଦ୍ରୂପ ମିଶା ସ୍ୱରରେ କହିଲେ, ଉତ୍ତର ହୋଇଗଲା ! ବାଃ—ଆଜି ତାରିଖ କେତେ ? ପନ୍ଦର ଦିନ ହେଲା କଣ କରୁଥିଲୁ ଶୁଣେ ?

ସୁମିତ୍ରା ତାଙ୍କ କାନ୍ଧରେ ନିଜର ଗୋଟିଏ ହାତ ରଖି କହିଲା, ଥାଉ ଏଠାରେ ସେ ବିଷୟ ଚର୍ଚ୍ଚା କରିବା ଦରକାର ନାହିଁ । ଆସ ।

କାହ୍ନୁ ମଟରର ଭିତରୁ ବାହାରିଲା ।

ଏଇ ହେଉଚନ୍ତି ମୋର ବନ୍ଧୁ ଶ୍ରୀ କାହ୍ନୁ ଚରଣ···ଆଉ ଏ ହେଉଚନ୍ତି ମିସେସ ଧୀରେନ ମହାନ୍ତି ଆଉଆସ ମିସେସ୍ କମଳା ମହାନ୍ତି ।

କାହ୍ନୁ କମଳାଙ୍କୁ ନମସ୍କାର ହେଲା, କମଳା କାହ୍ନୁକୁ ।

ତିନିହେଁ ଯାଇ ବସିଲେ ତଳ ମହଲାର ଗୋଟାଏ ସୁସଜ୍ଜିତ ଘରେ । ରେଡ଼ିଓଟା ଖୋଲୁ ଖୋଲୁ କମଳା ଡାକିଲା, ବପ୍ପୁ, ବପ୍ପୁ !

ଗୋଟିଏ ଦଶ ବାର ବର୍ଷର ପିଲା ଆସିଲା ।

ଯା, ତିନି କପ କଫି, ସିଗାରେଟ୍ ଟିଣ ।

ବପ୍ପୁ ଚାଲିଗଲା । ରେଡ଼ିଓ ସମ୍ବାଦ ପରିବେଷଣ ଚାଲିଚି··· ଆସନ୍ତା ତିନି ମାସ ମଧ୍ୟରେ ଜିନିଷ ପତ୍ରର ଦାମ କମିଯିବ ବୋଲି ସରକାର ବିଶ୍ୱାସ କରୁଛନ୍ତି । ପ୍ରଧାନ ମନ୍ତ୍ରୀଙ୍କର ଭାଷଣ । ସବୁ ରାଜ୍ୟ ମୁଖ୍ୟ ମନ୍ତ୍ରୀଙ୍କର ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀ । ଭାରତକୁ ଖାଦ୍ୟ ବିଷୟରେ ସ୍ୱାବଲମ୍ବୀ କରିବାପାଇଁ ଦଶ ଜଣ ବିଶେଷଜ୍ଞଙ୍କୁ ପୃଥିବୀର

ବିଭିନ୍ନ ସ୍ଥାନରୁ ଅଣାଯାଇଚି । ଚୀନ ଜାତୀୟ ସରକାରଙ୍କର ସୈନ୍ୟ ବାହିନୀ ବୀରତ୍ୱ ସହକାରେ ପଛଘୁଞ୍ଚା ଦେଉଛନ୍ତି, ଚୀନ ଜାତୀୟ ସରକାରର ପ୍ରଧାନ ମନ୍ତ୍ରୀ ବେତାର ଭାଷଣ ଦେଇ କହିଛନ୍ତି ଆଗାମୀ ଛଅ ମାସ ଭିତରେ ଆମର ବିଜୟ ସୁନିଶ୍ଚିତ···

ହିଟଲର ମୃତ୍ୟୁର ଅବ୍ୟବହିତ ପୂର୍ବରୁ ହୁଏତ କହିଥିବେ ଆମର ବିଜୟ ସୁନିଶ୍ଚିତ ! ନା, ନା, କି ଅସହ୍ୟ ଏ ଖବର ! ଦୟାକରି ବନ୍ଦ କରି ଦିଅ'ନା କମଳା ! କମଳା ! ଭଦ୍ରମହିଳା, ହୁଏତ ରୁଚି ବିରୁଦ୍ଧ ହେବ ।

ଏଥର ସଙ୍ଗୀତ, ମିସ୍ ସଂଯୁକ୍ତା ମହାନ୍ତି, କଣ୍ଠଟା ମନ୍ଦ ନୁହେଁ ! ଓଡ଼ିଶୀ, ନା ବିଦେଶୀ ସଙ୍ଗୀତର ଓଡ଼ିଆ ରୂପାନ୍ତର ? ଇଚ୍ଛା ହେଉଚି, ଏଇ ମୁହୂର୍ତ୍ତରେ ସେ ରେଡ଼ିଓଟାକୁ ଭାଙ୍ଗି ଚୁରମାର କରି ଦେବାକୁ । ନା, ଆଉ ସହିହେବ ନାହିଁ । କିଏ ଆବିଷ୍କାର କରିଥିଲା ଏଇ ରେଡ଼ିଓକୁ ? ମିସ୍ ସଂଯୁକ୍ତାଙ୍କୁ ଯଦି ପାଆନ୍ତା, ତାଙ୍କର ଶୁଭ୍ର ଉଜ୍ଜ୍ୱଳ ଗ୍ରୀବାକୁ ଦୁଇ ହାତରେ ଚିପିଧରି କହନ୍ତା, ଦୟା କରି ବନ୍ଦ କର ଅତ୍ୟାଚାର ।

ବୟ ସିଗାରେଟ ଟିଣ ଆଉ ତିନ କପ୍ କଫି ଗୋଟାଏ ଟ୍ରେରେ ନେଇ ଆସିଲା । କମଳା ଓ ସୁମିତ୍ରା ଉଠାଇ ନେଲେ କଫି ଦୁଇ କପ୍ ।

ଜାହ୍ନୁ କହିଲା, ମୁଁ ଖାଇବିନି ।

କମଳା ଆଶ୍ଚର୍ଯ୍ୟ ହେଲାପରି କହିଲା, କଣ ଖାଆନ୍ତି ନାହିଁ ! ବଡ଼ ପିକୁଲିଆର ତ ଆପଣ । ଆଉ ଟିକିଏ ଗଲେ କହିବେ, ମୁଁ ସିଗାରେଟ ଖାଏ ନାହିଁ, କ୍ଷମା କରିବେ ।

ସୁମିତ୍ରା ଢୋକେ କଫି ପିଇ କହିଲା, ସିଗାରେଟ ! ତାଙ୍କୁ ଏ ଘରର ଗୁଡ଼ ପାଏ ଭର୍ତ୍ତି କରି ଦେଲୁ ; ଘଣ୍ଟାକ ଭିତରେ ସବୁ ଶେଷ

ହୋଇ ଯାଇଥିବ ।

କମଳା କହିଲା ତା ହେଲେ, ବୁଝିଲି । ବୟ୍, ବୟ୍, ଯା ଦୁଇ ପେଗ୍ ସେର୍ ନେଇ ଆସିବୁ ।

କାହ୍ନୁ କହିଲା, ନା ।

ତେବେ ଦୁଇ ପେଗ୍ ହୁଇସ୍କି ?

ନା ।

ରମ୍ ?

ନା ମୁଁ ମଦ ଖାଏ ନାହିଁ ଜମା ।

ମଦ ? ହାଃ-ହାଃ-ହାଃ, ତୁମେ ଦେଖୁଚ ତ, ଡ୍ରିଙ୍କ୍ ଖରାପ କଣ ?

ତୋର ସେ ସବୁ ଚଳେ କ ନା, ତେଣୁ···ତୁମିଙ୍ଗ କଫି କଫେ । ଥୋଇ ଦେଇ କହିଲା । ସିଗାରେଟ ଟିଣରୁ ଦୁଇଟା ସିଗାରେଟ କାଢ଼ି ନିଜେ ଗୋଟିଏ ରଖି, ଆଉଟି କାହ୍ନୁକୁ ଦେଲା । କାହ୍ନୁ ଦେଖିଲା ଟଙ୍କିକିଆ ନୋଟ ଗୁଡ଼ାହୋଇଚି ସିଗାରେଟରେ ।

ଟଙ୍କା !

କମଳା ଖଣ୍ଡେ ସିଗାରେଟରେ ନିଆଁ ଲଗାଉ ଲଗାଉ କହିଲା, ବେଶ୍ ନିଆଁ ଲଗାଅ···

ଟଙ୍କା ଲଗା ହୋଇଚି ଯେ ।

ଲଗା ହୋଇଥାଉ ।

କାହ୍ନୁ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲା କମଳା ଆଡ଼େ । କମଳା ବେଶ ନିର୍ବିକାର ଚିତ୍ତରେ ସିଗାରେଟ ଖାଇବାରେ ଲାଗିଚି । ଟିଣଟା ଆଣି ଦେଖିଲା ସବୁ ସିଗାରେଟରେ ଗୁଡ଼ା ହୋଇଚି ଟଙ୍କିକିଆ ନୋଟ ।

କମଳା ଧୂଆଁର ଗୋଟାଏ କୁଣ୍ଡଳୀ କରି କହିଲା, ଜାଣିଚ, ଏମିତି ସିଗାରେଟ ଖାଇଲେ କି ଆନନ୍ଦ ଲାଗେ ? ଟଙ୍କା ପୋଡ଼ି ଗଲେ ନିଜ ଆଖି ଆଗରେ କି ସୁନ୍ଦର ଦିଶେ !

ସୁମିତ୍ରା ସିଗାରେଟର ଶେଷାଂଶ ଆସ୍‌ଟ୍ରେରେ ପକାଇ ଦେଇ କହିଲା, ଆଗ୍ରା, ଗାନ୍ଧୀ ମେମୋରିଆଲ ଫଣ୍ଡକୁ ଭଲେ କିଛି ଦବାକୁ ହେବ । ମୁଁ ସେକ୍ରେଟାରୀ ଅଥଚ ତୁ ମୋଟେ ପଚିଶ ହଜାର ଦେବାକୁ କହି ମୋଟେ ଦଶ ହଜାର ଦେଇଚୁ ।

କମଳା କିଛି ସମୟ ନୀରବ ରହି କହିଲା, କଣ କରିବ ଟଙ୍କା ଟିକିଏ କମ୍ ହୋଇ ଯାଇଚି—ଏ ମାସଟା ବଡ଼ ଡଲ୍ ସିଜନ୍, ମୋଟେ ଦି'ହଜାର ହବ ଆଦାୟ ହୋଇଚି ।

ସୁମିତ୍ରା କହିଲା, ଏତେ କମିଗଲା କେମିତି ? ଲୋକେ କଣ ଦେଉ ନାହାନ୍ତି ଆଉ ? ତୁ ପରା ସେଦିନ କହୁଥିଲୁ, ଗୋଟାଏ କେସ୍ ଧରିଥିଲେ ବୋଲି ସେ ଲୋକଟା ଦଶ ହଜାର ଦବାକୁ କହୁଛି । କଣ ଦେଲା ନାହିଁ ନା କଣ ?

ଦେଇନାହିଁ ଆଜଯାଏ । ତାପରେ ଜଣକ ଠାରେ ବାକୀ ଅଛି ପ୍ରାୟ ହଜାରେ ଟଙ୍କା, ଦେଇନାହିଁ ।

କାହ୍ନୁ କହିଲା, କଣ କଣ୍ଟ୍ରାକ୍‌ଟରୀ ?

ନା, ନା, ଏସ୍. ପି.; ପୁଲିସ ଏସ୍. ପି., ଆଣ୍ଟିକରପସନ ଡିପାର୍ଟମେଣ୍ଟ୍‌ଟା କିନ୍ତୁ ବେଶ ଥିଲା । ପ୍ରତିଦିନ ତିନିଶ, ଚାରିଶ ।

କାହ୍ନୁ କାନକୁ ଅନାଇଲା । କାନ୍ଥରେ ଗୁଇନର୍ ଭଦ୍ରଣୀଙ୍କର ଉଲଗ୍ନ ଛବି । କି ବିକୃତ ସେମାନଙ୍କର ହସ ! ଏଇ ସେଇ ଯୌନ ଲିବର୍ଟୀ ! ତା ମୁହଁରେ କିଦ୍ରୁପର ହସ ଖେଳି ଉଠିଲା ଯେପରି ! ପୃଥିବୀର ଦୈନ୍ୟ ପ୍ରତି ଉପହାସ କରି ଉଠୁଚି ଯେପରି !

କମଳା କାହ୍ନୁ ପାଖକୁ ଲଗି କାଉଚ୍ ଉପରେ ବସି ପଡ଼ିଲା । କମଳା ଦେହରୁ ବିଦେଶୀ ଏକ୍‌ସନ୍‌ସ ବ୍ଲୁଜ ପାଉଡରର ମନୋରମ ଗନ୍ଧ ଭାସି ଆସୁଚି । ତାର ସିଲ୍‌କ ଶାଢ଼ୀ ଛୁଇଁଲେ ବେଶ ଆରାମ ଲାଗୁଚି । କିନ୍ତୁ—କି ଅଭଦ୍ର ଏ ଭଦ୍ରମହିଳା ! ଏଇ କି ବିରଞ୍ଚିକାର

ସେ ସ୍ୱେଦ୍‌ର ବାସନା ? ମନର ରନ୍ଧ୍ରେ ରନ୍ଧ୍ରେ ବିଷ ବାଷ୍ପ ଭରି ଦେଉଛି ସେପରି ! ସିଲକ ଶାଢ଼ୀ ଦେହରେ ଫୋଡ଼ି ହେଲା ପରି ଲାଗୁଛି ! ହେ ନାରୀ, ହେ ପ୍ରିୟା, ହେ ମାନସୀ, ହେ ଶଯ୍ୟାସାଥୀ, କେତେଦିନ ଆଉ ଆଖିର ଭ୍ରୂବିଳାସରେ, ଦେହର ଯୌବନରେ, କଥାର ଚାତୁରୀରେ ଭୁଲାଇବ ଏଇ ସର୍ବହରା ନରକୁ ? ନା, ନା, ଦୟା କର, ମୁକ୍ତିଦିଅ ଏ ଅଧମ ନରକୁ ! ନାରୀ—ମାତା ରୂପେ କି ମହିମାମୟୀ, କିନ୍ତୁ ପତ୍ନୀରୂପେ, ଶଯ୍ୟାସାଥୀ ରୂପେ କି କୁତ୍ସିତ ! ମାତାର ଶାନ୍ତ କୋମଳ ଅଙ୍କ, ଆରାମଦାୟକ ବକ୍ଷ, କି ଶାନ୍ତିମୟ । କିନ୍ତୁ ଶଯ୍ୟାସଙ୍ଗିନୀର ମାଂସଳ ବକ୍ଷ ପେଶୀବହୁଳ ଅଙ୍ଗ କି ବିରକ୍ତିକର । ନାରୀ ଆଖିର କଟାକ୍ଷରେ, ବକ୍ଷର ମାଂସରେ, କଣ୍ଠର ମଧୁର ଭାଷାରେ ଭୁଲାଇଛି ଉଦାସ ପୁରୁଷକୁ । ତାପରେ ପଛରୁ ବିଦ୍ଧ କରୁଛି ତୀକ୍ଷ୍ଣ ଛୁରୀକା । କି ବିଶ୍ୱାସଘାତିନୀ ଏଇ ନାରୀ, କି ନିର୍ମମ ଏଇ ଜାତି, କି ନିଷ୍ଠୁର ସେମାନଙ୍କର ବ୍ୟବହାର, କି ବୀଭତ୍ସ ସେମାନଙ୍କର ବ୍ୟବସାୟ !

ହେ ବିଳାସିନୀ ! କ୍ରୀଡ଼ାର ପୁତ୍ତଳିକା ପରି, ଜାପାନୀ ଖେଳନା ପରି କେତେଦିନ ନଚାଇବ ଆଉ ଏଇ ହତଭାଗ୍ୟ ପୁରୁଷ ଜାତିକୁ ? କେତେଦିନ ସ୍ନେହର ବନ୍ଧନରେ ବାନ୍ଧି ତିଳ ତିଳ କରି ହତ୍ୟା କରିବ ଏଇ ନିରୀହ ପୁରୁଷକୁ ? ସ୍ୱାଧୀନତା ନାମରେ କେତେ ଦିନ ଉଚ୍ଛୃଙ୍ଖଳ ହେବ ଆଉ ? ଏ ଅତ୍ୟାଚାରର ଶେଷ କେଉଁଠି ? ପୁରୁଷର ନିକଟ ସାନ୍ନିଧ୍ୟ ଆଜି ଲାଗି ପଡ଼ିଛି ନାରୀର କଟାକ୍ଷ ତଳେ !

'ଏଇ ସହକାର ତଳେ ।

ସେଦିନ ପ୍ରିୟାର କର କଙ୍କଣ ଭଙ୍ଗିଥିଲା ମୋର ଗଳେ ।'

ଏଇ ସେଇ ସହକାର ଠିଆ ହୋଇଛି । ପଞ୍ଚପ୍ରାଣ, ନିଃସଙ୍ଗ । ପ୍ରିୟା ପଳାୟନ କରିଛି ଆଉ କେଉଁ ପଥ ଗହଳ ସଂକୁଳ ସୁନ୍ଦର ସହକାର ତଳକୁ ।

କାହ୍ନୁ ବରଣ୍ଡାରେ ଠିଆହୋଇ କହିଲା, ମୁଁ ଆସେ ଦେବେ ।

କାହ୍ନୁର ହାତ ଧରି ବସାଇ ଦେଇ ଦେଇ କମଳା କହିଲା, ବସନା !

ସୁମିତ୍ରା ଠିଆ ହେଲା, କହିଲା, ନା ଆମେ ଯାଉଚୁ । କିନ୍ତୁ ଏଥର ପହିଲା ପୂର୍ବରୁ ତୋର ବାକି ଟଙ୍କା ଶୁଝି ଦେଉ ଯେପରି ।

ବାରଣ୍ଡା ପାର ହୋଇ ଆସିଲେ । ସେ ପଟକୁ ବସିଥିଲା ଟପରାଶି ଗୋଟାଏ ହନୁମାନ ପ୍ରଶ୍ନ ନେଇ । ଏମାନଙ୍କୁ ଦେଖି ଭୟରେ ଲୁଚାଇ ଦେଲା ତାକୁ ପକେଟରେ । କାହ୍ନୁ ପଛ ସିଟରେ ବସିଲା । ସୁମିତ୍ରା ଷ୍ଟାର୍ଟ ଦେଲା ।

ହନୁମାନ ପ୍ରଶ୍ନ ! ଟପରାଶିଟିର କି ପ୍ରଶ୍ନ ? କେଉଁ ପ୍ରଶ୍ନର ଉତ୍ତର ଖୋଜୁଚି ସେ ?

ସେଥର ପରୀକ୍ଷା ଦେଇ ସାରି ହନୁମାନ ପ୍ରଶ୍ନ ଦେଖିଥିଲା ସେ—ପରୀକ୍ଷାରେ ପାଶ୍ ହେବ କି ନାହିଁ । ବାହାରିଲା, ଶ୍ରୀ ରାମଚନ୍ଦ୍ର କହୁ ଅଛନ୍ତି ନିକଟରେ ପୁଅଟିଏ ହେବ । ଦୁଃଖ କର ନାହିଁ । ହାଃ-ହାଃ-ହାଃ । ଟପରାଶି ହୁଏତ ପଚାରିଥିବ, ଏବର୍ଷ ଦରମା ବଢ଼ିବ କି ନାହିଁ । ଉତ୍ତର ହୁଏତ ପାଇବ, ତୁମର ଶତ୍ରୁ ନିପାତ ହୋଇ ଅଛନ୍ତି—। ହଠାତ୍ ଷ୍ଟାର୍ଟ ବନ୍ଦ ହୋଇଗଲା । ସୁମିତ୍ରା ଓହ୍ଲାଇ ପଡ଼ି ଆଗ ପଟ ମେସିନ୍‌ଟାରେ ଟର୍ଚ୍ଚ ପକାଇ ଦେଖିବାକୁ ଲାଗିଲା ।

କିଏ କାନ୍ଦୁଚି ? ଗଉରୀ ? ହିଁ, ହିଁ ଗଉରୀ ଘର ତ ।

ସୁମି ଏଇଠୁ ମୁଁ ଆସୁଚି ।

ସୁମିତ୍ରାର ଉତ୍ତରକୁ ଅପେକ୍ଷା ନ କରି କାହ୍ନୁ ଦଉଡ଼ି ଗଲା ଦୁଆର ବନ୍ଦ ନିକଟକୁ । ଡାକିଲା, ଗଉରୀ ଗଉରୀ !

କିଛି ସମୟ ପରେ କବାଟ ଫିଟିଲା । ଗଉରୀ କହିଲା, ତମେ ?

କାହ୍ନୁ ଦଉଡ଼ି ଗଲା ଘର ଭିତରକୁ । ଛିଣ୍ଡା ସପ ଉପରେ ଶୋଇଛି ଗଉରୀର ତିନି ବର୍ଷର ପୁଅ । ଦେହରେ ହାତ ମାରିଲା, ଭୀଷଣ ଜର ! ଦେହରେ କଣ୍ଟା ଉଠିଲାଣି ।

ଗଉରୀ ! ମତେ ଖବର ଦେଇ ପାରିଲୁନି ?

ସେ କଣ କହିଥିଲା ତାର ଠିକଣା ? ଗଉରୀ କିପରି ଯାଇ- ଥାନ୍ତା ତା ପାଖକୁ ? କି ଦାୟିତ୍ୱହୀନ ସେ ! କି ହୃଦୟହୀନ ସେ !

ଗଉରୀ ଗଉରୀ !

କାହ୍ନୁ ଅସ୍ୱସ୍ତି ବୋଧକଲା । ଯେପରି ନିଶ୍ୱାସ ବନ୍ଦ ହୋଇ ଆସୁଛି । ଦେହ ହାତରୁ ଚଳନ ଶକ୍ତି ଲୋପ ପାଉଛି ଯେପରି । କଣ କରିବ ସେ ? ଗଉରୀ ଖବର ଦେଇ ପାରିଲୁନି ? ନା, ନା, ମୋ ଦୋଷ !

କଣ ହୋଇଛି ? ସୁମିତ୍ରା ଘର ଭିତରକୁ ପଶି ଆସିଲା ।

ଜର ! ତମ କାରଟା ଦେଇ ପାରିବ ? ପିଲାକୁ ଡାକ୍ତର- ଖାନା ନେଇ ଯାଆନ୍ତେ । କେତେଦିନ ହେଲାଣି ଜର ?

ପ୍ରାୟ ପାଞ୍ଚ ଦିନ ହେବ ।

ଜର ଓହ୍ଲାଉଛି ?

ନା—

ଖାଇବାକୁ କଣ ଦେଉଛ ?

ଗଉରୀ ଚୁପ୍ ରହି କାନ୍ଦିବାକୁ ଲାଗିଲା ।

ଟାଏଫଏଡ୍ ଟେଣ୍ଡେନ୍‌ସି ରହିଛି—ଆଚ୍ଛା ଆମ ଘରକୁ ଚାଲ ।

ଗଉରୀ ଆପତ୍ତି କରିବାକୁ ଯାଉଥିଲା କିନ୍ତୁ କାହ୍ନୁ କହିଲା, ସେ ମୋର ବନ୍ଧୁ ପତ୍ନୀ, ଆପତ୍ତି କଣ ?

ସନ୍ତୋଷ ବସିଥିଲା ଷ୍ଟଡି ରୁମ୍‌ରେ । ପଚାରିଲା, କାହାକୁ ଆଣିଚୁରେ ?

ଗଉରୀ ସୁମିତ୍ରା ପଛେ ପଛେ ଗ୍ଲଲା । ସୁମିତ୍ରା କୋଳରେ ଗଉରୀର ପୁଅ ହରି ।

କାହ୍ନୁ ଗୋଟାଏ କୁସନ ଉପରେ ବସୁ ବସୁ କହିଲା, ସେ ମୋର ଭଉଣୀ ।

ତୋର କେଉଁଦିନ ଏତେ ଭଉଣୀଟିଏ ହେଲାମ ?

ନିଜ ଭଉଣୀ ନୁହଁ···ବାସ୍ତବିକ ବଡ଼ ହତଭାଗୀ ସେ ।

ଜଣା ପଡ଼ୁଚି ତ ।

ହଁ ସ୍ୱାମୀ ମଲେ; ତା ପଛେ ପଛେ ଏ ବେମାର, କଣ କରାଯିବ କହିଲ ?

କଣ ହୋଇଚି ଯେ ଏତେ ବ୍ୟସ୍ତ ? ଭଲ ହୋଇ ଯିବ ଯେ ! ଆଗ୍ର ଆଜି କାହିଁକି ଆସିଲୁ ନାହିଁ, କଣ ପୁଅ ନେଇ ବ୍ୟସ୍ତ ଥିଲୁ ? ଭଉଣୀର ପୁଅ କିଏ, ଆଉ ନିଜର ପୁଅ କିଏ ? କଣ କହୁଥିଲି କି, ଗାନ୍ଧୀ ସ୍ମୃତି ପାଣ୍ଠି କୁ ଷାଠିଏ ହଜାର ଦେବାକୁ ହେବ । ପରେ ଗ୍ଳିଶି ହଜାର । ଏତିକ ଦେଲେ ହୁଏତ ଲାଇସେନ୍‌ସ ମିଳିଯାଆନ୍ତା ଶୀଘ୍ର । କଣ କହୁଚୁ ? ତେବେ କାଲି ସକାଳୁ ଆସିବୁ, ନିଶ୍ଚୟ, କେତେ କାମ ଅଛି ।

କାହ୍ନୁ ସନ୍ତୋଷର ହାତ ଧରି ଝିକାଇ କହିଲା, ସବୁ କରିବ ଭାଇ, କିନ୍ତୁ ଏପୁଅକୁ କିପରି ବଞ୍ଚାଅ ।

ସନ୍ତୋଷ ହସି ଉଠିଲା ଜୋରରେ । ବାସ୍ତବିକ ବଡ଼ ବ୍ୟସ୍ତ ହୋଇ ପଡ଼ିଚୁତ । କଣ ହୋଇଚି ଯେ ବଞ୍ଚିବ ନାହିଁ ?

* * * *

ଅନ୍ଧକାର । ଅସହ୍ୟ ଅନ୍ଧକାର । ଏ ଅନ୍ଧକାର ମଧ୍ୟରେ ପୃଥିବୀ ଆତ୍ମହତ୍ୟା କରିଚି ଯେପରି । ଆଉ ତାର ରକ୍ତ ଏଇ ଅନ୍ଧକାରର ସାଗରରେ ଲହରୀ ରୂପେ ଖେଳୁଚି । ସନ୍ତୋଷ ମନା

କରୁଥିଲା । ବହୁତ କାମ ଅଛି । ନା, ଦୁଇଦିନ ଛୁଟି ନେଇ ନ ଗଲେ ଆଉ କେଉଁଦିନ ଯିବ ? ବାପା କେତେ କରି ଲେଖିଛନ୍ତି । ଗଉରୀକୁ ଏଇ ଅବସ୍ଥାରେ ଛାଡ଼ିଦେଇ ଚାଲିଯିବା କଣ ଉଚିତ ହେବ ? କିଏ ବଡ଼ ? ଗଉରୀ ନା ବାପ ମା ? ଗରିବ ନିଃସହାୟ ଗଉରୀ, ଆଶ୍ରୟହୀନା ଅଭାଗିନୀ ଗଉରୀ ! ତାର ଆଉ କିଏ ଅଛି ? ତଥାପି ଯିବାକୁ ପଡ଼ିବ । ବାପା କେତେଥର ଲେଖିଲେଣି । ସବୁଦିନ ଭାବୁଚି ଯିବା ପାଇଁ, ଆଜି ନ ଗଲେ ଆଉ କେଉଁଦିନ ଯିବ ? ସାନ ଭଉଣୀକୁ ଜର । ବୋଉକୁ ଆମାଶୟ । ନା, ଶେଷରେ ଯିବାକୁହିଁ ପଡ଼ିଲା ।

ଗଉରୀକୁ କିଛି ନାହିଁ ଆସିଲା ବେଳେ, ସୁମିତା ବି ଜାଣି ନାହିଁ । ସେମାନେ ଜାଣିଲେ କଣ ଭାବିବେ ? ସନ୍ଦେହ ବଢ଼ାଇ ଦେବେନି ସେ ! ମୋଟେ ଦୁଇଦିନ ତ । ହରି ଯଦି ମରିଯାଏ ! ନା-ନା-ଭଗବାନ୍ ହରିକୁ ନିଅ ନାହିଁ । ଭଗବାନ—ବିପଦରେ ନାସ୍ତିକ ଡାକ ଶୁଣିବେ ଭଗବାନ ? ଭଲ କରି ଦେଲେ ଆଉ ଥରେ ଗାଳି ଶୁଣିବାକୁ ? ନା, ନା, ହରି, ଦୁଃଖ-ହର ମହାପ୍ରଭୁ, ହରିକୁ ବଞ୍ଚାଅ, ବଞ୍ଚାଅ, ଦୁଇଟି ଆଖିରେ ଆନନ୍ଦାଶ୍ରୁ ବୁହାଇବା ପାଇଁ; ଗୋଟିଏ ଅସହାୟା ନାରୀ ମନର ଏକମାତ୍ର ସାନ୍ତ୍ୱନା ପାଇଁ ।

ଭଗବାନ, ନିକଟରେ ଅଙ୍କଶାୟିନୀ ଲକ୍ଷ୍ମୀ, ଆଗରେ ପଶା-ପାଲି । ସେଇ ତିନୋଟି କାଠି ନିୟନ୍ତ୍ରଣ କରୁଚି ଏତେ ବଡ଼ ପୃଥିବୀର ଭାଗ୍ୟକୁ । କେତେବେଳେ କାହାର ମୃତ୍ୟୁ, କାହାର ଜନ୍ମ, କାହାର ସୁଖ ପୁଣି ଦୁଃଖ ! ବିଚିତ୍ର ଏଇ ପଶାପାଲି, ଆଉ ଅଦ୍ଭୁତ ଏଇ ଭଗବାନ !

ଆକାଶର ମୁଖରେ ବ୍ରଣ ପରି ପଶାପାଲିର ଘର ପରି ଫୁଟି ଉଠିଛନ୍ତି ଅସଂଖ୍ୟ ତାରାବୃନ୍ଦ । ଏଇ ସୁନୀଳ ଆକାଶର ଉପରେ

କେଉଁ ଦୂରରେ ଇନ୍ଦ୍ରଙ୍କର ନନ୍ଦନ ସ୍ୱର୍ଣ୍ଣର ସ୍ୱର୍ଗପୁରୀ । ପାରିଜାତ ଯେଉଁଠି ଫୁଟେ, ଅମୃତ ଯେଉଁଠି ଖାଦ୍ୟ ହୁଏ, ସେଠାରେ ପୁଣି ଏଇ ପଣାପାଲି ? ଆଜଯାଏ କଣ ସ୍ୱର୍ଗର ସ୍ୱର୍ଣ୍ଣଗଡ ପ୍ରାଚୀରରେ ଗଣତନ୍ତ୍ରର ଡାକ ବାଜି ନାହିଁ ? ହାସ୍ତିଦାନ୍ତର ସୌଖୀନ ମିନାର କଣ ଭାଙ୍ଗି ପଡନାହିଁ ତଳ ପୃଥିବୀର କରୁଣ ଅଥଚ ସ୍ପଷ୍ଟ ପ୍ରତିବାଦରେ ? କି ଅସଭ୍ୟ ସେ ସ୍ୱର୍ଗ, କି ମୂର୍ଖ ସେଠାର ଅଧିବାସୀଗଣ !

ଅପେକ୍ଷା, ଆଉ ଅପେକ୍ଷା ! କେତେଟା ବାଜିଲା ? ରାତି ଦୁଇଟା । ତଥାପି ଆଉ ଦୁଇଘଣ୍ଟା ଟ୍ରେନ୍ ଆସିବାକୁ । ଏଇ ସେଇ ଚପରାଶିଟା ଆସୁଛି । ବର୍ତ୍ତମାନ ହୁଏତ ମାଗିବ ଟିକେଟ ବାବୁ ! ତା ନହେଲେ ସେକେଣ୍ଡକ୍ଲାସ ୱେଟିଂ ରୁମରୁ ବାହାର କରିଦେବ ।

ହେ, କପେ ଚା ।

ଚପରାଶିଟା ଚାଲିଗଲା । କିଛି ସମୟ ପରେ ସାହେବୀ କାଇଦାରେ ଆଣି ଦେଲା ଗୋଟାଏ ଟ୍ରେରେ ଚା । ଚା ପିଇ ସାରି ଚା କପ୍‌ଟା ଥୋଇ ଦେଲା ଟେବୁଲ ଉପରେ । ଆଠଣିଟାଏ ଫିଙ୍ଗି ଦେଲା ତଳକୁ । ଚପରାଶି ଆଠଣି ନେଇ ଚାଲିଗଲା ।

ଫ୍ୟାନ୍ ବୁଲୁଛି, କି ଗରମ୍ ! ଡେସ୍ପାରେଟା ଛାରପୋକଙ୍କ ଆକ୍ରମଣ ସ୍ଥଳୀ ହୋଇ ଉଠିଛି । ଆଖି ଦୁଇଟା ନିଦରେ ବନ୍ଦ ହୋଇ ଆସୁଛି । ଗଉରୀ—ଗଉରୀକୁ ଛାଡ଼ି ଆସିବା କଣ ଉଚିତ ହେଲା ?

ଟଙ୍କା ନାହିଁ, ଆଠଣାଟା ଚା ପିଆରେ ଗଲା । କଣ କରାଯିବ ବର୍ତ୍ତମାନ ? ସିଗାରେଟ୍, ଚା ଖାଇ ସାରିବା ପରେ ସିଗାରେଟ ଖଣ୍ଡେ ନିତାନ୍ତ ଦରକାର । ସକାଳ୍ଦ୍... ଯାହା ଗଣ୍ଡେ ଖାଇଥିଲି । ଭୋକ ହେଉଛି । ଚା'ଟା ପିଇ ସାରିବା ପରେ ଭୋକଟା ବଢ଼ିଗଲା ଯେପରି । ସୁମିତା ସୁମିତା, ଗଉରୀ ଗଉରୀ···କଣ କରୁଥିବ ବର୍ତ୍ତମାନ ? ହରି ଭଲ ହେବ ତ ? ରାମ ଓ ରମା ଭିତରେ ଯେତେ

ପ୍ରଭେଦ, କାହା କାହା ଭିତରେ କେତେ ପ୍ରଭେଦ ? ଦଶ ଗୁଣନ ପାଞ୍ଚ ଗୁଣନ ଶହେ ତେର ଗୁଣନ ତେପନ, ସଂଯୁକ୍ତ ପାଞ୍ଚ, ବିଭକ୍ତ ସାତ, କେତେ ହବ ?

ହଲୋ, ବୀରେନ୍ ବାବୁ ଯେ, କେଉଁଆଡ଼େ ?

ଯାଉଛି ବ୍ରହ୍ମପୁର କାମ ଅଛି !

କଣ କରୁଛନ୍ତି ବର୍ତ୍ତମାନ ?

ଉତ୍ତରକୁ ଜାଣି ପାରୁନା ? ମିଲିଟାରି, ସୈନ୍ୟ ବିଭାଗ, ସିଗ୍ନାଲ୍ସ୍ ।

ଆପଣଙ୍କ ଗପଟା ବଡ଼ ସୁନ୍ଦର ହୋଇଥିଲା

ଗପ ତ ମୁଁ ଲେଖେନି !

ତେବେ କବିତାଟା ନିଶ୍ଚୟ !

ବୀରେନ୍ ବାବୁ ହୋ ହୋ ହୋଇ ହସି ଉଠିଲେ, କବିତା ? କବିତା ହୋଇଛି ମୋର ସିଗାରେଟ ଆଉ ଡ୍ରିଙ୍କ୍ ।

ବୀରେନ୍ ବାବୁ ମାର୍ଚ୍ଚ କଲା ପରି ଚାଲିଗଲେ । ପଛରୁ ଭାସି ଆସୁଛି ଦାମିକା ସିଗାରେଟର ଗନ୍ଧ । ଆଉ କେତେ ସମୟ ରହିଲା ଘଣ୍ଟା ବାଜିବାକୁ ? ଆଖି ଦୁଇଟା ବନ୍ଦ ହୋଇ ଆସୁଛି । ଇଲେକ୍ଟ୍ରିକ୍ ଫ୍ୟାନ ଆଉ ଆଲୋକ, ସବୁ ମିଶି ଗୋଟିଏ ବିନ୍ଦୁ ହୋଇ ଯାଉଛି ଯେପରି ! ଭଗବାନଙ୍କର ଡିକ୍ଟେଟରି ଲୋପ କରିବାକୁ ସ୍ୱର୍ଗରେ କଣ ଗଣତନ୍ତ୍ର ହେବ ନାହିଁ ? କଠିନ ଏ ଡିକ୍ଟେଟରସିପ୍ ! ଆର ପାଖ ଖଟ ଉପରେ ଗୋଟାଏ ପୃଥୁଳକାୟ ମାଡ଼ୁଆଡ଼ୀ ନିଦ୍ରାଭିଭୂତ ହୋଇଛି । ସେପଟ ଖଟ ଉପରେ ଦୁଇ ଜଣ ନିଦ୍ରା ଯାଉଛନ୍ତି । ଓଃ ! କି ଶକ୍ତି ଏ ନିଦର । ଡିକ୍ଟେଟରସିପ୍ ! ହେ ନିଦ୍ରା ଦେବତା ! ସାବଧାନ ! ପୃଥିବୀରେ ଡିକ୍ଟେଟରି ଶାସନକୁ ଆଉ ବରଦାସ୍ତ କରା ଯିବନି ।

× × ×

କୋଳାହଳରେ ଶବ୍ଦ ଭାଙ୍ଗିଗଲା । ପ୍ଲାଟଫର୍ମ ଭର୍ତ୍ତି ହୋଇଯାଇଛି । ଟ୍ରେନ୍ ଗଭୀର ଅନ୍ଧକାର ଭେଦ କରି ଆସୁଛି ।

ଟ୍ରେନ୍ ଛାଡ଼ିବାକୁ ଦୁଇ ମିନଟ୍ ଅଛି । କାହ୍ନୁ ଚଢ଼ିଗଲା ଗୋଟାଏ କମ୍ପାର୍ଟମେଣ୍ଟକୁ । ଗୋଟାଏ ଲୋକ ଠେଲି ଦେଉଥିଲା । ପଡ଼ିଯାଇଥାନ୍ତା, ରକ୍ଷା ପାଇଗଲା । ଭିତରେ ଠିଆ ହେବାକୁ ବି ସ୍ଥାନ ନାହିଁ । ଅନ୍ଧାରରେ କିଛି ବାରି ହେଉନି । କାହ୍ନୁ ଭିତରକୁ ପଶିବାକୁ ଚେଷ୍ଟା କଲା । ଗୋଟିଏ ନାରୀ ଚିତ୍କାର କରି ଉଠିଲା । ତା ପଦତଳରେ ହାତ ବାଜିଗଲା ବୋଧହୁଏ । କ୍ଷମା କରିବେ—ଅନ୍ଧାର ! ହିଁ, ଅନ୍ଧକାରରେ ସବୁ କିଛି କ୍ଷମଣୀୟ ।

ଟ୍ରେନ୍ ଛାଡ଼ି ଦେଲା । ଟ୍ରେନର ଗୋଟାଏ ତୀବ୍ର ଚିତ୍କାର ଗଭୀର ଗମ୍ଭୀର ବାୟୁମଣ୍ଡଳକୁ ଥରାଇ ଦେଲା ଯେପରି । କାହ୍ନୁ କମ୍ପାର୍ଟମେଣ୍ଟର କାନ୍ଥକୁ ଆଉଜି ମୂର୍ତ୍ତିବତ୍ ଠିଆ ହୋଇ ରହିଲା ।

ଭାଇ ଗୋଟିଏ ଗପ କହ !

କି ଗପ କହିବି ?

କହନା ଗୋଟାଏ—

ମତେ ଗପ ଆସେନାରେ—

ହଉ ନ କହିଲେ ନାଇ । ଛ'ବର୍ଷର ଭଉଣୀ ସୁରମା ଅଭିମାନ କଲା ।

କାହ୍ନୁ ପାଖକୁ ଭିଡ଼ି ଆଣି କହିଲା, ଶୁଣ ତେବେ, ଏଇ ଗୋଟିଏ ସୁନ୍ଦର ଗପ କହୁଛି ।

ସୁରମା ଆଗ୍ରହରେ ପାଖକୁ ଲାଗି ଆସି କହିଲା, କହ !

କି ଗପ କୁହାଯାଇ ପାରେ ଛ'ବର୍ଷର ଝିଅକୁ ? ଚୀନ ଦେଶର କ୍ୟୁମିଙ୍ଗଟାଙ୍ଗ୍ ସରକାରର ପରାଜୟ ନା ବର୍ମାର କାରେନ ବିଦ୍ରୋହ ? ନା ଭାରତବର୍ଷର ଆଶ୍ରୟ ପ୍ରାର୍ଥୀଙ୍କ କଥା ?

ଶୁଣ, ସେ ଗୋଟାଏ ସମ୍ରାଟ···ନା, ନା, ହେଲାନି, ଥରେ ଗୋଟିଏ ଦେଶରେ ଜଣେ ରାଜା ଥିଲେ । ରାଜା କଥା ଗୁଡ଼ାକ ତ ନିହାତି ପୁରୁଣା । ଥରେ ଗୋଟିଏ ଦେଶରେ ଜଣେ ମନ୍ତ୍ରୀ ଥିଲେ, ନା, ନା, ସଭାପତି ଥିଲେ—

ସୁରମା କହିଲା, କହିବ ଯଦି କହ, ନ ହେଲେ ମୁଁ ଯାଉଛି ।

କାହ୍ନୁ ଆରମ୍ଭ କଲା, ଗୋଟିଏ ଦେଶରେ ଜଣେ— ତାପରେ ? ରାଜା, ମନ୍ତ୍ରୀ ନା ସଭାପତି ? ନା ଡିକ୍‌ଟେଟର ? ନା, ନା, ଭୁଲ ହେଲା ।

ସୁରମା ଉଠି ଚାଲିଗଲା । ବାପା ଆସିଲେ । ଦେଖୁଚ ତ ଆମ ଅବସ୍ଥା । ତିନ ତିନୋଟି ଭଉଣୀ, ଚଳିବାକୁ ବାର ଜଣ । ଏ

ଏ ମହର୍ଗ ଯୁଗରେ ମୁଁ ଏକଦମ ଭାଙ୍ଗି ପଡ଼ିଲଣି । ତୋ' ଉପରେ ତ ସବୁ ।

କାହ୍ନୁ ଯାଇ ବୋଉ ପାଖରେ ବସିଲା । ବୋଉ, ବୋଉମ ! ବୋଉ !

ଇଚ୍ଛା ହେଉଛି ପ୍ରାଣର ବୋଉର କୋଳରେ ଚିରଦିନ ପାଇଁ ମୁଣ୍ଡ ରଖି ଶୋଇ ଯିବାକୁ ! ଆହା କେତେ ସ୍ନେହ ! କଙ୍କାଳସାର ବୋଉ, ଚିରା ଫଟା ଲୁଗା । ଘରେ କେତେ ଖଣ୍ଡ ଛିଣ୍ଡା କନ୍ଥା, ଗୋଟାଏ ଦଦରା ଖଟ, ଦୁଇଟା ଭଙ୍ଗା ଟ୍ରଙ୍କ । କାହିଁକି ଏ ବିକଟ ଦାରିଦ୍ର୍ୟ ? କାହିଁକି ଏ ଶୋଚନୀୟ ଅବସ୍ଥା ?

ସହରର ଅନ୍ତରାଳରେ ରହିଛି ଦାରିଦ୍ର୍ୟ, କିନ୍ତୁ ପଲ୍ଲୀର ଜଳବାୟୁରେ ଯେ ଦାରିଦ୍ର୍ୟ ପୂର୍ଣ୍ଣ ହୋଇ ରହିଛି ! ଐଶ୍ୱର୍ଯ୍ୟଶାଳୀ ସହରର ଦାରିଦ୍ର୍ୟ ଆଖି ଏଡ଼ାଇ ଯାଏ, କିନ୍ତୁ ପଲ୍ଲୀର ଅଣୁ ପରମାଣୁ ଭେଦ କରିଛି ଯେଉଁ ଦାରିଦ୍ର୍ୟ, ଅଭାବ, ଅନାଟନ, ତାକୁ ଦୃଷ୍ଟି-ପଥର ଅନ୍ତରାଳରେ ରଖି ହୁଏନା । କେଉଁଠିକୁ ଗଲେ ଏ ଦାରିଦ୍ର୍ୟରୁ ଶାନ୍ତି ମିଳିବ ?

ସୁରମାକୁ ବୋଉ ଡାକିଲା, ସୁମା, ଧାନ କୁଟିବୁ, ତୁ ଆ ।

କାହ୍ନୁ ପଚାରିଲା, ସେ କଣ କରିବ ?

ଶୁଖାଇ ଦେବ ।

ଛ'ବର୍ଷର ଝିଅ । ସୁରମା ନ କହି କେତେ ଖଣ୍ଡ ହାଡର ସମଷ୍ଟି ସୁରମା କହିଲେ ହୁଏତ ଠିକ୍ ହେବ । ରୋଗକ୍ଲିଷ୍ଟ ଶରୀରରେ ଦେହଶ୍ରୀ ଲୁଚି ଯାଇଛି, ହୁଏତ ଚିରଦିନ ପାଇଁ ।

ସୁରମା କହିଲା, ଭାଇ କାଲି ରଜ । ଏଇ ଡାକ୍ତର ବାବୁଙ୍କ ଝିଅର ଜାମା ଆସିଛି, କେତେ ପ୍ରକାର କାଚ ଆସିଛି, ଚଟି ଆସିଛି, ମୋ ପାଇଁ ଦୁଇ ପଟ କାଚ ଆଣିବନି ?

ବୋଉ ପାଟି କଲା—କାଉ, କାଉ କଣ ହେବ ? କେତେ କାଚ ଭାଙ୍ଗି ଦେଲଣି, ଯୋଉ ତ ଭଳ !

ସୁରମା ଅଭିମାନ ଓ ରାଗକୁ ଅନ୍ତରରେ ଲୁଚାଇ ଚାଲିଗଲା ।

ଡାକ୍ତରବାବୁ ସେଫ୍ଟି ରେଜରରେ ଖିଅର ହେଉଥିଲେ । କାହ୍ନୁ ଯାଇ ନମସ୍କାର ହେଲା ।

କେଉଁଦିନ ଆସିଲେ ?

ଆଜି ସକାଳେ ତ ଆସିଚି ।

ତାପରେ, ବର୍ତ୍ତମାନ କଣ କରୁଛନ୍ତି ?

ଚାକରୀ କରୁଚି ।

କି ଚାକରୀ ?

ଜଣକର ପ୍ରାଇଭେଟ ସେକ୍ରେଟେରୀ—

କଣ କରିବେ ଆଉ ? ଭାଗ୍ୟ ତ ଖରାପ !

ଡାକ୍ତର ବାବୁଙ୍କ ଝିଅ ଘର ଭିତରୁ ନାଚି ନାଚି ଆସିଲା, ବାପା, ମୋ ଇୟୁରିଂ ପରା ଆଣୁ ଥିଲ ? କାଲି ରଜ !

ଡାକ୍ତର ବାବୁ ସେଫ୍ଟି ରେଜରକୁ ରଖୁ ରଖୁ ଉତ୍ତର ଦେଲେ, ହାରଟା ତ ଆସି ଚି, ଆଚ୍ଛା ଆଜି ଆଣିବା ।

ଡାକ୍ତର ବାବୁଙ୍କର ଝିଅ—ବେଶ୍ ହୃଷ୍ଟ ପୁଷ୍ଟ । ବୟସ ପ୍ରାୟ ଦଶ ହେବ । କିନ୍ତୁ ତରୁଣୀ ସୁଲଭ ଚପଳତା ଓ ସୁଷମା ସାରା ଅଙ୍ଗରେ ଆତ୍ମପ୍ରକାଶ କରିଚି । ସୁନ୍ଦରୀ ନୁହେଁ ଅବଶ୍ୟ, ଅତିରିକ୍ତ ଚର୍ବି ବହୁଳ ଶରୀର କପରି ଅସୁନ୍ଦର ଦେଖାଯାଉଚି ।

ଆଚ୍ଛା ମୁଁ ଆସୁଚି !

ବସନ୍ତୁନା, କ୍ୟାରମ ଖେଳିବା ବାଡିଏ, ଘରେ କଣ କରିବେ ?

କାହ୍ନୁ କହିଲା, ନା ଥାଉ ପରେ ଆସିବି ।

ଆସୁ ଆସୁ ଦେଖା ହେଲା ବନ୍ଧୁ ରାମଚନ୍ଦ୍ର । ହାତ ଧରି ପକାଇ କହିଲା, କିରେ ବହୁତ ଦିନ ପରେ ତ ! ଆଜିକାଲି ଆଉ କଣ ହେଉଚି ?

ହଁ, ବହୁତ ଦିନ ପରେ ।

କଣ ହଉଚି ଆଜିକାଲି ?

ଏଇ ଚାକିରି । ତୋର ?

ବ୍ୟବସାୟ, ଲୁଗା ଦୋକାନଟାଏ ଖୋଲିଚି ।

ଆଉ କଣ ପଚାରିବ କାହ୍ନୁ ? କଣ ବା ଅଛି କହିବାକୁ ? ସମୟର ବ୍ୟବଧାନ ହରଣ କରିଚି ବନ୍ଧୁତ୍ୱର ଅନାବିଳ ସ୍ନେହ । ଦୁହିଁଙ୍କ କଥା ଭିତରେ, କଥାର ଯାହା ସାର, ବନ୍ଧୁତ୍ୱର ଯାହା ପ୍ରାଣ, ଆନ୍ତରିକତା ଦୁହେଁ ହରାଇ ବସିଥିଲେ ଯେପରି ।

ହଠାତ୍ ରାମ କହିଲା, ଡାକ୍ତରଙ୍କ ଘରକୁ ନା କମ୍ପାଉଣ୍ଡରର ଘରକୁ ଯାଇଥିଲୁ ? କମ୍ପାଉଣ୍ଡରଙ୍କ ଘରକୁ ଯାଇନାହୁଁ ?

ନା ।

କେତେବେଳୁ ଆସିଲୁଣି ?

ଏଇ ଆଜି ସକାଳେ ।

ଏତେ ସମୟ ହେଲା ଆସିଲୁଣି, ଅଥଚ ଯାଇ ପାରି ନାହୁଁ ?

ଯିବାର ଆବଶ୍ୟକତା ନ ଥିଲା ।

ରାମଚନ୍ଦ୍ର ହସି ଉଠିଲା, ସବୁଠାରେ କ'ଣ ଆବଶ୍ୟକତା ଥାଏ ? ଆବଶ୍ୟକତାକୁ ଜଗି ବସିଲେ ମଣିଷକୁ ମରିବାକୁ ପଡ଼ିବରେ ମରିବାକୁ ପଡ଼ିବ ।

କାହିଁକି ଯାଇଥାନ୍ତି ଶୁଣେ ?

ଆରେ ଦେଖିଚୁ ମୈଥିଲୀକୁ ? କମ୍ପାଉଣ୍ଡର ବାବୁଙ୍କ ଝିଅ କି ସୁନ୍ଦର !

ଟିଏ ଦେଖିବା ଛଡ଼ା ଦୁନିଆରେ ଯେମିତି ଆଉ କଛି କାମ ନାହିଁ !

ବୈରାଗ୍ୟ ଆସିଗଲାଣି ନା କଣ ? ବେଶୀ ମାଛ ଖାଇଲେ ବିରାଡ଼ିର ଯେଉଁ ଅବସ୍ଥା ହୋଇଥାଏ ।

କାହ୍ନୁ ଓଠରେ ମୃଦୁହସ ଖେଳାଇ କହିଲା, ଯଏ ବିରାଡ଼ି ନୁହେଁ ସେ ମାଛ ଖାଇବ ବା କାହିଁ କି ?

ଓଃ, ସମୟ ହୋଇଗଲାଣି ଯାଉଚି । ପରେ ଦେଖା ହେବ ।

ରାମଚନ୍ଦ୍ର ଚାଲିଗଲା ।

ରାମଚନ୍ଦ୍ର ଗୋଟିଏ ଆଖିରେ ମୈଥିଳୀ ଆଉ ଆର ଆଖିରେ ଐଶ୍ବର୍ଯ୍ୟ ଦେଖିବାକୁ ଆରମ୍ଭ କରିଚି । ଆଜି ମୈଥିଳୀ, ମିଥିଳାର ରାଜକୁମାରୀ ସୁକୁମାରୀ ରାଜଦୁଲାଳୀର ଦୁଇ ଆଖିରେ ପୃଥିବୀର ଐଶ୍ବର୍ଯ୍ୟ, ଯୌବନର ବିଚିତ୍ର ରଙ୍ଗ ନା ହୃଦୟର ଶାନ୍ତନୀରବ ଭାବ, କୁମାରୀର କୌମାର୍ଯ୍ୟ ? ମୈଥିଳୀର ଆଖିରେ ମିଥିଳାର ଧ୍ୱଂସାବଶେଷର କରୁଣ ଛବି । ମିଥିଳାର ସେଇ ଧ୍ୱଂସାବଶେଷରେ ମରିଯାଇଚି ମୈଥିଳୀର ସମସ୍ତ ସୌନ୍ଦର୍ଯ୍ୟ ଓ ମହାନୁଭବତା । ରାମଚନ୍ଦ୍ରଙ୍କର ଆଦରଣୀୟା ଅଙ୍କଶାୟିନୀ, ଜୀବନସଙ୍ଗିନୀ ସତୀ ସାଧ୍ବୀ ପରମା ପତିବ୍ରତା ଯେଉଁ ମୈଥିଳୀ ଆଖିର ଲେଲିହାନ ଶିଖାରେ ଜାଳି ଦେଇଥିଲା କାମନା ଯତି ରାବଣକୁ, ସେଇ ମୈଥିଳୀ ଆଜି ଆଖିର କଟାକ୍ଷରେ ହୃଦୟରେ କାମନା ଜାତ କରାଉଚି । କୁଳଙ୍ଗନା ମୈଥିଳୀ, ବରାଙ୍ଗନା ମୈଥିଳୀ ଆଜି ପରିଣତ ହୋଇ ଯାଇଛି ବାରଙ୍ଗନା ମୈଥିଳୀରେ । ବଂଶ ଗୋଡ଼ାଳୀର ଜୁଳୁଏଛି, ଓଠରେ ତାର ଉକଟେ ବରୁମିଓଙ୍କର ତୃପ୍ତି ପାଇଁ ହସ ! କି ସୁନ୍ଦର ପୃଥ୍ୱୀ କି କଦର୍ଯ୍ୟ !

ସୁରମା ଆସି ଡାକିଲା ଖାଇବା ପାଇଁ । ଭାତ, ଡାଲି, ଲଙ୍କାମରିଚ ।

ବାପା କହିଲେ, ଦେଖିଲୁଣି, ତୋ ବୋଉକୁ ଖଣ୍ଡେ ଭଲ ଅଣ୍ଟୁଲୁଚୁ ନ ଥିବା ଲୁଗା ପିନ୍ଧ ଏପଟ ସେପଟ ବୁଲି ବୁଲି କହୁଛି । ମାଷ୍ଟର, ପିଲେ ଆଉ ଡାକ୍ତରଖାନାର ଅନ୍ୟାନ୍ୟମାନେ କଣ ଭାବୁଥିବେ କହିଲୁ !

ବୋଉ କହି ଉଠିଲା, ଆଉ ଭଲ କଥା ଶୁଣିଗଲି ଯେ । ବଜାର ଠାରୁ ଆରମ୍ଭ କରି ସ୍କୁଲ ଡାକ୍ତରଖାନା ଯାଏ ମଇଳା ମଳଧା ବୋଲା ଛିଣ୍ଡା ଲୁଗା କାମିଜ ପିନ୍ଧି ଯିବା ଆସିବା କରୁଚ !

କାହ୍ନୁ ଖାଇସାରି ଉଠିଆସିଲା ।

ବାବୁ ଡାକୁଚ ।

ମତେ ?

ହଁ ।

କେଉଁ ବାବୁ ?

ବାବୁ, ମୁଁ କମ୍ପାଉଣ୍ଡର ବାବୁଙ୍କ ପୁଅ ।

କମ୍ପାଉଣ୍ଡର ବାବୁଙ୍କ ଘର ଦୁଆର ମୁହଁରେ ଯାଇ କାହ୍ନୁ ଠିଆ ହେଲା ।

ମୈଥିଲୀ ଦୁଆର ବନ୍ଦ ପାଖକୁ ଆସି କହିଲା, ଆସନ୍ତୁନା ଘରକୁ ।

କାହ୍ନୁ ତାଙ୍କ ସଙ୍ଗେ ସଙ୍ଗେ ଘର ଭିତରକୁ ଗଲା । ଗୋଟାଏ ଚେୟାର ଉପରେ ବସିବାକୁ କହି ମୈଥିଲୀ ନିଜେ ବସିଲା ଆଉ ଗୋଟାଏ ଚେୟାର ଉପରେ ।

ଆପଣ ସକାଳୁ ଆସିଲେଣି, ଅଥଚ ଏଠିକି ଆସି ନ ଥିଲେ !

ଜାଣି ନ ଥିଲି ।

ମୁଁ ଶୁଣିଲି ଡାକ୍ତର ବାବୁଙ୍କ ଘରୁ ।

ହଁ ଯାଇଥିଲି ତାଙ୍କ ଘରକୁ ।

ମୁଁ ପଢ଼ୁଚି ଟେନ୍‌ଥ କ୍ଲାସରେ, ଏଇ ହାଇସ୍କୁଲରେ ।

ବେଶ୍ ତ !

ଆପଣ ଟିକଏ ମତେ ମାଥେମେଟିକ୍‌ସ ପଢ଼ାଇ ଦଅନ୍ତେ !

ଦେବ ।

ଅଙ୍କ ଆଲଜେବ୍ରାରେ ମୁଁ ବଡ଼ ଦୁର୍ବଳ ।

ତମର କଣ ଏଇଟି ସାନ ଭାଇ ?

ହଁ ସେତକ ତ, ବୋଉ ମଲାଣି ଦୁଇବର୍ଷ ହେଲା ।

ବାପା ?

ବାପା ଡାକ୍ତରଖାନାରେ ।

କାହ୍ନୁ ଅଙ୍କ ବୁଝାଇବାକୁ ବସିଲା । ବୁଝାଇ ସାରି ଖଣ୍ଡେ ଅଙ୍କ ଦେଲା କଷିବାକୁ ।

ମୈଥିଳୀ । ଯୌବନର ସୁଷମା ଅଙ୍ଗେ ଅଙ୍ଗେ ଖେଳି ଉଠୁଚି । ଚିବୁକର ରକ୍ତିମ ଆଭା, ଢଳ ଢଳ ଆଖି, ଜ୍ୱଳନ୍ତ ଓଠ, କି ସୁନ୍ଦର ! ବେଣୀ ଦୁଇଟି ଲମ୍ବି ଆସିଚି ବର୍ତ୍ତୁଳ ନିତମ୍ବ ଉପରକୁ । ଏ ସ୍ୱର୍ଗୀୟ ସୁଷମାଲୋକ ବ୍ୟଭିଚାର—ତମସାବୃତ ହେଲା କପରି ?

ମୈଥିଳୀ ମୁଣ୍ଡ ଟେକି କହିଲା, ମୋ ନାଁଟା ତ ଜାଣିଲେ ନାହିଁ !

ଜାଣିବା ଦରକାର ନାହିଁ ।

ନା, ଶୁଣନ୍ତୁ ଆପଣ ହେଲେ ଗୁରୁ, ଛାତ୍ରୀ ମୁଁ । ଛାତ୍ରୀର ନାଁ ଜାଣିବା ଦରକାର, ମୋ ନାଁ ମୈଥିଳୀ, ଡାକ ନାଁ ମିଲି ।

ସୁନ୍ଦର ନାଁଟିଏ ତ !

ମୈଥିଳୀ ଖେଁ ଖେଁ ହୋଇ ହସି ଉଠିଲା, ବାଃ ଜୁ ଦୁର୍ବଳ ଆପଣ ।

ମୁଁ ?

ହଁ, ବଡ଼ ଦୁର୍ବଳ, ଭାବିଥିଲି ଆପଣ ଦୁର୍ବଳ ନୁହଁନ୍ତି ବୋଲି ।

କିପରି ଜାଣିଲ ?

ଏଇ—

ଏଇ ?

ମାନେ, ଉଦାହରଣ ସ୍ୱରୂପ ସୁନ୍ଦରୀ ନାରୀଟିଏ ତ, ଆପଣଙ୍କୁ ମୋର ସୌନ୍ଦର୍ଯ୍ୟ ମୁଗ୍ଧ କରୁଚି ନିଶ୍ଚୟ । ବଡ଼ ବିପଦଜନକ ଏଇ ଯୌବନ ! ଏ ଯୌବନକୁ ଯିଏ ମାରି ବଞ୍ଚାଇପାରନ୍ତା ! ଏତେ ଲୋକ ଅଥଚ ଜଣକୁ ହେଲେ ସବଳ ଦେଖିଲି ନାହିଁ ।

କାହ୍ନୁ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲା ମିନା ଆଡେ, ଦେହରେ ତାର ଅଫୁରନ୍ତ ଯୌବନ, ଅଥଚ ମୁଖରେ ତାର ଦୃଢ଼ ବାର୍ତ୍ତା ।. ବାସ୍ତବିକ କି ଛଳନାମୟୀ ଏ ନାରୀ । ନା, ନା, କି ସୁନ୍ଦର ଏଇ ନାରୀ । ବାହାରର ସୌନ୍ଦର୍ଯ୍ୟ ପରି ଅନ୍ତରରେ ରହିଚି ତାର ସୌନ୍ଦର୍ଯ୍ୟ । ଏ ସୌନ୍ଦର୍ଯ୍ୟର ଜୟ ହେଉ ।

ମୁଁ ଆସେ ତେବେ ।

ରାଗିଲେ କି ?

ରାଗିବାର କାରଣ ନାହିଁ ଯେ ।

ନା, ରାଗିଚନ୍ତି । ମୋର ଏଇଟା ବଡ଼ ଦୋଷ, ସମସ୍ତଙ୍କୁ ମୁଁ ଯାହା ଭାବେ ତାହା ହଠାତ୍ ପ୍ରକାଶ କରିଦିଏ । କିନ୍ତୁ ସତ କହନ୍ତୁ ତ କି ଦୁର୍ବଳ ହୋଇ ଯାଉଚି ଏ ପୁରୁଷ ଜାତିଟା ! ଯେଉଁଠି ଗୋଟିଏ ସ୍ତ୍ରୀ ଦେଖିଲେ, ତାଙ୍କ ସଙ୍ଗେ ତା ବିଷୟରେ କଥାବାର୍ତ୍ତା, ସେମିତି ଏ ପୃଥିବୀରେ ନାରୀ କେବଳ ଶଯ୍ୟାସଙ୍ଗିନୀ ଛଡ଼ା ଆଉ କିଛି ହେବାର ଯୋଗ୍ୟ ନାହିଁ ।

ଠିକ୍ କହୁଚ ମିଳ, ବଡ଼ ଦୁର୍ବଳ ଏ ପୁରୁଷ ଜାତି । ନାରୀର ଏ ସୌନ୍ଦର୍ଯ୍ୟ ଭିତରେ ସେ ଆତ୍ମହତ୍ୟା କରି ମରୁଚି ! ତାଙ୍କୁ ତମେ ରକ୍ଷା କର ମିଳ, ରକ୍ଷା କର । ତମର ସେ ଶକ୍ତି ହେଉ ।

କାହ୍ନୁ ଚାଲି ଆସିଲା । ମିଳ ପଛରୁ ନମସ୍କାର ହେଉଥିଲା ।

× × × ×

ସନ୍ଧ୍ୟା ହୋଇ ଯାଇଚି । କାହ୍ନୁ ଭଲି ଖେଳ ସାରି ଘରକୁ ଯାଉଥିଲା । ସ୍କୁଲର ମାଷ୍ଟର ଅରବିନ୍ଦଙ୍କ ସଙ୍ଗେ ଦେଖା ହେଲା । ଅରବିନ୍ଦ ବାବୁ କହିଲେ, ଶୁଣିଲେଣି, କି ଲଜ୍ୟା କଥା ଆପଣଙ୍କୁ ଆଉ କଣ କହିବ ?

କାହ୍ନୁ ଆଶ୍ଚର୍ଯ୍ୟ ହୋଇ ପଚାରିଲା, କଣ କହିଲେ ?

ଶୁଣନ୍ତୁ ଆପଣଙ୍କ ବୋଉ ଯାଇ ଆମ ଘରୁ ଆଳୁ ଚୋରି କରୁଥିଲେ ।

କାହ୍ନୁ ବିରକ୍ତ ହୋଇ ଉତ୍ତର ଦେଲା; ମିଥ୍ୟାବାଦୀ !

ମିଛ କହୁନି, ଆଖିରେ ଦେଖିଚି, ନ ହେଲେ ମୁଁ ବି ଅବିଶ୍ୱାସ କରିଥାନ୍ତି । ମୋ ସ୍ତ୍ରୀ ହାଣ୍ଡି ଶାଳରେ ହାଣ୍ଡି ଧୋଉଛନ୍ତି । ମୁଁ ଖାଡ଼ା ଯାଇଥିଲି । ଆସି ଘର ଭିତରକୁ ଠିକ୍ ମାତ୍ର ପଶିଗଲି ବେଳକୁ ଆପଣଙ୍କ ବୋଉ ଅଣ୍ଟିରେ ଆଳୁ । ଅଣ୍ଟିରୁ ଆଳୁ ଖସି ପଡ଼ିଲା । ବୋଉ, ଆପଣଙ୍କର ଚାଲିଗଲେ । ସ୍ତ୍ରୀଙ୍କୁ ଏ କଥା କହିନାହିଁ—ନହେଲେ କଣ ଯେ ହୋଇଥାନ୍ତା !

କାହ୍ନୁ ଘରକୁ ଆସି ଡାକିଲା, ବୋଉ ବୋଉ !

ଯାଉଚି, ସଞ୍ଜ ଦେଉଚି ପରା !

କାହ୍ନୁ ବୋଉ ପାଖକୁ ଯାଇ କହିଲା, ଏ ସଞ୍ଜ ଦଉଚ କାହିଁକି ?

ତମରି ପାଇଁରେ ତମରି ପାଇଁ ।

କାହ୍ନୁ ରାଗରେ ସଞ୍ଜତକ ଗୋଟାଇ ଦୁଆରକୁ ଫିଙ୍ଗି ଦେଲା । ଏ ସଞ୍ଜ ଦେବା ଦରକାର ନାହିଁ ।

ଫୋପାଡ଼ି ଦେଲୁ ?

ଚୋରର ପୂଜା ଭଗବାନ ଗ୍ରହଣ କରନ୍ତି ନାହିଁ !

ଚୋରି ?

ହିଁ ବୋଉ, ତୁ କଣ ଆମକୁ ଦାଣ୍ଡରେ ଚଲାଇ ଦେବୁ ନାହିଁ ?

କଣ ହେଲା କି ?

କଣ ହେଲା କି ? ତୁ ଅରବିନ୍ଦ ବାବୁଙ୍କ ଘରୁ ଆଳୁ ଚୋରି ନେଇଥିଲୁ ?

କିଏ କହିଲା ?

ଅରବିନ୍ଦ ବାବୁ କହିଲେ । ବୋଉ ତା ଅପେକ୍ଷା ଆମକୁ ମାରି ଦେଇ ଚୋରି କରୁନୁ ? କାହ୍ନୁର ସର୍ବାଙ୍ଗ ରାଗରେ ଥରୁଥିଲା । ସେ ସେଠାରେ ବସି ପଡ଼ିଲା ।

ଗୋଟିଏ ଦୀର୍ଘଶ୍ୱାସ ଛାଡ଼ି ବୋଉ କହିଲା, ତୋରି ପାଇଁରେ । ସକାଳେ ଖାଇଲୁନ । ତରକାରୀ କିଛି ନ ଥିଲା, ଖାଲି ଭାତ କିଏ ମଣିଷ ଖାଏ ? ଗଧ ଜୀବନ ଯାର ସେ ସିନା ଚଳ ପାରିବ ଭାତ ଲୁଣ ଖାଇ, କିନ୍ତୁ···ଛାଡ଼ି, ସେଥିପାଇଁ ଦିଇଟା ଆଳୁ ଆଣୁଥିଲି !

ଏଇ ସମୟରେ ସୁରମା ଆସିଲା । ଗୋଡ଼ରେ ଦୁଇଟା ଚପଲ । କାହ୍ନୁ ପଚାରିଲା, କଲେ କୋଉଠୁ ଆଣିଲୁ ?

ସୁରମା କହିଲା, ମୋ ଇଚ୍ଛା ହେଲା ଯେଉଁଠୁ ଆଣିଲି ! ତମର କଣ ଗଲା ? ତମେ ଦେଇଥିଲ କି ?

କାହ୍ନୁ କହିଲା, ଏଁ ଖୁବ୍ ତ ସାହସ ହୋଇଗଲାଣି ଦେଖୁଚି । କୋଉଠୁ ଆଣିଲୁ ପଚାରୁଚି, ଉତ୍ତର ଦେଉଚି କେମିତି ! ଡାକ୍ତରଙ୍କ ଘରୁ ଚୋରି କରି ଆଣିଲୁ ନା କଣ ?

ସୁରମା ଚୁପ୍ ରହିଲା ।

କାହ୍ନୁ ତା କାନ ଧରି ପଚାରିଲା, କହ, କହ, ଚୋରି କରି ଆଣିଚୁ ?

ସୁରମା ତଥାପି ଚୁପ୍ ରହିଲା । କାହ୍ନୁ ଜୋରରେ ଠେଲି-ଦେଲା ତାକୁ । ତଳେ ପଡ଼ିଯାଇ ଆଣ୍ଠୁ ଛିଣ୍ଡିଗଲା ସୁରମାର । ସୁରମା କାନ୍ଦିବାକୁ ଲାଗିଲା ।

ଭଗବାନ ଆଉ ଚୋରର ଘରେ ଜନ୍ମ ଦେଲେ । କାହ୍ନୁ ତକିଆ ସପଟାଏ ଧରି ଯିବାକୁ ବସିଲା ।

ବୋଉ ପଚାରିଲା, କୁଆଡ଼େ ଯାଉଚୁ ?

ଶୋଇବାକୁ ।

କେଉଁଠିକି ?

ସ୍କୁଲ ଘରକୁ ।

ଖାଇଲା ବେଳକୁ ଆସିବୁ ।

ଆସି ପାରିବି ନାହିଁ ।

ମୋ ସୁନାଟି ପରା ଆସିବୁ, ଗଣ୍ଡେ ଖାଇଦେଇ ଯିବୁ ।

ଏ ଚୋରର ଘରେ ମୁଁ ପାଣି ସୁଦ୍ଧା ଛୁଇଁବି ନାହିଁ ।

ଘର ତ ଚୋରର ନୁହେଁ, ମୁଁ ସିନା ଚୋରଣୀ—

କାହ୍ନୁ ସପ ତକିଆ ଧରି ବାହାରିଗଲା । ପଛରୁ ବୋଉ ଡାକୁଚି, କାହ୍ନୁ କାହ୍ନୁ—

କାହ୍ନୁ ଆସି ସ୍କୁଲର ବାରଣ୍ଡାରେ ସପ ପକାଇ ଶୋଇଲା । କାମିନୀ ଫୁଲର ଗନ୍ଧ ଚତୁର୍ଦ୍ଦିଗରେ ଖେଳି ବୁଲୁଚି । ଚନ୍ଦ୍ର ତଳ ଦେଇ ଭାସି ଯାଉଚି ଖଣ୍ଡ ଖଣ୍ଡ ଧଳା ମେଘ । ମୃଦୁ ପବନ ବେଶ ଥଣ୍ଡା ଲାଗୁଚି । ଚତୁର୍ଦ୍ଦିଗ ନୀରବ ଓ ଶାନ୍ତ । ସ୍କୁଲ ଛୁଟି ହୋଇଚି ଗ୍ରୀଷ୍ମ ଦିନ ପାଇଁ । ତେଣୁ ହଷ୍ଟେଲ ଶୂନ୍ୟ । ଏଇ ପାଖ ରୁମ୍‌ରେ

କୁଆଡ଼େ ପ୍ରେତ ଅଛି ! ଭାରି ବଦମାସ । ମଣିଷ ମଲେ ପ୍ରେତ ହୁଏ । ତାର ଅଶରୀରୀ ଆତ୍ମା ସାଂସାରିକ ଅତୃପ୍ତିର ତୃପ୍ତି ପାଇଁ ଏ ସଂସାରକୁ ପୁଣି ଫେରି ଆସେ । ବଞ୍ଚିଥିଲା ବେଳେ ତାର କାମନା ପୂର୍ଣ୍ଣ ହୁଏ ନାହିଁ, ଆଉ ମୃତ୍ୟୁ ପରେ ସେ କଣ ପୂର୍ଣ୍ଣ ହୁଏ ? କାମିନୀ ଫୁଲର ଗନ୍ଧ ମନୋରଞ୍ଜନ କରେ । ଆକାଶରେ ବଉଦର—ନା କାହାକର ଖେଳ ? ପ୍ରକୃତି ଜୀବନକୁ ସୁନ୍ଦର କରିବା ପାଇଁ କେତେ ଉପାଦାନ ଦେଉଛି । କିନ୍ତୁ ମଣିଷର ଜୀବନ, ପୃଥିବୀର ଶ୍ରେଷ୍ଠ ପ୍ରାଣୀର ଜୀବନ କଣ ସୁନ୍ଦର ହୋଇ ପାରୁଛି ? ଜୀବନର ମୁଖର କଳରବକୁ ହତ୍ୟା କରୁଛି କିଏ ?

ଆଗରେ ଡାକ୍ତରଖାନା । ଗୋଟାଏ ରୋଗୀ ଚିତ୍କାର କରୁଛି ଯନ୍ତ୍ରଣାରେ । ଡାକ୍ତରଖାନାର ପ୍ରତି ଅଂଶକୁ ଘେରି ରହିଛି ଯେପରି ମୃତ୍ୟୁ, ମୃତ୍ୟୁର ଆବେଶ ପରି । ମଣିଷର ତା ବିରୁଦ୍ଧରେ ସତ୍ୟାଗ୍ରହ ନା, ନା, ସଂଗ୍ରାମ, କିଏ ଜୟ ଲାଭ କରୁଛି ? ମଣିଷ ନା ମୃତ୍ୟୁ ? ମନୁଷ୍ୟର ସଯତ୍ନ ପ୍ରହରା, ମନୁଷ୍ୟର ଅକ୍ଳାନ୍ତ ପରିଶ୍ରମ କଣ ବଞ୍ଚାଇ ପାରୁଛି ମଣିଷକୁ ?

ଆକାଶରେ ଜ୍ୟୋତ୍ସ୍ନାର ବନ୍ୟା । ସେ ବନ୍ୟାର ପ୍ରଖର ସ୍ରୋତରେ ମେଘ ମାଳା ଭାସି ଯାଉଛି ଯେପରି । ଯେଉଁ ଦିନ ଏଇ ଦୁଃଖର ପୃଥିବୀ ଛାଡ଼ି ଆକାଶର ଏଇ ସୁନ୍ଦର ପ୍ରାନ୍ତରେ ମଣିଷ ଚାଲିଯିବ ସ୍ୱର୍ଗକୁ ସେ ଦିନ କି ଆନନ୍ଦ ନ ଲାଗିବ ସତେ ! ପୃଥିବୀରେ ଜୀବନ ନାହିଁ । ଜୀବନର ମାନେ ଯେଉଁଠି ଜୀବନ ନୁହେଁ, ବଞ୍ଚିବାର ଅର୍ଥ ଯେଉଁଠି ବଞ୍ଚିବା ନୁହେଁ, ସେଠାରେ ରହିବାର କି ଆନନ୍ଦ ମିଳିବ ? ତାଠାରୁ ବରଂ ମୃତ୍ୟୁ ଭଲ ।

ସେ ଧଳା ମେଘଟା କେତେ ଦୂରକୁ ଚାଲିଗଲାଣି । ଆଉ ଗୋଟାଏ ଚନ୍ଦ୍ରକୁ ଅତିକ୍ରମ କରି ଚାଲିଛି । ସତେ ତ ! କେତେ ଶୀଘ୍ର

ଅତିକ୍ରମ କରି ଚାଲିଗଲା ! ମଣିଷ ଜୀବନର ସ୍ରୋତ ସେହିପରି ପ୍ରଖର ଭାବରେ ହୁଏତ ଚାଲିଛି । ବାସ୍ତବିକ କେତେ ଶୀଘ୍ର ବାଇଶି ବର୍ଷ ଚାଲିଗଲା ? କିନ୍ତୁ ଏଇ ଦୀର୍ଘ ସମୟକୁ ଜୀବନ ଦେଇଛି କିଏ ? ଆଉ ଏ ଜୀବନକୁ ଦୀର୍ଘ ସମୟ ବା କିଏ ଦେଇଛି ? ଯେତେ ଦ୍ରୁତଗତିରେ ଯୌବନ ଆସିଛି ସେତେ ଦ୍ରୁତ ଗତିରେ ସେ ବି ଚାଲିଯିବ । ଏ ଯୌବନ ବା କିଏ ଦେବ ତାଙ୍କୁ ?

ଗଉରୀ ପୁଅ ଭଲ ହୋଇଯିବଣି । ନା, ହୁଏତ ମରିଯିବଣି ! ଛି ଛି କି ଅମଙ୍ଗଳ କଥା । ଭଗବାନ ! ଗଉରୀର ପୁଅକୁ ଭଲ କରି ଦିଅ । ସେ ଦୀର୍ଘଜୀବୀ ହେଉ । ଦୀର୍ଘଜୀବୀ ହେଉ ! ସତେ ଯେମିତି ଦୁର୍ବାସା ବା ଗୋଟାଏ ସିଦ୍ଧ ତପସ୍ୱୀ, କହିଦେବା ସଙ୍ଗେ ସଙ୍ଗେ ଦୀର୍ଘ-ଜୀବୀ ହୋଇଯିବ !

ସାନ ଭାଇର ଜାତକ ଦେଖି ଜ୍ୟୋତିଷ କିଏ କହିଥିଲା ? କହିଥିଲା ଜାତକର ଦୀର୍ଘ ପରମାୟୁ । ପରମାୟୁ ଏକ ଶହ ଆଠ ବର୍ଷ । କିନ୍ତୁ ଚାରିବର୍ଷ ନ ପୂରୁଣୁ ଜାତକ ଦୀର୍ଘ ପରମାୟୁ ଲାଭ କଲା । ଶ୍ମଶାନର ମାଟିରେ ଆଜି ଜାତକ ଦୀର୍ଘ ଜୀବନ ଲାଭ କରିଛି । ଭଣ୍ଡ ତପସ୍ୱୀ ଗଣ ! ଏ ଭଣ୍ଡାମୀର ଶେଷ କେଉଁଠି ?

ଅରବିନ୍ଦ ବାବୁ ଦେଖିଚନ୍ତି । କିଏ ଭାବିଥିଲେ ସେ ? ସାମାନ୍ୟ ଆମ୍ବ କେତେଟା ପାଇଁ ସମ୍ମାନ ନଷ୍ଟ । ଅସହ୍ୟ । ବୋଉ, ସ୍ନେହ-ଶୀଳା ବୋଉ, ଏ ଦେହର ରକ୍ତ ମାଂସରେ ଯାହାର ରକ୍ତ ମାଂସ ମିଶିଛି, ସେ ପୁଣି ଅନ୍ୟାୟ କଲା କିପରି ? ଦେହର ରକ୍ତ ମାଂସ ଦେଇ ପୁଷ୍ଟି କରିଛି ଯାହାକୁ, ତାର କ୍ଷୁଧା ନିବାରଣ ପାଇଁ ଯଦି ତାର ମାଂସ ଦରକାର ହୁଏ ସେ ତ ଦେବାକୁ ପ୍ରସ୍ତୁତ ଅଛି; ସେ କାହିଁକି ଏପରି କଲା ?

ମୈଥିଲୀ ଗାଉଚି—

ହେ ସୁନ୍ଦର, ହେ ବରଣୀୟ, ହେ କମନୀୟ, ତମେ ଆସ ଆସ । ଆଜ କଳଙ୍କରେ ଏ ସାରା ଦେହ ବିଷାକ୍ତ ହୋଇ ଉଠିଚି । ମନ ପ୍ରାଣ ବିଷାକ୍ତ ହୋଇ ଯାଇଚି । କାମନାର ଦଂଶନରେ ମୁଁ ଧ୍ୱଂସ ହେବାକୁ ଯାଉଛି । ପାପ ଅନ୍ୟାୟର କାଳିମାରେ ମୁଁ କଳଙ୍କିତ ହୋଇଚି । ମତେ ରକ୍ଷାକର । ମତେ ନିର୍ମଳ କର ସୁନ୍ଦର କର ତମର କମନୀୟ ମଧୁର ସ୍ପର୍ଶରେ । ହେ ଦେବତା, ହେ ନିର୍ମଳତର, ହେ ସୁନ୍ଦରତର, ହେ କମନୀୟ, ତମେ ଆସ ଆସ ।

ଦେହରେ କାହାର ଏ ଦଂଶନ ? ଏ ଦାହରୁ ରକ୍ଷା କରିବ କିଏ ? ସେଇ ସୁନ୍ଦରତର ନିର୍ମଳତର ଭଗବାନ ? ଭଗବାନ ! ହାଃ-ହାଃ-ହାଃ ଭଗବାନ !

ମୈଥିଳୀର ସଙ୍ଗୀତ ଶେଷ ହୋଇଗଲାଣି । ତଥାପି ତାର ଶେଷ ମୂର୍ଚ୍ଛନା ପବନରେ ଖେଳି ବୁଲୁଚି ଯେପରି—ହେ ସୁନ୍ଦର, ହେ ନିର୍ମଳ, ସୁନ୍ଦର କର ତମର ସୁନ୍ଦର ନିର୍ମଳ କରରେ । ସେଇ ଭଗବାନ କାହାନ୍ତି ? ଐଶ୍ୱର୍ଯ୍ୟର ବିରାଟ ସ୍ତୀତି ତାଙ୍କୁ ହତ୍ୟା କରିଚି । ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟର ଲୋଭ ତାଙ୍କୁ ମାରି ଦେଇଚି । ସୁମିତ୍ରା ଲେଖିଥିଲା, ହେ ନିଷ୍ଠୁର, ହେ ନିର୍ମମ, ଆସ ଆସ । ଅନ୍ତରର ପୂଜା ବେଦୀରେ ଯେଉଁ ଦେବତାର ଅଭିଷେକ, ଅଶ୍ରୁର ସଜଳ ଅର୍ଘ୍ୟରେ ଯାହାର ବନ୍ଦନା, ସେ ଦେବତାର ମୃତ୍ୟୁ ନାହିଁ । କିନ୍ତୁ ଏଇ ଯେଉଁ ଭଗବାନ, ଲାଞ୍ଚ ନେବା ଯାହାର ଧର୍ମ, ଐଶ୍ୱର୍ଯ୍ୟ ଉପରେ ଯାହାର ଆଖି ତାର ମୃତ୍ୟୁ ହୋଇଚି । ସେ ପୁଣି ଜନ୍ମ ନେଇଚି ଧନୀକର ପ୍ରାସାଦରେ ଧନ ଲୋଭରେ ।

ବେଶ୍ ଭଲ ଲାଗୁଚି । ଏପରି ପରିବେଷ୍ଟନୀରେ କବିତା ଲେଖି ବାକୁ ଇଚ୍ଛା ହେଉଚି । କିନ୍ତୁ କି କବିତା ଲେଖିବ ସେ ? ଅଙ୍ଗୀତର

ପ୍ରେମିକା ବକ୍ଷପୁରେ ? ଲେଖିବ—ଆକାଶରେ ନିଃସଙ୍ଗ ଚନ୍ଦ୍ର, ବାୟୁରେ କାମିନୀ ଫୁଲର ମନୋହର ଗନ୍ଧ, ମୃଦୁ ମଳୟ ଆଉ ଜ୍ୟୋତ୍ସ୍ନା ପୁଲକିତ ରଜନୀ । ହେ ସାଥୀ, ହେ ପ୍ରିୟା, ହେ ବନ୍ଦନୀୟା ହେ ସୁନ୍ଦରୀ, ଯେନେ ସିନା ତମର ମୃତ୍ୟୁ ହୋଇଥିଲା ରଜନୀର ବିକ୍ଷିପ୍ତ ଅନ୍ଧକାରରେ, ଆଜି କିନ୍ତୁ ଜନ୍ମ ନେବ ତମେ ରଜନୀର ଏଇ ଶୁଭ୍ର ଅଙ୍କରେ । ସ୍ୱାଧୀନତାର ପକ୍ଷ ତମର ସିନା ଭାଙ୍ଗି ପଡ଼ିଥିଲା ସେ ଦିନ ସମାଜର କ୍ରୁର ଶାସନ ମଧ୍ୟରେ, ପ୍ରକୃତିର ଏଇ ମୁକ୍ତ ପ୍ରାଙ୍ଗଣରେ ତମର ସ୍ୱାଧୀନତା ପୁଣି ଫେରି ଆସିବ । ବାସ୍ତବରେ ନହୋଇପାରେ ସ୍ୱପ୍ନରେ ନହୋଇପାରେ, କିନ୍ତୁ କଳ୍ପନାରେ । କଳ୍ପନାର ସ୍ନେହୋଲି ପକ୍ଷ ତମକୁ ମୁକ୍ତି ଦେବ । ପାଦରୁ ଛିନ୍ନ କରିବ ଶତ ଶତ ବର୍ଷର ବନ୍ଧନର ଶୃଙ୍ଖଳ । ତାପରେ ତମେ ଆସିବ, ଆସିବ କାମିନୀ ଫୁଲର ଏଇ ମନ ମତାଣିଆ ଗନ୍ଧରେ, ଏଇ ରଜତ ରଜନୀର ବେଣୀରେ, ପ୍ରକୃତିର କମନୀୟ ରୂପରେ । ଏ ଜ୍ୟୋତ୍ସ୍ନା ତମର ମାଳିନ୍ୟ ଦୂର କରିବ, ଏ ଚନ୍ଦ୍ର ତମର କଳଙ୍କ ଅପହରଣ କରିବ, ଏ କାମିନୀ ଫୁଲ ଦେବ ତମକୁ ଶୁଭ୍ରତା, ଶ୍ଲୀଳତା, କମନୀୟତା ! ହେ ପଦ୍ମନ ! ତମର ଛଦ୍ମ ବେଶ ତ୍ୟାଗ କର । ସଂଜୀବନୀ ସୁଧା ପିଇ ଜାଗି ଉଠ । ଜାଗ, ଜାଗ !

କାହ୍ନୁ ବାବୁ, କାହ୍ନୁ ବାବୁ···

କିଏ ?

ମୁଁ ।

କିଏ ମିନ ? ଏତେ ରାତିରେ ?

ଭୟ ନାହିଁ ମୋ ପାଇଁ ।

କାହିଁକି ଆସିଲ ?

ଆପଣ ସୁରମାକୁ ମାରିଥିଲେ ?

କଣ ହେଲା ?

କାହିଁକି ?

ତମର ଦରକାର କଣ ?

କ୍ରୁଦ୍ଧ କାହିଁକି ମାରିଥିଲ ?

କାଳ୍ପ ବିଛଣାରୁ ଉଠି ବସିଲା । ବେଶ୍ ହେଲା, ମୋ ଭଉଣୀକୁ ମୁଁ ମାରିଲି, ଠିକ୍ କରିଚି ।

ଆପଣ ଅନ୍ୟାୟ ଭାବରେ ମାରିଛନ୍ତି !

ସତେ ନା କଣ !

ନିଶ୍ଚୟ, ଅନ୍ୟାୟ ।

କାରଣ ?

କାରଣ ସେ ଚପଲ ହଳକ ମୁଁ ତାକୁ ଦେଇଥିଲି ।

ମୁଁ ବା ଜାଣିବି କପରି ?

ଜାଣିବେ ନାହିଁ, ଆଉ ଦୋଷ ଦେବେ । ଘର ତ ବଡ଼ ଲୋକ ଆପଣ ! ଯିଏ ଦେଇ ପାରେ ନାହିଁ, ଅଥଚ ଅନ୍ୟର ଦାନକୁ ହିଂସା କରେ, ସେ ମନୁଷ୍ୟ ନୁହେଁ । ଆପଣ ଭାଇ, କନ୍ତୁ ଭଉଣୀ ପାଇଁ କଣ ଆଣିଚନ୍ତି ଚଳକୁ ? କଣ ବା ତାକୁ ଦେଇଛନ୍ତି ଆଜି-ଯାଏ ? କଣ୍ଟି ଯେତେବେଳେ ଦେଇ ନାହାନ୍ତି ସେତେବେଳେ ମାରିବାକୁ ଆପଣଙ୍କୁ ଅଧିକାର ଦେଲା କିଏ ? ସାବଧାନ ! ଅନ୍ୟାୟ ଭାବରେ ଅଧିକାର ଜାହିର୍ କରିବାର ଫଳ ଆପଣ ଦିନେ ନା ଦିନେ ପାଇବେ ।

ମୈଥିଲୀ ଗୁଲିଗଲା । କାହ୍ନୁ ଡାକିଲା, ମିଳ ମିଳ ଶୁଣ ।

ତଥାପି ମୈଥିଲୀ ଗୁଲିଗଲା । ଚନ୍ଦ୍ର କିରଣରେ ତାର ସିଲ୍-ହୋଏଟ୍ ଦେଖାଯାଉଚି । ପୃଥିବୀ ଆଜି ନାନା ରୂପ ନେଇଚି ଯେପରି,

ଅନ୍ୟାୟ ବିରୁଦ୍ଧରେ, ଅନାଚାର ବିରୁଦ୍ଧରେ ପ୍ରତିବାଦ କରିବା ପାଇଁ । ମୈଥିଳୀ ଚାଲିଯାଉଚି, ଦୃପ୍ତ ଅଭିମାନରେ । ତାର କାହା ପ୍ରତି ଭୟ ନାହିଁ, କାହା ପ୍ରତି ଖାତିର ନାହିଁ । କି ଶକ୍ତିଶାଳୀ ଏଇ ମୂର୍ତ୍ତି !

*  *  *  *  *

ପରଦିନ ସକାଳ ।

କାହ୍ନୁ ରେଜର୍‌ରେ ଖିଅର ହେଉଥିଲା । ବୋଉ ଆସି କହିଲା, ଗୋଟିଏ ଭଲ ପାତ୍ର ଠିକ୍ ହୋଇଚି । ଭଲ ଦବା ନବା କରିବେ । ଘଣ୍ଟା ଦେବେ, ରେଲ୍ ସାଇକେଲ୍...

ସେଥିରୁ ମତେ କଣ ମିଳିବ ?

ନାଇଁ, ଭଲ ପାତ୍ରଟାଏ କୁଟିଚି ହାତରୁ ଗୁଞ୍ଚି ଦେଲେ—

ମିଳିବ ନାହିଁ, ଏମ୍ୟାତ ? ବେଶ୍ ନମିଳୁ, ବର୍ତ୍ତମାନ ବାହା ହୋଇ ପାରିବିନି—

ଭଲ ପାତ୍ରଟାଏ—

ଲକ୍ଷେ ଟଙ୍କା ଦେଲେ ବି ନୁହଁ । ଯାହାର ନିଜକୁ ପୋଷିବାର କ୍ଷମତା ନାହିଁ ସେ ପୁଣି ଆଉ ଗୋଟାକୁ ପୋଷିବ କପରି ?

ସେମିତି ହେଲେ ତ ପୁଣି ବାହା ହବୁ, ନା ବାଡ଼ୁଆ ରହିବୁ ?

ନା, ମୋଠେ ବାହା ହେବ ନାହିଁ ମୁଁ । ଘରର ଅବସ୍ଥା ଦେଖୁଚୁ । ପୁଣି କୋଉ ମୁହଁରେ କହୁଚୁ ବାହା ହେବାକୁ ? ଏତକ ପୋଷିବାକୁ ତ କ୍ଷମତା ନାହିଁ—

ଘର ମାଟି ଖାଇଲେ ତୋର କଣ ଗଲା ? କରଜ ହୋଇଚି, ଜମି ବନ୍ଧା ପଡ଼ିଚି, ଘର ଛପର ହୋଇନାହିଁ, ଏଥିପାଇଁ ତୁ କଣ ଆଉ ବାଡ଼ୁଆ ରହିବୁ ?

ବୋହୂକୁ ଆଣି କାହା ବାରଣ୍ଡାରେ ଠିଆ କରିବ ?

ନାଇଁ, ମୋ ସୁନାଟି ପରା, ତୁ ମନା କରନା —

ନା, ମୁଁ ବାହା ହୋଇ ପାରିବି ନାହିଁ ।

ବାପା ବାହାର ଆସିଲେ, ବାହା ହେବୁ ନାହିଁ, ଯିଏ ପାଖକୁ ତା ପାଖକୁ ଯିବୁ ! ଟଙ୍କା କଣ କରୁଚୁ ? ଯିଏ ପିଲ୍ଲା ତା ପିଲ୍ଲା ଲଗାଉଚୁ । ସେ ଗଉଡ଼ଣୀ ଆମର କିଏ ? ତୁ ତା ପାଖକୁ କାହିଁକି ଯାଉ ? ଛି, ଛି, ଏଯୁଁ କରିବାକୁ—

ବାପା !

ବାହା ହବନି । ଆଜ ବଂଶର ମର୍ଯ୍ୟାଦା ପୋଡ଼ି କରି ଖାଇବ ! ଯୋଗ୍ୟ ସୁଯୋଗ୍ୟ ପୁତ୍ର ତ ! ରାଣ୍ଡି କି ଧରି କୁଳର ମର୍ଯ୍ୟଦା ବଢ଼ାଇବ !

ବାପା ! ବାପା !

ଗଉଡ଼ଣୀ ପାଖକୁ ଯିବା ତୋର କି ଦରକାର ? ତାକୁ ବି ବେଶ୍ ଗୋଟାଏ ସୁଯୋଗ ମିଳିଯାଇଚି ।

ବାପା !

ଘରଟା ଅପରିଷ୍କାର ହୋଇଥିଲା । ପରିଷ୍କାର କଲା କାହ୍ନୁ । କବାଟର ଫାଙ୍କରେ ପୋଷ୍ଟପିଅନ ପକାଇ ଦେଇଥିଲା । ଚିଠିଟା କାହ୍ନୁ ପଢ଼ିଲା । ମାଉସୀ ଚିଠି ଦେଇଛି ।

ମୋର କଲ୍ୟାଣ ନେବୁ । ମୋ ଶ୍ୱଶୁରପୁରରେ କଣ ଭୁଲିଗଲୁ ? ଏଠି ଚଳିବା ଅସମ୍ଭବ ହୋଇ ପଡ଼ିଲାଣି । ମୁଦି ପାଇଁ ପନ୍ଦର ଟଙ୍କା ଦେଇଥିଲି, ମୁଦି କଲୁ ? ତୁ କହିଥିଲୁ ଶୀଘ୍ର ଆସି ମତେ ନେଇ ଯିବାକୁ । ଆସିଲୁ ନାହିଁ କାହିଁକି ? ମା କିଏ ମାଉସୀ କିଏ ? ମୁଁ କଣ ତୋର ମା ନୁହେଁ ? ହଁ, ତୁ କାହିଁକି ଗରିବ ମାଉସୀକୁ ପଚାରିବୁ ? କଣ କଲୁ ଶୀଘ୍ର ଲେଖିବୁ । ଶୀଘ୍ର ଆସି ମତେ ନେଇଯା—ତୋର

ମାଉସୀ

ମାଉସାଙ୍କ ଘରୁ ବାହାରି ଯାଇଛି ମାଉସୀ, ଇଚ୍ଛାରେ ନୁହେଁ, ବାଧ୍ୟ ହୋଇ । ମଉସା ଗୋଟାଏ ଖ୍ରୀଷ୍ଟିଆନ ସ୍ତ୍ରୀକୁ ନେଇ ରହିଛନ୍ତି । ବାହାର କରି ଦେଲେ ତାଙ୍କୁ । ମୁଦି ପାଇଁ ଟଙ୍କା ଆଣିବାର ପୂର୍ବ ଦୁଇ ବର୍ଷ ହୋଇଗଲାଣି । ତଥାପି ମୁଦି ହୋଇ ପାରିଲା ନାହିଁ । କାହ୍ନୁ ଆସିଥିଲା କେଉଁଠି ହେଲେ ରଖାଇ ଦେବାକୁ । ସ୍ତ୍ରୀ ଜାତି ପୁରୁଷର ପରାଧୀନତାରୁ ମୁକ୍ତି ପାଇବ ସ୍ୱାଧୀନ ଭାବରେ ଜୀବନ ଯାପନ କରି । ନର୍ସ ହେବା ପାଇଁ ମାଉସୀର ଯୋଗ୍ୟତା ନାହିଁ । ସେଥିପାଇଁ ସେ କଣ ଆଣି ପାରିଲାନି ? ସ୍ୱାଧୀନ ଭାବରେ ବଞ୍ଚି ରହିବାକୁ ହେଲେ ଆଉ କଣ କରିବା ଉପାୟ ନାହିଁ ? କାହାର ଭୁଲ ? ତାର ନା ମାଉସୀର ? ମୁଦି ପାଇଁ ଟଙ୍କା ଆଣି ସେତକ ଖର୍ଚ୍ଚ କରି ଦେଇଛି ସେ । ମନ୍ଦ ନୁହେଁ ତ ! ଚୋର, ବଦମାସ, ମିଥ୍ୟାବାଦୀ । ମାଉସୀର ଅପେକ୍ଷା, ନିଷ୍ଫଳ ଅପେକ୍ଷା···ମାଉସୀର ଆଶା, ନିରାଶା !

ସ୍ତ୍ରୀକୁ ପୁରୁଷର ପରାଧୀନତାରୁ ମୁକ୍ତି ଦେବାକୁ ହେବ । ସ୍ତ୍ରୀ ପୁରୁଷର ଖିଆଲର ପୁତ୍ତଳିକା ହୋଇ ନପାରେ । ପରାଧୀନତାର ଶୃଙ୍ଖଳରେ ଜୀବନକୁ ନଷ୍ଟ କରିବା ଉଚିତ ନୁହେଁ । କିନ୍ତୁ କିଏ ମୁକ୍ତି ଦେବ ? କିପରି ସ୍ୱାଧୀନତା ପାଇବ ନାରୀ ଜାତି ? ଯେ ନିଜକୁ ସ୍ୱାଧୀନତା ଦେଇ ନପାରୁଛି, ସେ ଗୋଟାଏ ଜାତିକୁ ସ୍ୱାଧୀନତା ଦେବ କିପରି ? ଆଦର୍ଶବାଦର ପ୍ରଚାର କରିବା ଅପେକ୍ଷା ଆଦର୍ଶବାଦର ପ୍ରତିଷ୍ଠା ପାଇଁ କାର୍ଯ୍ୟ କରିବା ଉଚିତ । ଏ ଆଦର୍ଶ କିଏ ଦେଲା ମାଉସୀକୁ ? ସେ କହୁଥିଲା, ମାଉସୀ, ପରର ଅଧୀନତା ତୁ କାହିଁକି ମାନିବୁ ? ମୁଁ ତତେ ସ୍ୱାଧୀନତା ଦେବି । ମୁଁ ତତେ ରୋଜଗାରର ମନ୍ତ୍ର ଦେଖାଇ ଦେବି । ତୁ ରୋଜଗାର କଲେ ବେଶ୍ ସ୍ୱଚ୍ଛନ୍ଦରେ ଚଳିଯିବୁ । କାହାକୁ ଅପେକ୍ଷା କରିବାକୁ ହେବ ନାହିଁ । କିନ୍ତୁ ସେ କଣ କଲା ତା ପାଇଁ ? ମିଥ୍ୟାବାଦୀ, ଭଣ୍ଡ ତପସ୍ୱୀ !

* * * * *

ଗଉରୀ ହରିକୁ ଶୁଆଇଥିଲା । କାହ୍ନୁକୁ ଦେଖି ଗଉରୀ କାନ୍ଦି ଉଠିଲା ।

କାହ୍ନୁ ପଚାରିଲା, ହରି ଭଲ ଅଛି ତ ?

ଗଉରୀ କାନ୍ଦି କାନ୍ଦି ଉତ୍ତର ଦେଲା, ହଁ ।

ତେବେ କାନ୍ଦୁଛୁ କାହିଁକି ?

ଗଉରୀ କାନ୍ଦିବାରେ ଲାଗିଲା ।

କାହ୍ନୁ ପଚାରିଲା, ଗଉରୀ, କଣ ହୋଇଚି କହ ।

ଗଉରୀ କାନ୍ଦି କାନ୍ଦି କହିଲା, ବେଶ୍ ବନ୍ଧୁ ଘରେ ରଖିଇ ଦେଇ ଯାଇଥିଲ ମତେ !

କଣ ହେଲା କି ?

କଣ ହେଲା ଜି ! ମୁଁ ତ ମୋର ବେଶ ଚଳୁଥିଲି । ତମକୁ କିଏ କହିଲା ଏଠିକି ଆସିବାକୁ ? ଯାଅ ତମର ଉପଦେଶ ଦରକାର ନାହିଁ ଏଠି ।

କଣ ହେଲା, ଘଟଣା କଣ ?

ଘଟଣା ଛତୁ ! ମୁଁ କହୁଛି ତମେ ଚାଲିଯାଅ ଏଠୁ । ଆଉ ଏଠିକି ଆସିବା ଦରକାର ନାହିଁ । ଭାରି ଭଲଲୋକ !

କହିବୁ ନାହିଁ ତାହା ହେଲେ ?

ମୁଁ କେଉଁ ଦିନ ତମକୁ କହିଥିଲି ମୁଁ ତମକୁ ଭଲପାଏ ?

ହାଃ-ହାଃ-ମୁଁ କହିଛି ବା କେଉଁଦିନ ?

କହି ନାହିଁ ? ସନ୍ତୋଷ କହିଲା କେମିତି ?

ସନ୍ତୋଷ କହିଲା ?

ହଁ, ତମର ବନ୍ଧୁ ସନ୍ତୋଷ କହିଲା, କାହ୍ନୁ ତତେ ଭଲପାଏ ।

ସତେ ନା କଣ !

ସତେ ନା କଣ ! ନେଇ କଥାଟା ତ ଶିଖିଛ ! ଏତେ ଅଭଦ୍ର ସେ ସନ୍ତୋଷ ! ହରିକୁ ଜାଉ । ମୁଁ ଶୋଇଛି ହରି ପାଖରେ । ନିଦ ଲାଗି ଆସୁଚି । ହଠାତ୍ ନିଦ ଭାଙ୍ଗିଗଲା । ଚାହିଁ ଦେଖେ ତ ସନ୍ତୋଷ । ପଚାରିଲି, ଏତେ ରାତିରେ ! ସନ୍ତୋଷ ହସିଲା । କହିଲା, ସେଥିପାଇଁ ତ ଆସିଛି । କାହ୍ନୁ ଠାରୁ ମୁଁ କଣ ସୁନ୍ଦର ନୁହେଁ ? କାହ୍ନୁ ଠାରୁ ମୋର କଣ ବେଶୀ ଧନ ନାହିଁ ? କାହ୍ନୁ ଠାରୁ ମୋର କଣ ପ୍ରତିପତ୍ତି ନାହିଁ ? ଲକ୍ଷେ କାହ୍ନୁକୁ ମୁଁ ପୋଷିପାରେ ଗଉଣୀ । କହିଲି, ବାହାରି ଯାଅ ଏଠୁ । ସନ୍ତୋଷ ହସିଲା, କାହିଁକି ବାହାରି ଯିବି ? କହିଲି, କିଏ କହିଲା କାହ୍ନୁକୁ ମୁଁ ଭଲପାଏ ବୋଲି ? ମିଛୁଆ, ଯାଅ ଭାର । ସନ୍ତୋଷ ଖିଲ ଖିଲ ହୋଇ ହସି ଉଠିଲା, କହିଲା କିଏ ? ତମର ପ୍ରିୟ, ତମର ବନ୍ଧୁ, ତମର ସ୍ୱାମୀ କାହ୍ନୁ !

ଗୋଟାଏ ଔଷଧ ବୋତଲ ଥିଆ ହୋଇଥିଲା । ରାଗରେ ଫିଙ୍ଗି ଦେଲି ତା ଉପରକୁ । ବୋତଲଟା ତା ଦେହରେ ନ ବାଜି କାନ୍ଥରେ ବାଜି ଗୁଣ୍ଡାଗୁଣ୍ଡା ହୋଇଗଲା । ସନ୍ତୋଷ ମୋ ପାଖକୁ ଦଉଡ଼ି ଆସି ମତେ ତା ଛାତିରେ ଚାପି ଧରି କହିଲା, ରାଣୀ, ତମେ ମୋର । କାହ୍ନୁ ଖରାପ ଟୋକର ବଦମାସ, ମଦ ଖାଏ । ରାଧା ପାଖକୁ ଯାଏ । ବେଶ୍ୟା ପାଖକୁ ଯାଏ—। ରାଗରେ କାମୁଡ଼ି ଦେଲି ତା ହାତକୁ । ମତେ ଛାଡ଼ି ଦେଇ ପଛକୁ ଘୁଞ୍ଚିଗଲା । ଉପାୟ ନ ଦେଖି ପାଟିକଲି । ସୁମି ଆସିଲା । ସୁମି ଏପରି ଅବସ୍ଥାରେ ଦେଖି ପଚାରିଲା, ଗଉରୀ କଣ ହେଲା କି ? ମୁଁ କିଛି କହିବା ଆଗରୁ ସନ୍ତୋଷ କହିଲା, ଦେଖ ସୁମି, ମୁଁ ଯାଇ ଶୋଇଚି, ଛାଇ ନିଦ ଲାଗି ଆସୁଚି; ହଠାତ୍ ନିଦ ଭାଙ୍ଗିଗଲା ! ଦେଖିଲା ବେଳକୁ ଗଉରୀ ! କି ମିଛ ! ମତେ କହିବାକୁ ନଦେଇ ସନ୍ତୋଷ କହିବାରେ ଲାଗିଲା—କାହ୍ନୁକୁ ତୋର ଯୌବନରେ ଭୁଲାଇ ଦେଇଚୁ ବୋଲି ମତେ ଭୁଲାଇ ଦେବୁ ନା କଣ ? କହିବାକୁ ସମୟ ନଥିଲା । ହାତକୁ ଧରି ସାଙ୍ଗେ ସାଙ୍ଗେ ବାହାରି ଆସିଲି । ନା, ଆଉ ଦରକାର ନାହିଁ । ତମେ ଏଠିକି ଆସୁଛ ବୋଲି ସିନା କିଏ କେତେ ପ୍ରକାର କହୁଚି । ତମର ଆଉ ଏଠିକି ଆସିବା ଦରକାର ନାହିଁ ।

ମତେ କଣ ଚିହ୍ନି ନାହୁଁ ଗଉରୀ ?

ଚିହ୍ନିବା ଦରକାର ନାହିଁ । ଲୋକେ କହୁଚନ୍ତି—

ଲୋକେ କହୁଚନ୍ତି ବୋଲି ତୁ କଣ ଭାବୁ ସେ ସବୁ ଠିକ ବୋଲି ?

ମୁଁ ସିନା ଜାଣେ ତମେ ଭଲ ବୋଲି, କିନ୍ତୁ ଲୋକେ ସେ କହୁଚନ୍ତି ।

ମୁଁ ବଡ ନା ଲୋକେ ବଡ ? ଲୋକେ କାହ୍ନୁଚନ୍ଦ୍ର ବୋଲି ମୁଁ ତ ଆଉ ତାଙ୍କ ପାଟିରେ ହାତ ଦେଇ ପାରିବ ନାହିଁ ! ଗଉରୀ ତୁ କଣ ମତେ ଆଜଯାଏ ଚିହ୍ନି ପାରିଲୁ ନାହିଁ ? ସନ୍ତୋଷ କହିଲା ମୁଁ ଖରାପ, ଆଉ ପାଞ୍ଚ ଜଣ କହିଲେ ମୁଁ ମଦ ଖାଏ, ମୁଁ ବେଶ୍ୟାସକ୍ତ, ତୁ କପରି ବିଶ୍ୱାସ କରୁଚ ଏହାକୁ ? ଗଉରୀ, ମୁଁ ତତେ କେତେ ଭଲପାଏ ! ତତେ ଯେତେ ଭଲପାଏ ମୋ ସାନ ଭଉଣୀକୁ ବି ସେତେ ଭଲପାଉ ନ ଥିବି । ତୋର କଣ ଶେଷରେ ଏହା କହିବାକୁ ଥିଲା ? ତୁ କଣ ଏ ମିଥ୍ୟାରେ ବିଶ୍ୱାସ କରୁ ?

ଗଉରୀ ଆଉ ଥରେ କାନ୍ଦି ଉଠିଲା । କହିଲା, ମୁଁ ବିଶ୍ୱାସ କରେନି ଜମା । କିନ୍ତୁ ଲୋକଙ୍କର ଏଇ କଥାକୁ ମୁଁ ଭାରି ଭୟକରେ ।

ଆଉ ସେଇଥିପାଇଁ ତୁ ଚାହୁଁଛୁ ମୁଁ ଆଉ ଏଠିକି ଯେପରି ନ ଆସେ !

ନା, ନା, ମୁଁ କଣ କରିବି କିଛି ଠିକ୍ କରି ପାରୁନି କାହ୍ନୁ ଭାଇ । ସେତିକିବେଳୁ ମୋ ମୁଣ୍ଡ ଯେମିତି ଖରାପ ହୋଇ ଯାଇଚି । ଭାଇ ! କି ବୀଭତ୍ସ ଏଇ ଲୋକଗୁଡାକ । କି କଦର୍ଯ୍ୟ ସେମାନଙ୍କର ବ୍ୟବହାର ! କି କୁତ୍ସିତ ସେମାନଙ୍କର କଥା !

କାହ୍ନୁ ଗଉରୀର ଅଳକ ସଜାଡ଼ି ଦେଇ ଦେଇ କହିଲା, ଗଉରୀ ସମସ୍ତେ ସେପରି ନୁହଁନ୍ତି ଲୋ । ଏମାନେ ମଣିଷ ନୁହନ୍ତି । ମଣିଷ ଏପରି ଖରାପ ହୋଇ ନ ପାରେ, ମନୁଷ୍ୟ ଏପରି ବୀଭତ୍ସ ହୋଇ ନ ପାରେ । ଏମାନେ ସଇତାନ । ମାନବରୂପୀ ସଇତାନ । ଏମାନଙ୍କ ଧ୍ୱଂସରେ ଯାଇଁ ମାନବ ଜାତିର କଲ୍ୟାଣ ! ମାନବିକତାର ଚିଣ୍ଡି ଚିରି ମାରିଦେବେ ଏମାନେ । ମାନବିକତାର ପତାକା ଉଡ଼ୁଚି । ସେଇ ପତାକା ତଳେ ସମସ୍ତଙ୍କୁ ଏକଜୁଟ ହେବାକୁ ହେବ । ସମସ୍ତଙ୍କୁ ସତ୍ୟର ପ୍ରତିଷ୍ଠା ପାଇଁ, ସୁନ୍ଦରର ଉଦ୍ଧାର ପାଇଁ ଶିବର ରକ୍ଷା ପାଇଁ

ଶପଥ ନେବାକୁ ହେବ । ତାପରେ ସମାଜର, ମାନବ ଜାତିର ଏଇ ଶତ୍ରୁମାନଙ୍କ ବିରୁଦ୍ଧରେ ଆରମ୍ଭ ହେବ ଅଭିଯାନ । ଏଇ ସୟତାନ-ମାନଙ୍କୁ ସମୂଳେ ଧ୍ୱଂସ କରିବାକୁ ହେବ, ସମୂଳେ ନଷ୍ଟ କରିବାକୁ ହେବ । ଏମାନଙ୍କଠାରେ ସୁଗୁଣ ଥାଇପାରେ, ତଥାପି ଏମାନେ ସୟତାନ । ସୟତାନ ଠାରେ ସୁଗୁଣ ଥିଲେ ବି ତାହା ଦୁର୍ଗୁଣ ହୋଇଯାଏ । ଏ ସୟତାନ ହୋଇପାରନ୍ତି ଆମଠାରୁ ଶକ୍ତିଶାଳୀ, ତଥାପି ଆମକୁ ସେମାନଙ୍କ ବିରୁଦ୍ଧରେ ନିର୍ଭୀକ ଅଭିଯାନ ଚଳାଇବାକୁ ପଡ଼ିବ । ଧ୍ୱଂସ କରିବାକୁ ପଡ଼ିବ । ତା ନ ହେଲେ ଏ ମାନବ ସମାଜର ମୁକ୍ତି ହୋଇ ପାରିବ ନାହିଁ । ଯେତେଦିନ ଯାଏ ଏମାନେ ଏ ପୃଥିବୀରେ ନିଶ୍ୱାସ ଗ୍ରହଣ କରୁଛନ୍ତି, ଯେତେଦିନ ଯାଏ ଏମାନେ ସମାଜରେ ପ୍ରତିଷ୍ଠା ଲାଭ କରିଛନ୍ତି ସେତେଦିନ ଯାଏ ସମାଜର ମଙ୍ଗଳ ହୋଇ ନପାରେ, ମଣିଷ ସୁନ୍ଦର ହୋଇ ନ ପାରେ—

ଗଉରୀ କହିଲା, ଭାଇ, ସେ ସବୁ ବଡ଼ କଥା, ମୁଁ କିଛି ବୁଝିପାରୁ ନାହିଁ । କିନ୍ତୁ ତମେ ସେପରି ଖରାପ ଜାଗାରେ ଚାକିରୀ କରିଛ କାହିଁକି ଶୁଣେ ? ତମକୁ କଣ ଆଉ ଚାକିରୀ ମିଳୁନ ? ସେଠୁ ଚାଲି ଆସ । ସେଭଳି ଲୋକଙ୍କ ପାଖରେ ଚାକିରୀ କରିବା ଉଚିତ୍ ନୁହେଁ ।

କାହ୍ନୁ ଚାଲି ଆସିଲା । ସନ୍ତୋଷ, ବନ୍ଧୁ ସନ୍ତୋଷ, ଆଶ୍ରୟଦାତା ସନ୍ତୋଷ କି ଖରାପ ! ନା ଏହାର ଉତ୍ତର ଦେବାକୁ ପଡ଼ିବ । ସନ୍ତୋଷ ବଡ଼ଲୋକ ହୋଇପାରେ, ସନ୍ତୋଷ ବନ୍ଧୁ ହୋଇପାରେ, ସନ୍ତୋଷ ଆଶ୍ରୟଦାତା ହୋଇପାରେ, ପୃଥିବୀର ଭଗବାନ ହୋଇ ପାରେ, ତାକୁ ଶିକ୍ଷା ଦେବାକୁ ହେବ । ତାକୁ ଶିଖାଇ ଦେବାକୁ ହେବ, ଗରୀବର ଧନ ନଥାଇ ପାରେ, ସୌନ୍ଦର୍ଯ୍ୟ ନଥାଇ ପାରେ, ମର୍ଯ୍ୟାଦା ନଥାଇ ପାରେ କିନ୍ତୁ ସମ୍ମାନ ଅଛି, ମନୁଷ୍ୟତା ଅଛି । ସେ

ମଣିଷ । ଗରିବ ହେବା ପାପ ନୁହେଁ । ଆଶ୍ରୟହୀନ ହେବା ଦୋଷ ନୁହେଁ ।

ସନ୍ତୋଷ ତ୍ରଇଁ ରୁମରେ ବସିଥିଲା । କାହ୍ନୁ ଯାଇ ଗୋଟାଏ କାଉଚ୍ ଉପରେ ବସି ପଡ଼ିଲା । କିଛି ସମୟ ନୀରବରେ କଟିଗଲା । ସନ୍ତୋଷ ପ୍ରଥମେ କହିଲା, କେଉଁଦିନ ଆସିଲୁ ?

ଆଜି ସକାଳେ ।

ଶୁଣିଚୁ ତମ ଗଉରୀଙ୍କ ଗୁଣ ?

ଶୁଣିବା ଦରକାର ନାହିଁ ।

ଶୁଣିଚୁ ତା ହେଲେ । ମୁଁ ଶୋଇଚି, ରାତି ଅଧ, ହଠାତ୍ ନିଦ ଭାଙ୍ଗିଗଲା । ଉଠି ଦେଖେ ତ ଗଉରୀ ମୋ ବିଛଣାରେ, ଛି—

ସନ୍ତୋଷ !

ତୁ ସେଠିକି କାହିଁକି ଯାଉଚୁ ଶୁଣେ—

ଶୁଣିବା ଦରକାର ନାହିଁ, ଚୁପ୍ କର ! ଭଦ୍ରତା ଆଉ କାହା ପାଖରେ ଦେଖାଇବୁ । ମୁଁ ତତେ କେବେ କହିଥିଲି, ମୁଁ ଗଉରୀକୁ ଭଲପାଏ ? ମିଥ୍ୟାବାଦୀ !

ଓ ! ତା ହେଲେ ଘରୁ ଫେରି ଶ୍ରୀଆନ୍ତାଣୀଙ୍କ ସଙ୍ଗେ ଦେଖା ହୋଇ ଯାଇଚି !

ଏପରି କଥା କହିଲା ବେଳକୁ ତୋ ଜିଭ ପୋଡ଼ିଗଲାନି ?

ଏଇଟା ସତ୍ୟଯୁଗ ନୁହେଁ । ତାପରେ ମୁଁ ତ କିଛି ମିଛ କହିନି !

ନାଇଁ ଖାଲି ସତ କହୁଚୁ !

ସତ କହୁ ନାହିଁ ? ତୁ ସେଠିକି କାହିଁକି ଯାଉଚୁ ଶୁଣେ ? ଗଉରୀ ତୋର କିଏ ? ତା ପ୍ରତି ତୋର ଏତେ ସହାନୁଭୂତି କାହିଁକି ? ମୁଁ ପିନା ମିଛ କହୁଚି, ଆଉ ଦଶଜଣଙ୍କୁ ପଚାରିଲୁ । ସେମାନେ

କଣ କହୁଛନ୍ତି ! ସେମାନେ ସମସ୍ତେ କଣ ମିଛୁଆ ? ବାଙ୍ଗା ସନ୍ତୋଷ ତୁ ଆଜି ସତ୍ୟବଡ଼ ଗଡ଼ିଗ୍ ।

ସନ୍ତୋଷ ! ବନ୍ଧୁ ବୋଲି ତତେ ଆଜ କ୍ଷମା ଦେଲି, ନ ହେଲେ—

ନ ହେଲେ କଣ କରିଥାନ୍ତୁ ଶୁଣେ ?

କଣ କରିଥାନ୍ତି ? ଆଜି ତତେ ଏଇଟି ହତ୍ୟା କରିଥାନ୍ତି !

ହାଃ–ହାଃ–ହାଃ– ପ୍ରେମିକା ପାଇଁ ନିଜ ଜୀବନକୁ ତ ବେଶ୍ ପାଣି ଛଡ଼ାଇ ପାରୁ କାହ୍ନୁ ! ଘରେ ଖାଇବାକୁ ନାହିଁ । ବାପା କରଜରେ ବୁଡ଼ିଲେଣି । ପୁଅଙ୍କର ବାଳଗି ଦେଖ ! ଗୋଟାଏ ବନ୍ଧିବାକୁ ନେଇ ଚାଲିଚି କୁସୁମ୍ବାଳା ! କମ ରସିକ ତ ନୁହଁ ବାବୁ !

କାହ୍ନୁ କାଉର ଗୁଡ଼ ଠିଆହେଲା, କହିଲା, ସନ୍ତୋଷ ସାବଧାନ ! ଧନ ଗର୍ବରେ ଭାବନା ଯେ ତୁ ଯେତେ ଅନ୍ୟାୟ କଲେ ମଧ୍ୟ ତୋର ସବୁବେଳେ ବିଜୟ ହେବ । ମନେରଖ, ଯେଉଁ ଦିନ ହେଲେ ମୁଁ ଏହାର ପ୍ରତିଶୋଧ ନେବି, ନେବି, ନେବି !

ସନ୍ତୋଷ ହାଃ-ହାଃ–ହାଃ ହୋଇ ହସି ଉଠିଲା । କାହ୍ନୁ ଦୁଆର ବନ୍ଦ କରି ବାହାରକୁ ଆସିଲା । ଆଗରେ ସୁମିତ୍ରା । ସୁମିତ୍ରା ବାଟ ଅଟକାଇ କହିଲା, କଣ ହୋଇଚି, ଏପରି କାହିଁକି ହେଉଚି ?

କାହ୍ନୁ କହିଲା, ବାଟ ଛାଡ଼ ସୁମି ।

ଶୁଣ, କଥା କଣ ?

କାହ୍ନୁ ସୁମିତ୍ରାକୁ ଠେଲି ଦେଇ ବାହାରକୁ ଚାଲି ଆସିଲା । ସନ୍ତୋଷର ହସ ବନ୍ଦ ହୋଇ ନ ଥାଏ । କି ତୀବ୍ର ସେ ହସ, କି କୁତ୍ସିତ ସେ ହସ !

ରାସ୍ତା ଉପରକୁ ଆସିଲା କାହ୍ନୁ । ଦୁଇ ଦିଗକୁ ରାସ୍ତା ଲମ୍ବି ଯାଇଚି । କେଉଁଆଡ଼କୁ ଯିବ କାହ୍ନୁ ? ଗୋଟାଏ ଚାକିରି ଦରକାର । ତା ନ ହେଲେ ଚଳିବ ବା କେମିତି !

ଆକାଶରେ ମେଘମାଳା ଭାସି ବୁଲୁଚି । ମେଘର ଦୋଳନ କି ସୁନ୍ଦର ଦେଖାଯାଉଚି । ଥଣ୍ଡା ପବନ ବହୁଚି । ନିକଟରେ ବର୍ଷା ହୋଇପାରେ । କେଉଁଆଡ଼କୁ ଯିବ ? ଭୋକ ହେଲାଣି । କାଲି ରାତି ଯାଏ ଉପବାସ । ଆଜି ସକାଳେ ବି କିଛି ଖିଆ ହୋଇ ନାହିଁ । ମରିଗଲେ ହୁଏତ ଏ ଦୁଃଖରୁ ଶାନ୍ତି ମିଳନ୍ତା । କିନ୍ତୁ ମୃତ୍ୟୁର ସେ ତୁଷାରଧବଳ ଅଙ୍କ କାହିଁ ? କାହିଁ ସେଇ ଶାନ୍ତିପ୍ରଦ ପ୍ରଶାନ୍ତ ମୃତ୍ୟୁ ?

ଆଗରେ ରାଧାର ଘର । ଚାକିରି ପାଇଁ ଚେଷ୍ଟା କଲେ ମନ୍ଦ କଣ ! ରାଧାର ସ୍ୱାମୀ ସରକାରୀ ଅଫିସର । ସେ ଇଚ୍ଛା କଲେ ଯେ କୌଣସି ଚାକିରି ଦେଇ ପାରନ୍ତି ହୁଏତ ।

ରାଧାର ସ୍ୱାମୀ ଅଫିସକୁ ଯିବାକୁ ବାହାରିଥିଲେ । କାହ୍ନୁ ଯାଇ ନମସ୍କାର ହେଲା ।

କଣ ଦରକାର ?

ଚାକିରି ।

ଚାକିରି କଣ ଏତେ ଶସ୍ତା ? କଣ ପାଶ କରିଚ ?

ଆଇ. ଏ. ପ୍ଲକ୍‌ଡ଼୍...

ପ୍ଲକ୍‌ଡ଼ କ୍ୱାଲିଫିକେସନ ନୁହେଁ ।

ତେବେ ମାଟ୍ରିକ ।

ମାଟ୍ରିକ୍ ! ହୋପ୍‌ଲେସ୍, ମାଟ୍ରିକ କ୍ୱାଲିଫିକେସନ ନୁହେଁ !

ଟାଇପ୍ ରାଇଟିଂ ଜାଣେ ।

ରାଧା ଆସିଲା । ଆରେ କାହ୍ନୁ ଭାଇ ଯେ ।

ଏ ତମର ଭାଇ ? କଦମ୍ବ ଫୁଲ ପରି ବାଳ, ଚିରା କାମିଜ, ଛିଣ୍ଡା ଚଟି, ଏ ପୁଣି ତମର ଭାଇ ! ଆହା, ହା !

ଭଲ କରି ଦେଖ ଗୋ ଭ୍ରାତାଙ୍କ ବଦନ,
ଉପକାରୀ ପୁରୁଷ ଅଟନ୍ତି ଏ ଜନ ।

ରାଧା କହିଲା, ଛି, ସବୁବେଳେ ଥଟ୍ଟା କଣ ।

ମୋର ଯେ ଥଟ୍ଟା—ଆସିଚନ୍ତି ଏ ଚାକିରୀ ପାଇଁ । କି ଚାକିରୀ କରିବେ ଏ ? ମାଟ୍ରିକ୍ ପାଶ କରିଚନ୍ତି । ମାଟ୍ରିକଙ୍କୁ କିଏ ପଚାରେ ? ମୋ ଡ୍ରାଇଭର ତ ମାଟ୍ରିକ ପାଶ କରିଚି । ଆଗୁ ଅଫିସ ଏକ୍ସ-ପିରିଏନସ ଅଛି ?

ଅଛି ।

କେଉଁ ଅଫିସରେ କାମ କରୁଥିଲ ?

ସନ୍ତୋଷ ବାବୁଙ୍କ ପ୍ରାଇଭେଟ ସେକ୍ରେଟରୀ ଥିଲି ।

ସନ୍ତୋଷ ବାବୁ, କୋଉ ସନ୍ତୋଷ ବାବୁ ? ହୋ ହୋ, ମନେ ପଡ଼ିଲା, ଏଁ, ତମେ ସେଠି କାମ କରୁଥିଲ ? ତମ ନାଁ କଣ ତ ?

କାହ୍ନୁ ଚରଣ ।

କାହ୍ନୁ ଚରଣ ତମେ ? ଅନେକ ଦିନଠୁ ନାଁ ଶୁଣିଥିଲି କିନ୍ତୁ ଦେଖିବାର ସୁଯୋଗ କେବେ ମିଳି ନ ଥିଲା ! ଯାହା ହେଉ ଦେଖା ମିଳିଲା । ଭାରି ସୌଭାଗ୍ୟ ମୋର !

ଯଦି ଗୋଟାଏ ସର୍ଭିସ ଦେଇ ପାରନ୍ତେ !

ନିଶ୍ଚୟ, ତମକୁ ମିଳିବନି ତ ଆଉ କାହାକୁ ମିଳିବ ? ଏପରି ଚରିତ୍ରବାନ ଲୋକଙ୍କ ପାଇଁ ସରକାରୀ ଚାକିରୀ ନାହିଁ ।

କିଏ କହିଲା ମୁଁ ଚରିତ୍ରହୀନ ?

କିଏ କାହିଁକି କହିବ ? ଆହା କେତେ ବଡ଼ କଥାଟାଏ କହି ପକାଉଚ ! ଚରିତ୍ରବାନ ସୁଚରିତ୍ର ପୁରୁଷର ଆଦର୍ଶ ତମେ ! ରାଧା, ତମେ ନା କହୁଥିଲ ସେଦିନ ତମର ଏଇ ଭାଇଙ୍କ କଥା ଯିଏ ଗୋଟାଏ ବଧିବାକୁ ରଖିଛନ୍ତି !

କାହ୍ନୁ ରାଧା ମୁହଁକୁ ଚାହିଁଲା । ରାଧାର ମୁହଁ ଲଜ୍ଜାରେ ଲାଲ ହୋଇଗଲା । ତଳକୁ ମୁହଁ କରି ରାଧା କହିଲା, ମୁଁ କେଉଁ ଦିନ କହିଥିଲି ?

ନା, ତମେ କାହିଁକି କହିବ ? ଓଃ ଭାଇ ପରା ! ସେଥିପାଇଁ ଡର ଲାଗୁଚି । ଏପରି ଛତରଖିଆକୁ କେଉଁଦିନ ଭାଇ କଲମ ? ଚରିତ୍ରହୀନ ମଦ୍ୟପ, ମିː ଏଲ୍ː କାନୁନଗୋ ଏମ୍. ଏସ୍. ସି. ଙ୍କ ସ୍ତ୍ରୀଙ୍କ ଭାଇ ହୋଇପାରେ ? ମିଛ, ମିଛ ! ମୁଣ୍ଡରେ କଦମ୍ବ ଫୁଲ ପରି ବାଳ, ଆଖି ଦିଟା ବଡ଼ ବଡ଼, କାନ ଦିଟା ହାତୀ କାନ ପରି, ନାକଟା ଚେପଟା, ଦାନ୍ତ ବାହାରିଚି, ଏଇ ପୁଣି ମୋର—ହାଃ—ହାଃ—ହାଃ, ପଙ୍ଗପାଳ ! ସର୍ଭିସ ! ଲାଜ ମାଡୁନି ?

ରାଧାର ପୁଅ ମଣ୍ଟୁ ଏଇ ସମୟରେ ଆସିଲା । କହିଲା, ବାପା !

କଣରେ ?

ପକେଟ ଦେଖା ।

ଛି, ମୁଁ ପରା ଅଫିସ ବାହାରିଚି ।

ନା ଦେଖା !

ଛି ମୋ ସୁନାଟି ପରା ।

ନା ଦେଖା, ନ ଦେଖେଇଲେ ଆଜ ଖାଇବନି କହୁଚି ।

ହଉ ଏଇ ପକେଟ ଦେଖଉଚି, ଅଳ୍ପ ପରୀକ୍ଷା କରିବୁ ! ନ ହେଲେ ସବୁ ଓଦା ହୋଇଯିବ ଯେ ।

ହଠାତ୍ ବର୍ଷା ଆରମ୍ଭ ହୋଇଗଲା । କାହ୍ନୁ ନମସ୍କାର ହୋଇ କହିଲା, ଆଜ୍ଞା ମୁଁ ଆସେ ତେବେ ।

ରାଧା କହିଲା, ବର୍ଷାରେ ?

ପଙ୍ଗପାଳଙ୍କର ଖରା ଯାହା ବର୍ଷା ତାହା ।

କାହ୍ନୁ ବର୍ଷାରେ ବାହାରକୁ ବାହାରି ଗଲା । ରାଧା ଡାକୁଥାଏ କାହ୍ନୁ ଭାଇ, କାହ୍ନୁ ଭାଇ !

ଓଃ, କି ଶୀତ ହେଉଚି ! ରିକ୍‌ସାଟାଏ କଲେ ହୁଅନ୍ତା । କିନ୍ତୁ ପଇସା ନାହିଁ ଯେ । ଏଇ ହୋଟେଲର ବାରଣ୍ଡାକୁ ଉଠିଗଲେ ହୁଅନ୍ତା ।

ହୋଟେଲର ବାରଣ୍ଡାକୁ ଉଠି ଠିଆ ହେଲା କାହ୍ନୁ । ଓଦା ମାଟିର ସ୍ନିଗ୍ଧ ବାସନା ଭସି ଆସୁଚି । ହୋଟେଲ ଭିତରୁ ମାଂସ ଝୋଳର ସୁସ୍ୱାଦୁ ଗନ୍ଧ ଆସୁଚି । ଏ ଥଣ୍ଡାରେ ଯଦି କପେ ଚା ଅନ୍ତତଃ ମିଳି ପାରନ୍ତା, କିମ୍ବା ସିଗାରେଟ କେତେ ଖଣ୍ଡ । କାମିଜ ଲୁଗା ସବୁ ଓଦା ହୋଇ ଯାଇଚି । ଖଣ୍ଡେ ସିଗାରେଟ ! ପକେଟରେ କାଲି ଠାରୁ ରହିଚି ଖଣ୍ଡେ ସିଗାରେଟ । ସିଗାରେଟ ବାହାର କଲା କାହ୍ନୁ । ବର୍ଷାରେ ଓଦା ହୋଇ ନଷ୍ଟ ହୋଇ ଯାଇଚି ।

ଆସନ୍ତୁନା ଭିତରକୁ !

ନାଇ, ଏଇଠି ଛିଡା ହୋଇଚି !

ଆସନ୍ତୁନା, ବାହାରେ ବଡ ଥଣ୍ଡା ।

ନା ଓଦା ହୋଇଚି, ଭିତରକୁ ଗଲେ ବି ଥଣ୍ଡା ଲାଗିବ ।

ତଥାପି ଏ ବାରଣ୍ଡାଠାରୁ କିଛିଟା ଗରମ ହେବ ।

ଦରକାର ନାହିଁ, ଧନ୍ୟବାଦ !

ଏଇ ଆସନ୍ତୁନା ମାଂସ ଫ୍ରାଏଡ୍ ହୋଇଚି—

ଦରକାର ନାହିଁ ।

ଗରମ ପୁରି, ତରକାରି—

ଦରକାର ନାହିଁ, ବିଶେଷ ଧନ୍ୟବାଦ !

ଅନ୍ତତଃ କପେ ଚା ।

ଚା ମୁଁ ଖାଏ ନାହିଁ ।

ତାହେଲେ—ତାହେଲେ ଅନ୍ତତଃ—

ପଇସା ମୋଟେ ନାହିଁ ପାଖରେ ।

କି ଅଭଦ୍ର ଏଇ ଲୋକ ଗୁଡ଼ାକ ! ମଣିଷକୁ ଭାବିବାକୁ ବି ସମୟ ଦେବେନି । ନା, ଏଠି ଠିଆ ହେଲେ ଚଳିବନି । କାହ୍ନୁ ହୋଟେଲ ବାରଣ୍ଡାରୁ ତଳକୁ ଓହ୍ଲାଇଲା । ବର୍ଷା ପୂର୍ବ ପରି ଚାଲିଚି ।

ଗଉରୀ ଘର ପାଖରେ । ନା, ଗଉରୀ ଘରକୁ କାହିଁକି ବା ଯିବ ? ବସାକୁ ଚାଲିଗଲେ ଭଲ ହେବ । ଗଉରୀ, ସେ କିଏ ନିଜ ଭଉଣୀ ? ତେବେ ଅନ୍ୟ ପାଇଁ ଏତେ ଦୁଃଖ ଭୋଗ କରିବ କାହିଁକି ? ନା, ଆଜି ଗଉରୀ ଘରକୁ ଯିବନି । ସେ ଯିବା ଆଗରୁ ଗଉରୀ ତ ଚାଲୁଥିଲା ପୁଣି ! ସେ ଆଜି ନ ଗଲେ ଗଉରୀ ବି ରହିବ । ସେ ଯିବା ଦ୍ୱାରା ଦୁଇ ପକ୍ଷର କ୍ଷତି । କି ଦୁର୍ନାମ, ନିନ୍ଦା, ଅପବାଦ ! ମିଥ୍ୟା ସତ୍ୟ ରୂପେ ଠିଆ ହୋଇଛି । ରାଧା, କି ନିର୍ମମ, କି ନିଷ୍ଠୁର ! ଦିନେ ସେ ଥିଲା ଅନ୍ତରର ଆରାଧ୍ୟା ଦେବୀ, ଦିନେ ସେ ଥିଲା ମନର ମାନସୀ, ସେ ପୁଣି ଆଜି ତା ବିରୁଦ୍ଧରେ ଏତେ କଥା କହିବାକୁ ସାହସ କଲା କିପରି ? ଗଉରୀ ରାଧାକୁ କେତେ ଭଲ ପାଉ ନ ଥିଲା ! ତା ନାଆଁରେ ପୁଣି ଏ ଅପବାଦ ? ଗୋଟାଏ ପିସ୍ତଲ ଯଦି ଥାଆନ୍ତା ! କିମ୍ବା ଗୋଟାଏ ତୀକ୍ଷ୍ଣ ଛୁରୀ ! ଇସ୍ ମଟରଟାଏ ଚାଲିଗଲା । ରାସ୍ତା ଉପରେ ଜମି ଥିବା ନାଳ ପାଣି ଆସି ଦେହ ସାରା ହୋଇଗଲା । ଇସ୍ ସବୁ ଗେରୁଆ ହୋଇ ଯାଇଚି ! ଭୋକ ହେଉଚି । ପାଦରୁ ଚଳନ ଶକ୍ତି କିଏ ଯେପରି କାଢ଼ି ନେଇଚି । ଆଉ କେତେ ଦୂର ? ଉଃ, ଏ ପଥର ଶେଷ ନାହିଁ ଯେପରି !

ଛାତରୁ ପାଣି ଝରୁଚି । ବିଛଣା ଓଦା ହୋଇଗଲାଣି । ବିଛଣାକୁ ଗୋଟାଇ ଗୋଟାଏ କଣକୁ ରଖିଦେଲା କାହ୍ନୁ । ଓଦା ଲୁଗା ବଦଳାଇ ପକାଇଲା । ସପଟା ଗୋଟାଏ କଣକୁ ପକାଇ ଶୋଇଲା । କିନ୍ତୁ ନିଦ ଆସୁନି ଜମା । ପେଟରେ ଭୋକ, ନିଦ ଆସିବ କେଉଁଠୁ ?

ବାହାରେ ବର୍ଷା ଅବିରାମ ଗତିରେ ଚାଲିଚି । ଆକାଶର ବକ୍ଷ ଚିର ବର୍ଷା ଝରୁଚି, ନା, ଆକାଶର ଆଖିରୁ ଲୁହ ଝରୁଚି ? ଆକାଶ କାନ୍ଦୁଚି । କେଉଁ ଏକ ବ୍ୟଥା ମ୍ଳାନ ବିଦାୟର ରୂପ ନେଇଚି ବର-ଷାର ଏଇ ଧାରାରେ । ଅତୀତର କରୁଣ ସ୍ମୃତି ମନେ ପଡୁଚି ହୁଏତ ।। ସେଦିନ ଥିଲା ହୃଦୟର ମାନସୀ ପ୍ରିୟା, ସେଦିନ ଥିଲା କଳରବ ମୁଖରିତ ରଜନୀ, ଥିଲା ଶତ ଶତ ପ୍ରଣୟାସିକ୍ତ ମୁହୂର୍ତ୍ତ, କିନ୍ତୁ ଆଜି ନାହିଁ ସେଦିନର ପ୍ରିୟା, ମନର ମାନସୀ, ହୃଦୟର ଆରାଧ୍ୟା ଦେବୀ । ସେ ଦିନର ପ୍ରଣୟ ଯେଉଁ ଜୀବନକୁ ମୁଖରିତ କରି ତୋଳିଥିଲା, ଆଜି ସେଇ ପ୍ରଣୟର ସ୍ମୃତି ଜୀବନର କଳରବକୁ ହତ୍ୟା କରିଚି ଅତି ଅମାନୁଷିକ ରୂପେ । ପ୍ରିୟା ପଳାଇଚି ନା, ହୁଏତ ବନ୍ଦିନୀ କାର ନିଷ୍ଠୁର ପାଷାଣ କାରାରେ । ଆକାଶ ଗାଉଚି ତାର ବ୍ୟର୍ଥ ପ୍ରଣୟର କଥା, ଯେ ତାର ସମସ୍ତ ଆନନ୍ଦ ଅପହରଣ କରିଚି ସେଇ ବ୍ୟର୍ଥ ପ୍ରଣୟର କଥା—କି କରୁଣ, କି ମର୍ମନ୍ତୁଦ ସେ ଗାନ, ନିରାଶାର ଗାନ, ବ୍ୟର୍ଥତାର ସଙ୍ଗୀତ ! ଜୀବନରେ ସବୁଠାରୁ ମର୍ମନ୍ତୁଦ ଏଇ ବ୍ୟର୍ଥତା, ଯାହା ଜୀବନକୁ ସୁନ୍ଦର କରେ ନାହିଁ ଅଥଚ ମ୍ଳାନ କରେ, ଆଲୋକ ଦିଏ ନାହିଁ, ଅଥଚ ଦହନ କରେ ।

ହୃଦୟର ଅଶାନ୍ତ ନୀରବ ଚିତ୍କାର ଦେହର ପ୍ରତି ଅଣୁ ପରମାଣୁ ଭେଦ କରୁଚି ଯେପରି । ପ୍ରାଣର ଏ ଅଶାନ୍ତ ଅନ୍ତରର ଏ ନୀରବ କ୍ରନ୍ଦନ କାହା ଆଗରେ କହିବ ? କିଏ ଜାଣୁଚି ହୃଦୟର ଏ ଚିତ୍କାର ? ପ୍ରାଣର ଏ ଆକୁଳ ନିବେଦନ ? ଚତୁର୍ଦ୍ଦିଗର ଅଶାନ୍ତ କୋଳାହଳ ମଧ୍ୟରେ ହଜି ଯାଇଚି ଜୀବନର ଦୁଃଖ, ପ୍ରାଣର ଅଶ୍ରୁଳ ନିବେଦନ !

କାହାପାଇଁ ଏ ଯନ୍ତ୍ରଣା ? କାହା ପାଇଁ ଏତେ ଦୁଃଖ ? ଗଉରୀ, ଗଉରୀ ଏତେ ଦୁଃଖ ପାଇଁ ଦାୟୀ । ଗଉରୀ ପାଇଁ ସୁକାନ୍ତ

ଗଲା । ଆଉ ଗୃହକର୍ମ ମିଳିବ କି ନାହିଁ କିଏ ଜାଣେ ? କେତେ ଦିନ ଉପବାସ ରହିବାକୁ ପଡ଼ିବ କିଏ ଜାଣେ ? ଗରିବ ମରିଯାନ୍ତା ହେଲେ ! ଛି, ଛି, ଗରିବ କଣ ଏଥି ପାଇଁ ଦାୟୀ ! ସେ ନିଜେ ଦାୟୀ ! ଗରିବ କଣ ତାକୁ ଯିବାକୁ କହିଥିଲା ତା ଘରକୁ ? ସେ ତେବେ କାହିଁକି ଗଲା ? ଓଃ ଯନ୍ତ୍ରଣାରେ ଦେହ କଣ ହୋଇ ଯାଉଚି ଯେପରି ! ଭଗବାନ ଏପରି ଦୁଃଖ ଆଉ କାହାକୁ ନଦିଅ ! ଆଃ—କି ଯନ୍ତ୍ରଣା !

ସନ୍ତୋଷକୁ କ୍ଷମା ମାଗିଲେ ସେ କଣ କ୍ଷମା ଦେବ ନାହିଁ ? ସେ ପୁଣି କଣ ଗୃହକର୍ମ ଦେବନି ? ନା, ଆଜି ଯାଇ କ୍ଷମା ମାଗିବାକୁ ପଡ଼ିବ । ଗରିବ ପକ୍ଷରେ ମାନ ଅଭିମାନ କଣ ? ବଡ଼ ଲୋକଙ୍କୁ ସାଜେ ସେ ସବୁ । ସନ୍ତୋଷ ହୁଏତ ଗାଳି ଦେବ, ମାରିବ । ବେଶ୍ ମାରୁ, ଗାଳି ଦେଉ, ଅପମାନ ଦେଉ କ୍ଷତି କଣ ? ଗରିବର ମାନ ଅଭିମାନ କଣ ? ଓଃ ପେଟରୁ ଗୋଟାଏ ଯନ୍ତ୍ରଣା ବାହାରୁଚି । ଅସହ୍ୟ ଏ କ୍ଷୁଧା, ଅସହ୍ୟ ଏ ଯନ୍ତ୍ରଣା । କାହ୍ନୁ ପିଲାଙ୍କ ପରି ଯନ୍ତ୍ରଣାରେ କାନ୍ଦି ଉଠିଲା ।

* * * * *

ବାହାରେ ଛାୟାମ୍ଳାନ ଆସନ୍ନ ଗୋଧୂଳି । ଆକାଶ ପରିଷ୍କାର ହୋଇ ଯାଇଚି । କେତେ ସମୟ ଶୋଇପଡ଼ିଲା କାହ୍ନୁ ।

ସନ୍ତୋଷ ଚା ଖାଉଥିଲା । କାହ୍ନୁ ଯାଇ ବସିଲା ଗୋଟାଏ କାଉଚ୍ ଉପରେ ।

ପୁଣି ଆବିର୍ଭାବ ହେଲ ଯେ !

ମୋର ଦୋଷ ହୋଇଚି ।

ତା ପରେ ?

କ୍ଷମା ମାଗୁଚି ।

ତା ପରେ ?

ସୁକାନ୍ତ—

ଓଃ ଖୁବ୍ ଶୀଘ୍ର ଚେତନା ଫେରିଲା ତେବେ ।

କାନ୍ତୁ ସନ୍ତୋଷର ହାତ ଧରି କାନ୍ଦି କାନ୍ଦି କହିଲା, ହଁ ଭାଇ ଫେରିଆସିଚି, ଫେରି ଆସିଚି ବିଜୟୀ ଭାବରେ ନୁହେଁ, ବିଜିତ ଭାବରେ । ମୋର ପରାଜୟ ହୋଇଚି । ଶରୀରର ବିଜୟ କେଉଁଦିନ ହେଲେ ହୁଏ ନାହିଁ ।

ଗୁ’ ଖାଇବୁ ?

ହଁ, ଭାଇ ଭାରି ଭୋକ ହେଉଚି, କାଲି ଠାରୁ କିଛି ଖାଇ ନାହିଁ । ମରିଯିବି ମୁଁ, ମତେ ବଞ୍ଚାଅ; ମତେ ବଞ୍ଚାଅ—

ଆଉ ତମ ଗଉରୀ ?

ତା କଥା ମତେ କହ ନାହିଁ ।

କଣ ବିତୃଷ୍ଣା ଆସିଗଲାଣି ?

ସନ୍ନ୍ୟାସ !

ପୁଣି ଭାଗିବାକୁ ଚେଷ୍ଟା କରୁଚୁ ନା କଣ ?

ନା, ତଥାପି ଯାହା ଯାଇଚି, ଯାଇଚି । ପୁଣି ପଚ୍ଛ କଥାକୁ ମନେ ପକାଇଲେ ଲାଭ ବା କଣ ? ସେ କଥା ମତେ ଆଉ କହ ନାହିଁ । ପୁରୁଣା ମରିଯାଇଚି । ନୂଆ କଥା କହ ।

ଆଚ୍ଛା ଛାଡ଼ ସେ କଥା, ତେବେ କାଲି ଠାରୁ ତୋ ପୋଷ୍ଟରେ ଯୋଗ ଦେବୁ ନିଶ୍ଚୟ ।

ନିଶ୍ଚୟ !

ପୁଣି ଯଦି ଗଉରୀ ମନା କରେ—

ନା, ଗଉରୀ ଘରକୁ ଯିବା ବନ୍ଦ କରି ଦେଇଚି ।

ସନ୍ତୋଷ ହସି ଉଠିଲା ଜୋରରେ, ସତେ ନା କଣ !

ସତ !

ବାଃ, ସୁନା ପିଲା ଆମର କାହ୍ନୁ । ଯିଏ ଭଲ ସେ ଭୁଲ କଲେ, ଦେଖାଇ ଦେଲେ ପୁଣି ଭଲ ହୋଇଯାଏ । ବାଟକୁ ଫେରି ଆସେ । କିନ୍ତୁ ଯେ ଖରାପ ସେ ସବୁ ବେଳେ ଖରାପ । ତାହେଲେ, ଓଃ, ଡଚେ ଭୋକ ହେଉଛି ଟରେ ! ତୁମି ତ ନାହିଁ କୁଆଡ଼େ ଯାଉଛ କାର୍ ନେଇ । ଆଣ୍ଟୁ ଏ ହରିଆ, ହରିଆ, ଜଳଖିଆ ଆଣ ତ ବାବୁଙ୍କ ପାଇଁ ।

ଜଳଖିଆ ଆସିଲା । ମାଂସ ଏକ ପ୍ଲେଟ ଆଉ ପରଟା କିଛି-ଖଣ୍ଡ । ଦୁଇ ତିନଥରରେ ସେତକ ଶେଷ କରି ଦେଲା କାହ୍ନୁ । ଓଃ, କି ଆରାମପ୍ରଦ !

ସନ୍ତୋଷ ଖଣ୍ଡେ ସିଗାରେଟ୍ ଦେଲା ।

ଏଇ ଯେ ସୁମିତା ।

ନମସ୍କାର କାହ୍ନୁବାବୁ ।

ନମସ୍କାର ।

ସୁମି, କାହ୍ନୁବାବୁ ଆସିଚନ୍ତି ପୁଣି । ପୁଣି ଗ୍ରୁପରେ ଯୋଗ ଦେଲେ ।

ସତେ ?

ହଁ, ସତରେ ।

କାହ୍ନୁ କହିଲା, ମୁଁ ଆସିଚି ସୁମି !

ମୁଁ ଡ୍ରେସ୍ ହୋଇ ଆସେ, ଆଜି ନଷ୍ଟପୁ ସିନେମା ଦେଖିଯିବା, ଭଲ ଫିଲ୍ମ ଅଛି ।

କାହ୍ନୁ ସିଗାରେଟ ଖାଇବାରେ ଲାଗିଲା । ସିଗାରେଟଟା ସରୁନାହିଁ ମୋଟେ । ଜୀବନଟା କି ସୁନ୍ଦର !

ସନ୍ତୋଷ କହିଲା, ରହିଯାଅ ଏଠି କେତେଦିନ ଏ କାଗଜ ଉପର ଜଏଣ୍ଟ୍ ମ୍ୟାନେଜିଂ ପାର୍ଟନର କରି ଦେବି ମୁଁ । ରହିଲେ ହେଲୁ । ଟଙ୍କା—ଟଙ୍କା ତ ବଜାରରେ ପଡ଼ିଛି । ଶିକ୍ଷିତ ବୁଦ୍ଧିମାନ ଯିଏ ସେ ଗୋଟାଇ ନେଇ ପାରିବ ଅକ୍ଲେଶରେ । ଆଉ ଏଇ ଅଶିକ୍ଷିତ ନିର୍ବୁଦ୍ଧିଆ ପଞ୍ଝାକ । ଖାଲି ଚିତ୍କାର କରିବେ—ଆମେ ମରିଗଲୁ, ଆମେ ସର୍ବହରା, ନିଃସ୍ୱ, ଅତ୍ୟାଚରିତ, ନିଷ୍ପୀଡ଼ିତ ! ଆମକୁ ଭାତ ଦିଅ, ଆମକୁ ଲୁଗା ଦିଅ । କିରେ ବାବା, ତମକୁ ଲୁଗା କିଏ ଦେବ ? ଭାତ କିଏ ଦେବ ? ଏଇ ନିର୍ବୁଦ୍ଧିଆ ପଞ୍ଝାକ ପ୍ରଥମେ ମୃତ୍ୟୁର ଶିକାର ହେବେ । ଆଉ ସେମାନଙ୍କର ରକ୍ତ ମାଂସରେ ବଢ଼ିବ ଆମର ଟଙ୍କା । ମନ୍ଦ କ'ଣ ?

ସୁମିତ୍ରା ଶାଢ଼ୀ ବଦଳାଇ ଆସିଲା । ନୀଳ ରଙ୍ଗର ଜର୍ଜେଟ ଶାଢ଼ୀ, ବେଶ ମାନୁଛି ଏକା । ଆଜି ସୁମିତ୍ରା ଅପୂର୍ବ ରୂପେ ସୁନ୍ଦରୀ ହୋଇ ଉଠିଛି ଯେପରି । ମୁଖରେ ଯୌବନର ରକ୍ତିମ ଆଭା, ଆଖିରେ ଚପଳ ଦୃଷ୍ଟି ଚାହାଣୀ, ଓଷ୍ଠରେ ମୃଦୁହସ । କି ସୁନ୍ଦର ସୁମିତ୍ରା ସତେ ! ଅନେକ, ଅନେକ ଦିନ ପରେ ଆଜି ସୁମିତ୍ରାକୁ ନୂଆ ରୂପରେ ଦେଖୁଛି ଯେପରି ! ସୁମିତ୍ରା ଆସି ବସିପଡ଼ିଲା ଗୋଟାଏ କାଉଚ୍ ଉପରେ । କୃଷ୍ଣ ଗଭାରୁ ଭାସି ଆସୁଛି ଇଭନିଂ-ଇନ୍-ପ୍ୟାରିସର ମନୋହର ଗନ୍ଧ ।

ସୁମିତ୍ରା କହିଲା, ସମସ୍ତ ହୋଇଗଲାଣି, ଶୋ ଆରମ୍ଭ ହେବ ଛଅଟା ପନ୍ଦରରେ···

କେତେଟା ହେଲାଣି ବର୍ତ୍ତମାନ ?

ଛଅଟା ବାଜିବାକୁ ମିନିଟିଏ ଅଛି !

ସନ୍ତୋଷ କହିଲା, ତମେ ସବୁ ଯାଆରେ, ମତେ ଆଜି କିପରି ଭଲ ଲାଗୁ ନାହିଁ ।

ତମର ତ ସବୁ ଦିନେ ସେଇ କଥା ।

ନାଇଁ ସୁମି ପ୍ରକୃତରେ ମତେ ଭଲ ଲାଗୁନାହିଁ । ଆଚ୍ଛା କାହ୍ନୁ ରହିଚୁ କେଉଁଠି ? ଏଠିକି ଚାଲି ଆସୁନୁ ? ଏଠି ରହିବାରେ ସୁବିଧା ହେବ ।

ଚେଷ୍ଟା କରିବ ।

ସୁମିତ୍ରା କାହ୍ନୁର ହାତ ଧରି କହିଲା, ଗପ କରିବାକୁ ବର୍ତ୍ତମାନ ସମୟ ନାହିଁ, ଆସ—

ଗଉରୀ ପଢୁଛି ।

ବାସାଂସି ଜୀର୍ଣ୍ଣାନି ଯଥା ବିହାୟ
ନବାନି ଗୃହ୍ଣାତି ନରୋଃ ପରାଣି
ତଥା ଶରୀରାଣି ବିହାୟ ଜୀର୍ଣ୍ଣା—
ନ୍ୟନ୍ୟାନି ସଂଯାତି ନବାନି ଦେହୀ ।

ବସା ପୁରୁଣା ହୋଇଗଲେ ପକ୍ଷୀ ଯେପରି ପୁରୁଣା ବସା ଛାଡ଼ି ଦେଇ ନୂଆ ବସା ତିଆରି କରେ, ଲୁଗା ପୁରୁଣା ହୋଇଗଲେ ଲୋକେ ଯେପରି ପୁରୁଣା ଲୁଗା ଛାଡ଼ି ନୂଆ ଲୁଗା ପିନ୍ଧନ୍ତି, ସେପରି ମଣିଷ ପୁରୁଣା ଦେହକୁ ଛାଡ଼ି ନୂଆ ଦେହ ଗ୍ରହଣ କରେ—ବାସାଂସି ଜୀର୍ଣ୍ଣାନି ଯଥା ବିହାୟ—ନବାନି—

ଗଉରୀ ।

କଣ ?

ଆତ୍ମହତ୍ୟା କରିବାକୁ ଚାହୁଁଚୁ ?

କେମିତି ଜାଣିଲ ?

ଏଇ ଯେ ବାସାଂସି ଜୀର୍ଣ୍ଣାନି—ଘର ହଇରାଣ ହଉଚୁ ନୁହେଁ ?

ଗଉରୀ କାନ୍ଦି ଉଠିଲା । କହିଲା, ପୁଣି କାହିଁକି ଆସିଲ କାହ୍ନୁ ଭାଇ ? ଦୁଇ ଦିନ ହେଲା ଆସି ନଥିଲ ବେଶ୍ ଥିଲି । କିଏ ଏଠିକି ଆସିବାକୁ କହିଲା ? ତମେ ଯାଅ, ଯାଅ କାହ୍ନୁ ଭାଇ ! ତମକୁ ମୋ ରାଣ ।

ଗଉରୀ ! ହରି ଟଙ୍କା ଅଛି, ତାକୁ ଚାହୁଁନୁ ? ମରିବାକୁ ବସିଚୁ କପରି ? ଆଉ ହଇରାଣ ହେବାକୁ ପଡ଼ିବ ନାହିଁ । ମୁଁ ଯେତେଦିନ

ଯାଏ ଅନ୍ତତଃ ବଞ୍ଚିଛୁ, ସେତେଦିନ ଯାଏ ତୋର କିଛି ଅସୁବିଧା ହେବ ନାହିଁ । ତୋ ଦେହରେ କେହି ଟିପ ବି ଦେଇ ପାରିବେନି ।

କାହ୍ନୁ ଭାଇ ଚାଲିଯାଅ, ଚାଲିଯାଅ ତମେ ! ମତେ ଶାନ୍ତିରେ ମରିବାକୁ ଦିଅ ।

ଦୁଃଖ କାହିଁକି ? ଅଭାବ, ଅନାଟନ, ଦୁଃଖ ଯନ୍ତ୍ରଣା ଭିତରେ ଆମର ଜନ୍ମ । କାନ୍ଦିବାକୁ ଆମର ଜନ୍ମ ହୋଇଚି, ହସିବାକୁ ନୁହେଁ । ଅଭାବରେ ଯାହାର ଜନ୍ମ, ଲୁହ ଯାହାର ଚିରସାଥୀ, ଅନାଟନ ଯାହାର ବନ୍ଧୁ, ନିରାଶା ଯାହାର ଭାଇ, ତାର ଆଉ ଦୁଃଖ କଣ ? ଦୁଃଖ ଯଦି ଦିନେ ହଠାତ୍ ଆସେ, ଯନ୍ତ୍ରଣା ଯଦି ଥରେ ହୁଏ, ନିରାଶା ଯଦି ଜୀବନରେ ଥରେ ମାତ୍ର ଆସେ, ତାହା ବାଧେ ପ୍ରାଣକୁ ପୀଡ଼ନ କରେ । କିନ୍ତୁ ଆମକୁ କଣ ବାଧିବ ଏସବୁ ? ଜୀବନ ପରା ଆମର ଅଶ୍ରୁରେ ଗଢ଼ା ! ଏଇଥିପାଇଁ ତୁ ଆତ୍ମହତ୍ୟା କରିବାକୁ ବସିଚୁ ? ଏଇଥିପାଇଁ ମଣିଷକୁ ମାରିବାକୁ ବସିଚୁ ? ଯୁଦ୍ଧ କରି ନପାରି, ଶତ୍ରୁ ସହିତ ଲଢ଼ି ନପାରି, ନିଜକୁ ଯିଏ ମାରିଦିଏ ତାଠାରୁ ଭଳି ଦୁର୍ବଳ, ତାଠାରୁ ଅଧିକ ଭୀରୁ ଆଉ କେହି ଅଛନ୍ତି ବୋଲି ମୋର ମନେ ହୁଏନା । ମୁଁ ଥାଉ ଥାଉ ତୋର ଆଉ ଭୟ କାହାକୁ ? ସନ୍ତୋଷର ଚାକିରୀକୁ ମୁଁ ଫିଙ୍ଗି ଦେଇଚି କେବଳ ତୋର ପାଇଁ । ଆଉ ଗୋଟାଏ ଚାକିରୀ କରୁଚି, ଆମର ଆଉ ଅଭାବ କଣ ?

କାହ୍ନୁ ରାସ୍ତା ଉପରକୁ ଚାଲିଆସିଲା ।

କି କାହ୍ନୁ ବାବୁ !

କାହ୍ନୁ ପଛକୁ ଚାହିଁଲା, ପଛରେ ସନ୍ତୋଷ ।

ସୁଣି ମୋହ ଲାଗି ଗଲାଣି କି ?

ସନ୍ତୋଷ ! କହନା କହୁଚ ।

ଓଃ ବୁଝିଲି, ଏଇଥିପାଇଁ ତାହେଲେ ତୁ ଯାଇଥୁ ଆମ ଘରକୁ ।

ମୋ ଇଚ୍ଛା ।

ଖାଲି ତ ଇଚ୍ଛା ! ସେଦିନ ଇଚ୍ଛା ତ ବାହାରୁ ନଥିଲା ?

ଐଶ୍ବର୍ଯ୍ୟ ପୃଥିବୀର ସବୁ ଜିନିଷ କିଣିପାରେ ସନ୍ତୋଷ, କିନ୍ତୁ ଗରିବର ସମ୍ମାନକୁ କିଣି ପାରେନା ।

ହାଃ-ହାଃ-ହାଃ ଗରିବ ଆଉ ସମ୍ମାନ, ସତେ ଯେପରି ଗରିବର ଗୋଟାଏ ସମ୍ମାନ ଅଛି !

ଗରିବକୁ ଏତେ ଘୃଣ୍ୟ ଭାବନା ସନ୍ତୋଷ—

ଗରିବକୁ ଭୁଲି ପୁଣି କାହ୍ନୁ ରହିପାରିବ ? ସୃଷ୍ଟି ପ୍ରଳୟ ହୋଇ ଗଲେ ବି ନୁହେଁ । ଆଚ୍ଛା କଣ ଠିକ କଲୁ ?

କହିଚି ।

ତା ହେଲେ ମୋ ପାଖରେ ଆଉ ଓକିଲି କରିବୁନି ?

ନା, ଏପରି ଅଭଦ୍ର ଅଶ୍ଳୀଳ ପାଖରେ ମୁଁ ଓକିଲି କରି ପାରେନା ।

ଖାଲି ତ ଭଦ୍ର ! ଖରି ମୁହଁ ହୋଇଗଲୁଣି, ବଦମାସ, ଚୋର !

ଗୋଟାଏ ଶକ୍ତ ଚାପୁଡ଼ା ଦେଲା ସନ୍ତୋଷ । ମୁଣ୍ଡ ବୁଲାଇ ଦେଲା କାହ୍ନୁର । ଚତୁର୍ଦ୍ଦିଗ ଅନ୍ଧାର ଦେଖାଗଲା । ଦେହର ସର୍ବାଙ୍ଗ ଜଳି ଉଠିଲା ଯେପରି ରାଗରେ । ସନ୍ତୋଷ ମଟରରେ ବସି ଷ୍ଟାର୍ଟ ଦେଉଚି । କାହ୍ନୁ କହିଲା, ସନ୍ତୋଷ ! ନିଶ୍ଚୟ ଏହାର ପ୍ରତିଶୋଧ ନେବ ।

ସନ୍ତୋଷ କାହ୍ନୁ ପାଖ ଦେଇ ତୀବ୍ର ବେଗରେ କାର୍ ଛୁଟାଇ ନେଲା । ଗୋଟାଏ ମୁହୂର୍ତ୍ତରେ ଅଦୃଶ୍ୟ ହୋଇଗଲା କାର । ସନ୍ତୋଷକୁ ଯଦି ହତ୍ୟା କରାଯାଇ ପାରନ୍ତା ! କାହ୍ନୁ ଆଖିରେ ଜମି ଆସୁଥିବା ଲୁହ ବିନ୍ଦୁକୁ କାମିଜରେ ପୋଛି ଦେଲା । ଅଫିସ ଟାଇମ୍

ହୋଇଗଲାଣି । ନୂଆ ଚାକିରି । କେତେ କଷ୍ଟରେ ମିଳିଛି, ଶୀଘ୍ର ଯିବାକୁ ହେବ ।

ଭିକାରୁଣୀଟିଏ ହାତ ପତାଇ ମାଗିଲା, ଆଜ୍ଞା ଟିକିଏ ଭଲ କରେ ଗା ବେଣ୍ଟା ।

କାହ୍ନୁ ଦୁଇ ପକେଟ ଅଣ୍ଡାଳି ଦେଖିଲା ଗୋଟାଏ ସୁଦ୍ଧା ପଇସା ନାହିଁ । କହିଲା, ନାହିଁ । ଭିକାରୁଣୀଟି ପୁଣି ହାତ ବଢାଇ କହିଲା, ଆଜ୍ଞା ଟିକିଏ ଭଲ କରେ ଗା ବେଣ୍ଟା—

ଭିକାରୁଣୀ ଯୌବନ ଅତିକ୍ରମ କରି ଯାଇଛି । ଦେହରେ ଛିନ୍ନ ଲୁଗା । ଦେହର ଅଧିକାଂଶ ଭାଗ ଉନ୍ମୁକ୍ତ । ଜୀର୍ଣ୍ଣ ଶୀର୍ଣ୍ଣ ଶାଢୀ ଖଣ୍ଡିକ ସମ୍ପୂର୍ଣ୍ଣ ରୂପେ ଲୁଚାଇ ପାରୁନି ଦେହକୁ । ଆଖି କୋଣରେ ଲାଗି ରହିଛି କେତେ ବିନ୍ଦୁ ଅଶ୍ରୁ । କି ଉତ୍କଟ କି ଭୀଷଣ ଏଇ ଦାରିଦ୍ର୍ୟ ? କେତେ ଜଣ ବାବୁ ଭିକାରୁଣୀ ଦେହର ମୁକ୍ତ ଅଂଶ ଉପରେ ହିଂସ୍ର ଲୋଲୁପ ଆଖି ପକାଇ ଚାଲି ଗଲେ । କି କୁତ୍ସିତ ଏଇ ଦୃଷ୍ଟି ! ଏ ଭିକାରୁଣୀ ଦେହରେ କାହିଁ ସେଇ ଯୌବନ ଯାହାକୁ ବାହାରର ଅସଂଖ୍ୟ ଶିକ୍ଷିତ ଲୋଲୁପ ଆଖି ଖୋଜୁଛି ?

ବାହାରର ଜନତା କହେ, କାହ୍ନୁ ପାପୀ, କାହ୍ନୁ ଦୁଷ୍ଟଚରିତ୍ର, ମିଥ୍ୟାବାଦୀ, ମଦ୍ୟପ । ଜନତାର ଏ କଳଙ୍କ ନିକଟରେ ଆତ୍ମ ନିବେଦନ କରିବ, ନା ନିଜକୁ ଏ କଳଙ୍କରୁ ଉଦ୍ଧାର କରିବ ?

ସନ୍ତୋଷ କି ଅଭଦ୍ର ! ସନ୍ତୋଷ ବନ୍ଧୁ ହୋଇ ପାରେ, ଆଶ୍ରୟ ଦାତା ହୋଇ ପାରେ, ଦୟାଶୀଳ ହୋଇପାରେ । କିନ୍ତୁ ଐଶ୍ବର୍ଯ୍ୟ ତାର ମନୁଷ୍ୟତ୍ୱକୁ ମାରି ଦେଇଛି, ସଇତାନ ଜାଗି ଉଠିଛି ତା ଦେହର ରନ୍ଧ୍ରେ ରନ୍ଧ୍ରେ । ସନ୍ତୋଷ ବିରୁଦ୍ଧରେ କି ଯୁଦ୍ଧ କରିବ ସେ ? ସନ୍ତୋଷର ଧନ ଅଛି, କ୍ଷମତା ଅଛି, ମାନ ସମ୍ମାନ ଅଛି । କିନ୍ତୁ ତାର କଣ ଅଛି ? ନା ପ୍ରତିପତ୍ତି, ନା ଐଶ୍ବର୍ଯ୍ୟ, ନା କ୍ଷମତା ! ଏତେବେଳେ

ଯାଏ ବି ମୁଣ୍ଡଟା ବୁଲାଉଚି । ଓଃ, ପ୍ରତିଶୋଧ ନେବାକୁ ହେବ । ହାଃ-ହାଃ-ହାଃ କପରି ନେବ ସେ ପ୍ରତିଶୋଧ ? କାଙ୍ଗାଳ କାହିଁ ପ୍ରତିଶୋଧ ନେଇ ପାରିବ ? ଅସମ୍ଭବ, ଅସମ୍ଭବ ।

କେଉଁଦିନ ଏ ଦୁଃଖ ଶେଷ ହେବ ? କେଉଁଦିନ ଏ ଯନ୍ତ୍ରଣା ଶେଷ ହେବ ? କେଉଁଦିନ ଏ ଦାରିଦ୍ର୍ୟ ବିଦାୟ ନେବ ? ତା ଅପେକ୍ଷା ମୃତ୍ୟୁ ବରଂ ଶ୍ରେୟସ୍କର । ଆତ୍ମହତ୍ୟା ଯଦି କରି ହୁଅନ୍ତା ! ନା ନା ନୈତିକହତ୍ୟା ଯଦି କରି ହୁଅନ୍ତା ! ଛି, ଗାନ୍ଧିଜୀଙ୍କୁ ପଚାରି ଉପଦେଶ ଦେଉଥିଲି ! ଯେ ଆତ୍ମହତ୍ୟା କରେ ସେ ଦୁର୍ବଳ ଭୀରୁ କାପୁରୁଷ । ପରାଜୟକୁ ସହ୍ୟ ନକରି ପାରି ଦେହକୁ ଦେବ ମୃତ୍ୟୁଦାନ ?

ଉପରେ ଉଦାର ଶାନ୍ତ ଗମ୍ଭୀର ଆକାଶ, ଦୂର ଦିଗ୍‌ବଳୟର ସୁନ୍ଦର ମନୋରମ ଅପୂର୍ବ ଶ୍ରୀ, ମାଟି ଓ ଫୁଲର ଗନ୍ଧ ଜୀବନକୁ ବାନ୍ଧି ଧରୁଚି ଯେପରି । ରେଳ ଷ୍ଟେସନ । ଷ୍ଟେସନ ଆରପାଖେ ଅଫିସ । ଅଫିସ ଦେଖାଯାଉଚି । ଗୋଟାଏ ଇଂଜିନ୍ ଚିତ୍କାର କରି ଧାଇଁଚି । କେତେଟା ରିକ୍‌ସାବାଲା ମଧ୍ୟାହ୍ନ ଟ୍ରେନର ଅପେକ୍ଷାରେ ଅଛନ୍ତି । ରିକ୍‌ସାରେ ବସି ଗୋଟାଏ ଲୋକ ଗଲା । ପୋଲିସ । କାନ୍ଧରେ ପିତଳ ବ୍ୟାଜ୍, ଏସ୍. ପି., ସୁପରିନ୍‌ଟେଣ୍ଡେଣ୍ଟ ଅଫ୍ ପୋଲିସ । ଆଉ କଣ ହୋଇ ପାରେ ? ସୋସଲିଷ୍ଟ ପାର୍ଟି, ସ୍ପେଲିଂ ମିଷ୍ଟେକ୍, ସୁନନ୍ଦା ପଟ୍ଟନାୟକ, ସନ୍ତୋଷ ପଟ୍ଟନାୟକ, ସୁମିତ୍ରା ପଟ୍ଟନାୟକ, ସାଉଥ ପୋଲ୍......

ସେଦିନ ଅପାର ବାହାଘର ହେଉଥିଲା । ସେତେବେଳେ ତାକୁ ମୋଟେ ସାତ ବର୍ଷ । ଗୋଟାଏ ବଗିଡ଼ ଛୁଆକୁ ଟିଣ୍ଟ ଡବା ଭିତରେ ଭର୍ତ୍ତିକରି ରଖିଥିଲା ସେ, ବାହାଘରର ଗହଳି ମଧରେ କାଳେ ହଜି ଯିବ ଛୁଆଟି । ତାପରଦିନ ସକାଳେ ଡବା ଖୋଲି ଦେଖିଲା ବେଳକୁ ବଗିଡ଼ ମରିଯାଇଚି । ବାହାଘରର କୋଳାହଳ ମଧ୍ୟରେ

ହଜିଲା ନାହିଁ ସେ, ହଜିଲା ଜୀବନ ଓ ମରଣର କୋଳାହଳ ମଧ୍ୟରେ । କି କଷ୍ଟ ନପାଇ ମରିଥିବ ସେ ! ତାର ଅଭିଶାପ, ତାର ଦୀର୍ଘ ନିଶ୍ୱାସ ହୁଏତ ତା ଉପରେ ପଡ଼ୁଛି । ସେ କଣ ଇଚ୍ଛା କରି ମାରି-ଥିଲା ତାକୁ ? ଅଜାଣତରେ; ସମ୍ପୂର୍ଣ୍ଣ ଅଜାଣତରେ । ହେ ଭଗବାନ କ୍ଷମା ଦିଅ ! ଅଜ୍ଞାନ ଅବସ୍ଥାରେ ମାରିଚି, ମତେ କ୍ଷମା ଦିଅ । କ୍ଷମା ? କ୍ଷମା କିଏ ଦେବ ? ଭଗବାନଙ୍କୁ ଯିଏ ଉପହାସ କରେ ତାକୁ ଭଗ-ବାନ କ୍ଷମା ଦେବେ, ନୁହେଁ ? ଚମତ୍କାର । ଭଗବାନ ପାପୀକୁ କ୍ଷମା ଦିଅନ୍ତି ନାହିଁ, ନାସ୍ତିକକୁ ଦିଅନ୍ତି ନାହିଁ, ଦିଅନ୍ତି ଭକ୍ତଙ୍କୁ, ନିର୍ଦ୍ଦୋଷକୁ । ଆଉ ଯେତେ ପାପ କଲେ ମଧ୍ୟ ଧର୍ମୀକୁ । ରଖ ତମର ଭଗବାନ ! ଯୋଉ ତ ଭଗବାନ !

ଆଗରେ ଅଫିସ, ଅଫିସ ସମୟ ହୋଇଗଲାଣି । ତର ତର ହୋଇ ଅଫିସ ଭିତରକୁ ପଶିଗଲା କାହ୍ନୁ ।

କାହ୍ନୁ ଆସି ଦେଖିଲା ଗଉଡ଼ଙ୍କ ଘରେ ନିଆଁ ଲାଗି ଜଳୁଚି । ରାସ୍ତା ଉପରେ ଗଉଡ଼ଙ୍କ ହରିକୁ କାଖେଇ ଠିଆ ହୋଇ କାନ୍ଦୁଚି । କେତେ ଜଣ ନିଆଁ ଉପରକୁ ପାଣି ପକାଉଛନ୍ତି । ଘର ସମ୍ପୂର୍ଣ୍ଣ ରୂପେ ଜଳି ସରିଲାଣି । କାହ୍ନୁ ଜନତା ଠେଲି ଗଉଡ଼ଙ୍କ ପାଖକୁ ଗଲା ।

କହିଲା, ଗଉଡ଼ଙ୍କ, ଚାଲନା ମୋ ଘରକୁ । ନିଆଁ ଲାଗି ଘର ତ ଶେଷ ହୋଇ ଗଲାଣି । ଆଉ ଭାବିଲେ କଣ ହେବ ? ଆସ, ଆସ ମୋ ଘରକୁ ।

କାହ୍ନୁ ଆଗେ ଆଗେ ଚାଲିଲା । କାହ୍ନୁର ହାତ ଧରିଥାଏ ହରି । ହରି ପଛେ ପଛେ ଗଉଡ଼ଙ୍କ ।

କେମିତି ଲାଗିଲା ନିଆଁ ?

ମୁଁ ତ ଖାଇସାରି ଶୋଇଚି—

କଣ ଚୁଲିରୁ ଲାଗିଗଲା ?

ଆଜି ଚୁଲି ଜମା ଲାଗିନି ।

ତେବେ ଲାଗିଲା କେମନ୍ତ ? କିଏ ବାହାର କରିନୁ ?

କଣ ଥିଲା କି ବାହାର କରନ୍ତି ?

ହଠାତ୍ ଆଗରେ ଆସି ରହିଗଲା ସନ୍ତୋଷର ମଟର । ସନ୍ତୋଷ ବାହାରକୁ ମୁହଁ ବାହାର କରି କହିଲା,ବେଶ୍ ମାନୁଚି ଏକା ! ଘର ତ ପୋଡ଼ିଗଲା, ଯାଉଚ କୁଆଡ଼େ ?

କାହ୍ନୁ ପାଟି କଲା, ତୁଇ ଲଗାଇଚୁ ନିଆଁ ।

ମୁଁ ଲଗାଇଥିଲେ ବି ତୁ କଣ କରିବୁ ? ହାଃ ହାଃ ହାଃ — ସନ୍ତୋଷ ଡ୍ରାଇଭ କରି ଚାଲିଗଲା । ପଛରୁ ପେଟ୍ରୋଲ ପୋଡ଼ିର ଗନ୍ଧ ଆସୁଥାଏ ।

ଯାଉ, ପୋଡ଼ିଗଲା ତ ।

ତାକହେଁ ଆସି ପହଞ୍ଚିଲେ କାହ୍ନୁର ବସାରେ ।

କି ନିଷ୍ଠୁର ଏଇ ସନ୍ତୋଷ ! ଗୋଟିଏ ଅସହାୟାର ସର୍ବସ୍ୱ ଲୁଟି କରିବାକୁ ତା ହାତ ଗଲା କିପରି ? ଏତେ ଐଶ୍ବର୍ଯ୍ୟ କଣ ସନ୍ତୋଷକୁ ସନ୍ତୋଷ କରି ପାରିନି ? ଗୋଟିଏ ଗରିବ ଘରେ ନିଆଁ ଲଗାଇ କି ଆନନ୍ଦ ପାଇଲା ସେ ?

ଗ୍ରାମକୁ ଆଉ ନାହିଁ । ମାଲିକ କହିଲେ, ଚରିତ୍ରହୀନ ଲୋକଙ୍କୁ ଗ୍ରାମରେ ରଖାଯାଏ ନାହିଁ । ଆଉ ଚରିତ୍ରବାନ କିଏ ? ସନ୍ତୋଷ ? ଭଗବାନ ଏ ଦୁଃଖ ଉପରେ ଦୁଃଖ କାହିଁକି ଦେଉଛ ? ଦୁଃଖ ସହିବାର ସୀମା ଅଛି । କିନ୍ତୁ ସେ ସୀମା ଅତିକ୍ରମ କଲେ ?

ଘର ପରିଷ୍କାର କଲା ଗଉରୀ । କାହ୍ନୁ କହିଲା, ତମେ ମା ପୁଅ ଦୁହେଁ ଏଇ ଘରେ ଶୁଅ, ମୁଁ ବାରଣ୍ଡାରେ ଶୋଇବି ।

ସନ୍ତୋଷ, ସନ୍ତୋଷର ଉଷ୍ମ ତପ୍ତ ରକ୍ତରେ ସ୍ନାନ କଲେ କେତେ ଆନନ୍ଦ ମିଳନ୍ତା ! କି ନିର୍ମମ ! କି କଠୋର ! କି ହୃଦୟ-ହୀନ ଏଇ ସନ୍ତୋଷ !

* * * *

ଆକାଶରେ ବିଳମ୍ବିତ ଚନ୍ଦ୍ରୋଦୟ ।

ଚନ୍ଦ୍ର ଦେଖା ଯାଉ ନାହିଁ । କିନ୍ତୁ ଚନ୍ଦ୍ରର ଆଲୋକ ଦେଖା ଯାଉଛି । ସେହିପରି ହୁଏତ କାହ୍ନୁ ଲୁଚି ଯାଇପାରେ କିନ୍ତୁ କାହ୍ନୁର ଆଲୋକ ଚିର ଦିନ ଲାଗି ଦେଖାଯିବ । ଆଜି ହୁଏତ ଶେଷ ଦିନ । ଆଉ କେବେ ଚନ୍ଦ୍ରୋଦୟ ଦେଖି ପାରିବ କି ନାହିଁ କିଏ ଜାଣେ ? କେଉଁ ଦୂରରୁ ବଂଶୀରେ ଭାସି ଆସୁଛି ଗୋଟିଏ ସଙ୍ଗୀତର କରୁଣ ଆଳାପ । କାମିନୀ ଫୁଲର ଗନ୍ଧ ମୃଦୁ ପବନରେ ଭାସି ଆସୁଛି । କେଉଁଠି ପ୍ରାସାଦର ସିଲ୍‌ହୋଏଟ୍ ଦେଖାଯାଉଛି । ହେ ପ୍ରେୟସୀ !

ହେ ମାତା ! ହେ ଜନ୍ମଦାତ୍ରୀ ! ବିଦାୟ, ବିଦାୟ ! ଜାଣେନା ଆଉ କେବେ ତୋ ସଙ୍ଗେ ଦେଖା ହେବ କି ନାହିଁ ! ଜାଣେନା ଆଉ କେବେ ତୋ କୋଳରେ ହସିବି କି ନାହିଁ, ତଥାପି ହେ ମାତା ! ତୋର ସ୍ନେହ ମୁଁ ଭୁଲିଯିବି ନାହିଁ । ଜୀବନ ପରେ ମୃତ୍ୟୁ, ଆଉ ମୃତ୍ୟୁ ପରେ ଜୀବନ । ତୋ କ୍ରୋଡରେ ଜନ୍ମ ନେଲି ଯେଉଁ ଦିନ ସେ ଦିନ ମୁଁ କାନ୍ଦିଥିଲି, ଅନ୍ୟମାନେ ହସିଥିଲେ କିନ୍ତୁ ଆଜି ପୁଣି ମୃତ୍ୟୁକୁ ଫେରିଯିବି ହସି ହସି । ଜାଣେନା ଆଉ କିଏ କାନ୍ଦିବ କି ନାହିଁ । ହେ ମାତା, ହେ ସ୍ନେହଶୀଳା, ହେ ଜନନୀ, ରଜନୀର ଏ ନିର୍ଜନ ଅଙ୍କରେ ମୁଁ ବିଦାୟ ମାଗୁଛି, ମୋତେ ଆଶୀର୍ବାଦ କର । ମତେ ସାହସ ଦିଅ । ଯେପରି ମୁଁ ଭୀରୁ ପରି ପଳାୟନ ନକରେ, ସାହସର ସହିତ ମୃତ୍ୟୁକୁ ବରଣ କରେ । ହେ ପୃଥିବୀ ! ବିଦାୟ, ବିଦାୟ ।

ସନ୍ତୋଷ ବେଶ ଆରାମରେ ନିଦ୍ରା ଯାଇଥିଲା । ଏପରି ଅବସ୍ଥାରେ ମାରିବା କଣ ଉଚିତ ? ଆଖିରୁ ନିଦ୍ରା ପଳାଇବ ଯେପରି । ମାକ୍‌ବେଥ୍‌ଙ୍କ ପରି ସେ ହୁଏତ ହତ୍ୟା କରିବ ନିଦ୍ରାକୁ !

ଗଉରୀ ହରିକୁ ନେଇ ଶୋଇଛି । ସେ କଣ ଜାଣିବ ଏକଥା ? ଦୁଃଖିନୀ ଅସହାୟା ବିଧବା ! କେତେ ଦୁଃଖ ନ ପାଇଲା । କେତେ କଷ୍ଟ ନ ସହିଲା । ଠିକ୍ ହୋଇଛି । ଏହା ଛଡା ଆଉ କି ପ୍ରତିଶୋଧ ନିଆଯାଇ ପାରିଥାନ୍ତା ? ସର୍ବାଙ୍ଗ ଏବେ ବି ଥରି ଉଠୁଛି । ଦେହର ପ୍ରତି ରକ୍ତ ଯେପରି ଅଥୟ ହୋଇ ପଡ଼ିଲାଣି ମୃତ୍ୟୁକୁ ବରି ନେବାକୁ । ଗଉରୀକୁ ଉଠାଇ ଲାଭ କଣ ? ନା ସେ ଶୋଇଥାଉ ।

ଚତୁର୍ଦ୍ଦିଗ ନିର୍ଜନ । ରଜନୀର ଏ ନିଦ୍ରାବିଭୋର ମୁହୂର୍ତ୍ତ କି ଭୀଷଣ, କି ଉତ୍କଟ ! ଅସହ୍ୟ ଏ ନୀରବତା !

ବାପାଙ୍କର କେତେ ଆଶା ନିରାଶରେ ପରିଣତ ହୋଇଯିବ । ଭଉଣୀମାନେ ବାହା ହେବେ, କରଜ ଟଙ୍କା ଶୁଝା ଯିବ, ଘରେ

ଅବସ୍ଥା ବଦଳି ଯିବ । କେତେ ଆଶା, କେଉଁଠା ସଫଳ ହେଲା ? ଅଦୃଷ୍ଟ ମନୁଷ୍ୟକୁ ଦାନ କରିଚି ଅପୂର୍ଣ୍ଣତା । ଅପୂର୍ଣ୍ଣ, ଖଣ୍ଡ ଜୀବନ ମଣିଷର । କାହିଁକି ଏପରି କଲା ? ଉପରର ଆକାଶ, ଚତୁର୍ଦ୍ଦିଗର ପ୍ରକୃତିର ଅଖଣ୍ଡ ନୀରବତା, ଜୀବନକୁ ଟାଣି ଧରୁଚି ଯେପରି । କି ସୁନ୍ଦର ଏ ଜୀବନ ! ମରିବାକୁ ଇଚ୍ଛା ହେଉନାହିଁ ଜମା !

କିଏ ?

ଗଉରୀ ଉଠିଚି । ପଳାଇ ଯିବାକୁ ହେବ । କାହ୍ନୁ ପଳାଇବାକୁ ବସିଛି । ଗଉରୀ ବାହାରି ପଡ଼ିଲା ଘରୁ । କିଏ ?

ମୁଁ ।

କିଏ ?

ମୁଁ କାହ୍ନୁ, ମୁଁ ଆସିଚି ଗଉରୀ ।

ତମେ ଦୁଇ ଦିନ ହେଲା କେଉଁଠି ଥିଲ ?

ମୁଁ ଚାଲି ଯାଉଚି ବର୍ତ୍ତମାନ । କାମ ଅଛି, ପରେ—

ଚିଠିଟା ନେଇଯାଅ ।

ଆଜି ହସାଇଲା ଗଉରୀ ଜୀବନର ଶେଷ ଦିନରେ । ଚିଠି କଣ ହେବ ?

ଚିଠିଟାଏ ଆସିଥିଲା, ବାପା ଦେଇଚନ୍ତି ।

ଗଉରୀ ଘର ଭିତରକୁ ଗଲା । ଚିଠି ଆଣି ଚିଠି ପକାଇ ପଢ଼ିଲା—

ବାବୁରେ !

ତୋ ଠାରୁ ଚିଠି ପାଇନାହୁଁ । ପ୍ରତି ଡାକକୁ ଚାତକ ପରି ଚାହିଁ ବସିଚୁ । କିନ୍ତୁ ଚିଠି ଦେଖା ନାହିଁ । ତୁ କୁଆଡୁ ବାପା ମାଙ୍କର ମନ କଥା ବୁଝିବୁ ? ବାପା ହେଲେ ଜାଣିବୁ ବାପ । ସୁରମାକୁ ତିନି ଦିନ ହେଲା ଜର । ମରିବ କି ବଞ୍ଚିବ ଠିକ୍ ନାହିଁ । ତତେ ସବୁବେଳେ ଖୋଜୁଚି । କହୁଚି, ବଡ଼ ଭାଇ କାହିଁ ? ତୁ ଆସିବୁ ଥରେ ।

ତୋର ସେ ସ୍ଥାନ ଭଉଣୀ ପରା! ଆମେ ଆସି ବୁଢ଼ା ବୁଢ଼ୀ ହେଲୁ । ଘରର ଦାୟିତ୍ୱ ଏଥର ତୋ ଉପରେ । ତତେ ଆଶା କରି ବସିଚୁ—

ଥାଉ ଥାଉ ଗଉରୀ—

ଗଉରୀ ଚିଠି ପଢ଼ା ବନ୍ଦ କରି ଚାହିଁଲା କାହ୍ନୁ ଆଡେ ।

ଥାଉ ପୁଣି ତାକୁ ପଢ଼ ନାହିଁ । ହୃଦୟରେ ଦୁର୍ବଳତା ଆସୁଚି । ପୁଣି ବଞ୍ଚି ରହିବାକୁ ଇଚ୍ଛା ହେଉଚି । ବନ୍ଦ କର । ଆଜି ଯେତେ-ବେଳେ ମୁଁ ମରଣ ଦ୍ୱାରରେ ଆଗେଇ ଚାଲିଚି ସେତେବେଳେ ଏ ପଶ୍ଚାତ ଆହ୍ୱାନକୁ ବନ୍ଦ କର ଗୌରୀ, ବନ୍ଦ କର । ଗଉରୀ ଜାଣିଚ ? ଆଜି ମୁଁ ମାରି ଦେଇଚି ସନ୍ତୋଷକୁ । ଏଇ ଦୁଇଟି ହାତରେ, ଏଇ ଦୁଇଟି ସୁନ୍ଦର ନରମ ହାତରେ, ମୁଁ ମାରି ଦେଇଚି ସନ୍ତୋଷକୁ ।

'ଆ' ଗଉରୀ ଚିତ୍କାର କରି ଉଠିଲା, ହାତରୁ ଟର୍ଚ୍ଚଟା ଖସି ପଡ଼ି କାଚ ଝଣ ଝଣ ହୋଇ ଭାଙ୍ଗିଗଲା !

ବିଦାୟ, ଗଉରୀ ବିଦାୟ । ମୁଁ ଯିବି ମୃତ୍ୟୁକୁ ଆଉ ତମେ ଜୀବନକୁ । ଦୁଃଖ କରିବନି ଭଉଣୀ । ଆଲୋକ ପରେ ଅନ୍ଧାର ଆସେ, ଅନ୍ଧାର ପରେ ଆସେ ଆଲୋକ । ଜୀବନ ପରେ ମୃତ୍ୟୁ, ଆଉ ମୃତ୍ୟୁ ପରେ ଜୀବନ । ତେଣୁ ମୋ ପାଇଁ ଦୁଃଖ କରିବନି । ସମୟ ହେବ ତମର ସହାୟ......ଛି, ଗଉରୀ କାନ୍ଦୁଚୁ ? ଏ ଶୁଭ ମୁହୂର୍ତ୍ତରେ କ୍ରନ୍ଦନ ଅଶ୍ରୁ କାହିଁକି ? ବର୍ତ୍ତମାନ କାନ୍ଦିବାର ସମୟ ନୁହେଁ । ସାହସ ବାନ୍ଧିବାର ସମୟ । ଯୁଦ୍ଧ କ୍ଷେତ୍ରରେ ବୀର କାନ୍ଦେ ନାହିଁ । କାନ୍ଦେ ଭୀରୁ, ପରାଜିତ । କାନ୍ଦନା । ଆସୁ ମୁଁ ତା'ହେଲେ ଚାଲିଲି—

କାହ୍ନୁ ଚାଲି ଯାଉଥିଲା । ଗଉରୀ ଡାକିଲା, କାହ୍ନୁ ଭାଇ !

କାହ୍ନୁ ପଛକୁ ଫେରି ପଚାରିଲା, କଣ ?

କୁଆଡ଼େ ଯାଉଚ ?

ମୁଁ, ମୁଁ ତ ମରି ଯାଇଚି ଗଉରୀ ଯେଉଁ ମୂହୂର୍ତ୍ତରେ ସନ୍ତୋଷକୁ ମାରିଲି ସେଇ ମୂହୂର୍ତ୍ତରୁ । ତୋ ପାଖରେ ରହି ତୋ ଜୀବନ ନଷ୍ଟ କରିବାକୁ ଚାହେଁ ନାହିଁ । ବର୍ତ୍ତମାନ ମୁଁ ପ୍ରେତ, ପ୍ରେତ ! ପ୍ରେତ ହୋଇଚି ଆମରି ମଙ୍ଗଳ ପାଇଁ । ଦଧିଚି କଥା ପଢ଼ିଚୁ ? ଦଧିଚି ହାଡ଼ ଦେଇଥିଲେ ସମୁତାନମାନଙ୍କ ଧ୍ୱଂସରେ ଲାଗିବ ବୋଲି । ମୁଁ ଆଜି ଏ ଦେହ ଦାନ କରିଚି । ଆସ୍ତୁ ମୁଁ ଯାଉଚି ତେବେ— । ହରିକୁ ଆଶୀର୍ବାଦ । ହୁଁ···ଦୁର୍ବଳତା ଆସୁଚି । ଏଠି ଆଉ ମୂହୂର୍ତ୍ତେ ରହି ପାରିବ ନାହିଁ । ବାପାଙ୍କ ପାଖକୁ ଖବର ଦେବୁ ମୁଁ ମରି ଯାଇଚି ଆକସ୍ମିକ ଭାବରେ, ଏକ ଦୁର୍ଘଟଣାରେ ! ଯାଉଚି, ଥାଅ ଭଉଣୀ—

କାହ୍ନୁ ଦ୍ରୁତ ଗତିରେ ଚାଲିଗଲା ।

ଗଉରୀ ପଛରୁ ଡାକିଲା, କାହ୍ନୁ ଭାଇ, ଭାଇ ! ଭାଇ ! ଫେରି ଆସ—ଫେରି ଆସ···

ଡାକି ଡାକି ତଳେ ପଡ଼ିଗଲା ସେପରି !

ବାଣପୁର—୧୯୪୯

# ଏହାପରେ ପଢ଼ନ୍ତୁ

### ଯତୀନ୍ଦ୍ର କୁମାର ଦାସଙ୍କର

# ମାନସୀ

ମନର ବେଦନା, ହୃଦୟର ଆଶା, ଆଖିର ଲୁହ ବୋଳା କାହାଣୀ । ଖଣ୍ଡିଏ ଚିତ୍ତାକର୍ଷକ ଉପନ୍ୟାସ । ଦ୍ୱିରଙ୍ଗ ପ୍ରଚ୍ଛଦପଟ୍ଟ, ପରିଷ୍କାର ମୁଦ୍ରଣ, ଆଣ୍ଟିକ୍ କାଗଜ, ସୁଦୃଶ୍ୟ ବନ୍ଧାଇ, ମନଲୋଭା ପଚିଶପାଠୀ । ମୂଲ୍ୟ—ଦୁଇଟଙ୍କା ।

# ଜୀବନ-ଜଳେ

ଜୀବନର ଏକ ଅଶ୍ରୁ ବୋଳା ଅଧ୍ୟାୟ ।

ଉପନ୍ୟାସ

ଅବନ୍ଧା : ଏକଟଙ୍କା ଚାରିଅଣା

ବନ୍ଧାଇ : ଏକଟଙ୍କା ବାରଅଣା